ଚଉତିଶା-ମଧୁଚକ୍ର

ପ୍ରାଚୀ ସମିତି

Digitized by srujanika@gmail.com

ଚଉତିଶା-ମଧୁଚକ୍ର

(ପଞ୍ଚମ ଖଣ୍ଡ)

ପ୍ରାଚୀ ସମିତି ପକ୍ଷରୁ

ଶ୍ରୀ ବିନ୍ଦଚରଣ ପଟ୍ଟନାୟକ ବି. ଏ. ଙ୍କ ଦ୍ୱାରା

ସଙ୍କଳିତ

ଓ

ଚଉତିଶା ଚନ୍ଦ୍ରିକା ଟୀକା ସହ

ସମ୍ପାଦିତ

ପ୍ରକାଶକ

ପ୍ରାଚୀ ସମିତି

କଟକ

୧୯୩୩

Digitized by srujanika@gmail.com

ପ୍ରଥମ ମୁଦ୍ରଣ ୧୯୫୬

ପ୍ରାପ୍ତିସ୍ଥାନ
ପ୍ରାଚୀ ବୁକ୍‌ଷ୍ଟଲ୍
ପୋ: ଅ: ଚୁନାମାରୀକ,
କଟକ ।

Digitized by srujanika@gmail.com

ଉପହାର

Digitized by srujanika@gmail.com

ସୂଚୀପତ୍ର

୪୬ କୋଷ—ଚଷ୍ଠାଉ ଚଉତିଶା (ଉପେନ୍ଦ୍ର ଭଞ୍ଜ) ପୃ ୧

୪୭ କୋଷ—ଯଶୋଦା ଚଉତିଶା (ପୀତାମ୍ବର ଭଞ୍ଜ) ପୃ ୪

୪୮ କୋଷ—ସଙ୍ଗିନୀ ଚଉତିଶା (ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା) ପୃ ୧୦

୪୯ କୋଷ—ସୀତାବିଚ୍ଛେଦ ଚଉତିଶା (ପରମାନନ୍ଦ) ପୃ ୨୨

୫୦ କୋଷ—ରାଧାମାଧବ ଚଉତିଶା (ମଦନ) ପୃ ୨୮

୫୧ କୋଷ—କମଳଦଳ ଚଉତିଶା (ଗୋକୁଳ ନରେନ୍ଦ୍ର) ପୃ ୩୪

୫୨ କୋଷ—ରାଧାମୋହନ ଚଉତିଶା (ନିତ୍ୟାନନ୍ଦ) ପୃ ୪୦

୫୩ କୋଷ—ସାରଙ୍ଗଦୃଗ ଚଉତିଶା (କୃପାସିନ୍ଧୁ ସୁମନ୍ତ) ପୃ ୪୬

୫୪ କୋଷ—ରାଧାବିରହ ଚଉତିଶା (କେଶବ) ପୃ ୫୮

୫୫ କୋଷ—ଉଦ୍ଧବ ଚଉତିଶା (କୃପାସିନ୍ଧୁ ସୁମନ୍ତ) ପୃ ୬୯

୫୬ କୋଷ—ରସକଦମ୍ବ ଚଉତିଶା (ଲୋକନାଥ ଧୀବର) ପୃ ୭୫

୫୭ କୋଷ—ଫୁଲବଉଳବେଣୀ ଚଉତିଶା (ବୈଷ୍ଣବଚରଣ) ପୃ ୮୩

୫୮ କୋଷ—କୋଳାହଳ ଚଉତିଶା (ଅଜ୍ଞାତ) ପୃ ୮୮

୫୯ କୋଷ—ପ୍ରୀତିଚିନ୍ତାମଣି ଚଉତିଶା (ବୈଷ୍ଣବଚରଣ) ପୃ ୯୮

୬୦ କୋଷ—ରାଧାକୃଷ୍ଣ ମିଳନ ଚଉତିଶା (ସୁଦର୍ଶନ ପଟ୍ଟନାୟକ) ପୃ ୧୦୬

Digitized by srujanika@gmail.com

ଚଉତିଶା ମଧୁଚକ୍ର

ଚିଟାଉ ଚଉତିଶା

(ଉପେନ୍ଦ୍ରଭଞ୍ଜ)

ରସିକ ପ୍ରେମିକ କଳାପ୍ରାଣ ଏହି ଯୁବତୀ ଜାତର ଅନ୍ତରାତ୍ମା ପୂର୍ଣ୍ଣ ଓ ପ୍ରବୃଦ୍ଧ ଭାବେ କବିବର ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କବିତାରେହିଁ ପ୍ରତିଫଳିତ । ଏହି ଚିଟାଉ ଚଉତିଶାର ଛୁଟ ଅବୟବରେ ଉକ୍ତ ନାରୀର ରସିକତାମୟୀ ମାଦକତାମୟୀ ପ୍ରତିଭାର ବହୁ ନିଦର୍ଶନ ମତାଚ୍ଛନ୍ନ ପ୍ରମାଣ ରହିଅଛି । ସେଥିପାଇଁ ଓଡ଼ିଆର ଗଣ୍ଡଧନ ଭଣ୍ଡାରର ସଂଗୃହୀତ ଛୁଟ କବିତା ମଧ୍ୟରୁ ଏ ଚଉତିଶାଟି ଏକତମ ।

ଅଷ୍ଟାଦଶଶୃଙ୍ଖ ବାଣୀ

କନକଙ୍ମୂର୍ତ୍ତିରେ ଚିତ୍ର ଥାଉ
ଖଞ୍ଜନନୈଣୀ ଶ୍ମୁକୁ ଚହାଉ
ଗୋରି ! ତୋ ଶ୍ରୀମୁଖ ଦେଖିଲ ଦିନୁ
ଘଡ଼ିଏ ଅନ୍ତର ନୋହିଲ ମନୁ
ନଟେଷ୍ଟ ଏହି ଧ୍ୟାନ
ଚନ୍ଦ୍ରବଦନ ! ମୁଁ ତୋହର ଅଧୀନ । ୧ ।

Digitized by srujanika@gmail.com

ଛଇଳ ରମଣି ! କଲେ ନିରାଶ
ଜୀବ ଯିବ ନଷ୍ଟେ ଶମନ ପାଶ
ଝଟକହାସି ! ଦୟାଳୁ ବୋଲାଇ
ନିର୍ଦ୍ଦୟା ମୋଠାରେ ହେଲୁ କିପାଇଁ
ଞେକ ଭାଗ୍ୟ ଥିଲେ
ଟିକେ ଦୟା ନାଣି ନେବ ତୋ ଭୁଲେ । ୨ ।

ଡାଳିମ୍ବଦନ୍ତି ! ଚନ୍ଦ୍ର, ମୁଁ ଚକୋର
ଢାଳେ ମୁଁ ଚାତକ, ତୁ ଜଳଧର
ଅଙ୍ଗନା ମୁଁ ହଂସ, ତୁ ମାନସର
ତଥା ତୁ ମାଳତୀ, ମୁଁ ମଧୁକର
ଥରେ ଚୁମ୍ବ ଦେନ
ଦରହାସି ! ମୁଁ ପିଣ୍ଡ, ତୁ ଜୀବନ । ୩ ।

ଧନ ତୁ ଧନ, ମୁଁ ନିଧନ ଅଛି
ନ ଦେନଲେ କେହ୍ନେ ହେବ ତୃପତି
ପୂର୍ବେ ପ୍ରସନ୍ନ ହୋଇଥିଲେ ଶିବ
ଫୁଲ୍ଲସାରସାକ୍ଷି ! କରୁଣା ହେବ
ବାଳା ! ଦେନ ଏବେ
ଭଲ ମନ ମୋର ଲାଗଇ ତୋତେ । ୪ ।

ମୋତେ ଏହି ସେବା ଦେବୁ ରେ ସହି !
ଯୁବତୀମଣି ! ମୋ ମାଗୁଣି ଏହି
ରମା ! ମୁଁ ପିନ୍ଧାଉଥିବି ବସନ
ଲଳନା ! ଭଙ୍ଗି ଦେଉଥିବ ପାନ
ବର୍ତ୍ତୁଳ ଉରଜେ
ଛନ୍ଦାରେ ଚିହ୍ନ ଲେଖୁଥିବି ମୁଁ ଯେ । ୫ ।

Digitized by srujanika@gmail.com

ଷୋଡ଼ଶି ! ମୋ ପରେ ପ୍ରଭୁ ଦୋଷରୁ
ହିରେ ଦେଉଛି ଯାହା ଆଜ୍ଞା ଦେବୁ
ହରିଣନୟନ ! ଷଟ୍‌ବର୍ଗ-ସାର !
ଯେମେ ଦେବୁ ଏଥି ପ୍ରତି ଉତ୍ତର
ଷିଡ଼ଭୂଷା ! ଏହୁ
ଯେମେ ଉପେନ୍ଦ୍ର ସାରବର କହୁ । ୭ ।

କିଶୋରୀ ଚଉତିଶା

(ପୀତାମ୍ବର ଦକ୍ଷ)

ପୀତାମ୍ବର ରଞ୍ଜିତ ଏହି କମଳାପୁ ଚଉତିଶାଟି ଅସ୍ତେ ଖଣ୍ଡପଡ଼ାର ଶ୍ରୀ ଦେବଗଜ ପଟ୍ଟନାୟକଙ୍କଠାରୁ ପ୍ରାପ୍ତ ହୋଇଥିଲୁଁ । ଏ କବିଙ୍କର ଅନ୍ୟ କବିତା ଆମ୍ଭମାନଙ୍କର ହସ୍ତଗତ ହୋଇନାହିଁ । ଶ୍ୟାମ ପ୍ରେମ ଲାଗି କନକବରଣୀ କିଶୋରୀଙ୍କ ମନୋଭାବ ଏହି ଚଉତିଶାରେ ଅତି ମଧୁର ଭାବରେ ପାଇଥାଇ । 'ଜାଣି ମୁଁ ସଜନେ ଗ୍ରହି ଲମ୍ବାଇଲି ଗଳାରୁ କଳଙ୍କମାଳ' ପ୍ରଭୃତି ପଂକ୍ତି ଶକ୍ତିଶାଳୀ ପ୍ରତିଭାର ନିଦର୍ଶନ ।

ସଖି ! ଶୁଣିଥା ଗୋ ! ଶ୍ୟାମ ଦେନ ମୁଁ ସହୁଛି ଯେତେ ' ଦୋଷ ।

କ ଯୋଗେ କମଳନେତ୍ରଙ୍କୁ କାଳନ୍ଦୀ
ପୁଳିନେ ଦେଖିଲି ଦିନେ ।
କି କରିବି ସେହି ଦିନୁ ସେହି ରୂପ
ଦିଶେ ଶୟନେ ସ୍ୱପନେ । ୧ ।

ଖରେ ସେ ମୋତେ କଣ୍ଠ'ଝେ ଅନାଇଲେ
ଅଳ୍ପ ହସ ହସ ହୋଇ ।
ଖାଇବା ଖେଳିବା ସେଦିନୁ ଛଡ଼ିଲି
ଏକା ଦିଶୁଛନ୍ତି ସେହି । ୨ ।

ଗଣ୍ଡଦେଶେ ତାଙ୍କ ମକରକୁଣ୍ଡଳ
ନଦିଥାଇ କୋଟି ରବି ।
ଗଲାଣି ସରି ମୋ ହୃଦୟ-ଗୃହକୁ
ଭାବି ନୀଳମଣି-ଛବି । ୩ ।

ଘନଶ୍ୟାମ ଦିନେ ଲେଖିଥିଲେ ମୋତେ
ଯେତେ ଦେନାସେନ କରି ।
ଘାଉଥି ଦହଣୀ ପ୍ରାଏ ମୁଁ ଦଉଛି
ନୋହୁଛି ତାଙ୍କୁ ନିବାରି । ୪ ।

Digitized by srujanika@gmail.com

ନବଘନେ ଚନ୍ଦ୍ର ସ୍ଥିତ ହେଲା ପ୍ରାଏ
କପୋଳେ ଚନ୍ଦନ ଗୃନ୍ଦ ।
ଙାହିଁ ଙାହିଁ କାହିଁ ବଧୂଲିଅଧରେ
ହସୁଥାନ୍ତି ମନ୍ଦ ମନ୍ଦ । ୫ ।

ଚତୁରବର-ଶ୍ରୀମୁଖ ନ ଚୁମ୍ବିବି
ବୋଲି ମୁଁ ନିୟମ କଲି ।
ଚୁମ୍ବିଲା ବେଳରୁ ଚିତ୍ତ ବିଡ଼ିଗଲା
ଏବେ ଝୁରି ଝୁରି ମଲି । ୬ ।

ଛଳ କରି ଏକା ଥରେ ସେ ମୋହନ
ଭଙ୍ଗିକି ଦେଲି ଅନାଇଁ ।
ଛନ୍ଦ କନ୍ଧୁନାହିଁ କେହ୍ନେ ମୁଁ ବାଞ୍ଛିବି
ଏବେ ଛାଡ଼ି ପାରୁ ନାହିଁ । ୭ ।

ଜଗତଯାକ ମନ୍ଦ ମନ୍ଦ ବୋଇଲେ
ଜନେ ଦେଲେ ନାନା ଗାଳି ।
ଜାଣି ମୁଁ ଯତନେ ଘୁଞ୍ଚି ଲମ୍ବାଇଲି
ଗଳାକୁ କଳଙ୍କ-ମାଳି । ୮ ।

ଝଗଡ଼ା ହୋଇ ନଣନ୍ଦ ଯେତେ ବୋଲେ
ଅସର ନ ଥାଇ ତାର ।
ଝଞ୍ଜାବାତ ପ୍ରାଏ ଝାଡ଼ି ପକାଉଛି
ତନବାଲିଶିକ ମୋର । ୯ ।

ନୃପନନ୍ଦନୀ ହୋଇଣ ସଖି ମୋର
ଲଲାଟେ ଥିଲା ଏ ଦଶା ।
ନୋହୁ ସେ ପ୍ରୀତି ପ୍ରସଙ୍ଗ ବେଳୁଁ ବେଳ
ହେଲାନ ଉଗାରଦଶା । ୧୦

Digitized by srujanika@gmail.com

ବରଜନାଗରୀ ଯେତେକ ଅଛନ୍ତି
ସୁଖେ ନେଉଛନ୍ତି ଦିନ ।
ବଞ୍ଚିବ ତ ଥରେ ମୋ ସମ ପାତକୀ
ନାହିଁ ଯେ ତିନି ଭୁବନ । ୧୩ ।

ଭାଜନ୍ତି ବୋଇତ ପ୍ରାୟେ ମୋ ଭରସା
ବେଳୁଁବେଳ ଗଲା ଖସି ।
ଭାସୁଛି ଦୁଃଖେ କୃଷ୍ଣ ମୁଖ ନ ଦେଖି
ଉପୁଡ଼ି ଯାଉଛୁ ଆଖି । ୧୪ ।

ମଦନମୋହନ ଏଁକା ମୋ ନୟନେ
ବାସ କଲେ ଯେଉଁଦିନୁ ।
ମନ ନୟନ ତାହାଙ୍କର ଦେଖାନ
ଘୁଡ଼ିକଲା ମୋର ତନୁ । ୧୫ ।

ଜନମ କାଲୁଁ ଜପାମାଳ କରି ମୁଁ
ଗଣାଇ ସନ୍ତାପଶ୍ରେଣୀ ।
ଛପୁଛି ଢକର ଧ'ଙ୍କର ଅଯତ
ମନୁକୁ ଯତନେ ଆଣି । ୧୬ ।

ରଖିଲ ଯହେଁ ସେହିଦିନୁ ଜୀବକୁ
ଦେହରେ ରହନ୍ତା ନାହିଁ ।
ରାତି ଦିବସ କଣ୍ଠରେ ସୁଚି ସ୍ଥାନ
କରିଅଛୁ ବାଠ ଗୃହେଁ । ୧୭ ।

ଲେଖି ଲେଖିଣ ମସୀରେ ମୁଁ ଗାଲକୁ
ଛୁର କଲି କରଜକୁ ।
ଲାଜ ଓଜ ଧୈର୍ଯ୍ୟ ସବୁ ଦୂରକଲି
ଆଶା ଛାଡ଼ି ଜୀବନକୁ । ୧୮ ।

Digitized by srujanika@gmail.com

ବଳାଇଲ ବୁଦ୍ଧି କୃଷ୍ଣ ପାଦେ ଦାସୀ
ହେବ ବୋଲି ପ୍ରାଣସହି !
ହୃଷସମ କର ମୋଦର ଏ ଖଳ
ବାଣୀ ବଜ୍ରପାତ ସହି । ୨୯ ।
ସନନ୍ଦକ ବୋଲି ପ୍ରୀତିକି କଲି ସେ
ହେଲକୁ ହେଲା ବିଷମ ।
ପାର୍ଥ କଲି ପୁରୁଷାର୍ଥ ହୃଦ କର
ଜନ ମୁଖେ ମନ୍ଦ ନାମ । ୩୦ ।
ସହିଲି ନାନା ପ୍ରକାର ବଚନକୁ
ରହିଲି ପାଷାଣ ପରି ।
ସୁପର୍ଣ୍ଣିକୁ ସର୍ପ ପରି ଖଳ ଜନ
ଦେଖି ରହୁଛନ୍ତି ଡରି । ୩୧ ।
ସନ୍ଧ ନ ଥାଇ ବଚନ କହିବାକୁ
ଦେଖିଲେ ଶାଶୁ ବଦନ ।
ଶ୍ୟାମ ପଟ୍ଟଡୋର ଗଳେ ଲମ୍ବାଇଲେ
ଅନ୍ତ ହେ ଚନ୍ଦ୍ରେ ଜୀବନ । ୩୨ ।
ହରଷ ଶୋକରେ ଶ୍ରୀ ଯଶୋଦା ସଖୀ-
କର ଧରି ଏତେ କହି ।
ହୋଇ ମୂର୍ଚ୍ଛିରେ ଢଳି ଶ୍ୟାମ ପାଶକୁ
ଭିଡ଼ିବୁ ସବୁ ମଣାଇ । ୩୩
କ୍ଷିତିମଣ୍ଡନ ଶ୍ରୀ ଯଶୋଦା-କିଶୋର
ବେନି ବେଣି ମନୋହର ।
କ୍ଷେମ ପୀତାମ୍ବର ଭଞ୍ଜ ବୋଲେ ସଦେ
ଦେଖୁଥିବ ନେତ୍ର ମୋର । ୩୪ ।

Digitized by srujanika@gmail.com

ସଙ୍ଗିନୀ ଚଉତିଶା

(ସଦାଶିବ କବିସୂର୍ଯ୍ୟ ବ୍ରହ୍ମା)

ପ୍ରେମଚନ୍ଦ୍ରାନନି ଚଉତିଶା ପ୍ରସଙ୍ଗରେ ସଦାଶିବ (ସଦାନନ୍ଦ) କବିସୂର୍ଯ୍ୟ ବ୍ରହ୍ମାଙ୍କ ପ୍ରତିଭାର ବର୍ତ୍ତମାନ ଅତିସ୍ୱଳ୍ପ ପରିଚୟ ଦିଆଯାଇଅଛି ଓ ଯଥାର୍ଥ କହାଯାଇଅଛି ଯେ ଉତ୍କଳ ଏପର୍ଯ୍ୟନ୍ତ ତାଙ୍କ ବିଷୟ ତଥ୍ୟର ସନ୍ଧାନ୍ ପରା କରିବାକୁ ଅବକାଶ ପାଇ ନାହିଁ । ମନେହୁଏ ଆସୁଛି ଯେତେବେଳେ ଉତ୍କଳ ସାହିତ୍ୟକଳାରେ ସେ ଯେ ଜଣେ ପ୍ରତାପୀ ଛନ୍ଦପଦ ରଚନାର ଅଧିକାରୀ ଏହା ସର୍ବ-ସାଧାରଣରେ ସ୍ୱୀକୃତ ହେବ ଏବଂ ରସମଧୁ-କବିତା ପ୍ରସଙ୍ଗରେ ତାଙ୍କର ନାମହିଁ ସେଢ଼କୋହ୍ନ ଓତପ୍ରୋତ ନଷ୍ଟରେ ସଙ୍ଗୀତ ଉଚ୍ଚାରିତ ହେବ । ଏତାବତ୍ ଅପ୍ରକାଶିତ ଏହି ସଙ୍ଗିନୀ ଚଉତିଶାହିଁ ଏମାନଙ୍କର ଶାରବତ୍ତାର ପ୍ରକୃଷ୍ଟ ପ୍ରମାଣ ।

କେଉଁ ରହିକ ରସ- ନିଧି ବଚନ
ଭଣିବ ମନରେ ଗୁଣ ରେ
କଦେ କ କରିବ ଦଣେ ଦଣେ ଦଣୁ—
ଅଛୁ ତ ମୋ ଗଳାମାଳ ରେ
ସଙ୍ଗିନ !
କେହି ପାସୋରିବ ତୋତେ ରେ
କାମଦେବ ଇନ୍ଦ୍ର— ଚାନ୍ଦ କରୁଣା କ
ନିରନ୍ତେ ଦେଖାଇ ମୋତେ ରେ । ୧ ।

ଖେଳାଇ ତୋଳା ଗୁଲେ ଖୋଜି ଗୃହିବା
ବଚନ ଯିବ କ ମନୁ ରେ
ଖଟଣୀ ଦାସ ପଦ୍ମପ୍ରେ ମୁଁ ଯେ ତୋତେ
ଚନ୍ଦନ-ଧନ-ବର୍ତ୍ତିନ୍ ରେ
ସଙ୍ଗିନ !
ଖୋଜିଲେ ଅଉ ନ ପାଇ ରେ
ଖୁର ଖୁରକେ ବ୍ରହ୍ମା ଇନ୍ଦ୍ର ପଦହିଁ
ପାଦତଳେ ନ ଯୋଗାଇ ରେ । ୨ ।

Digitized by srujanika@gmail.com

ଗେଲାଇ ଗେଲାଇ   ଗୋଡ଼ କର ଓଷ୍ଠ
ଚମ୍ବନ ଯାଚନ୍ତି ହୋଇ ରେ
ଗଣ୍ଡସ୍ଥଳପାଣ୍ଡୁ   ଲେଉଟାଇ ଲାଜ
ମାଉଛୁ ଯେ ବୋଲୁଥାଉ ରେ
ସଙ୍ଗିନି !
ଶୁଣି ହୋଉଥାଇ ତାହା ରେ
ଶୁଆଁର ଶୁଣ —   ଗ୍ରାହକ ହେଲା ପ୍ରାଣେ
ମୋତେ ପୁଣି କଲୁ ଏହା ରେ । ୩ ।

ଧୃମିଳ କଣ୍ଠ   ନୟନ ଅନ୍ତରେ ଯେ
ନ ଗୃହିଁଲୁ ପର ଗୃହ୍ନ ଯେ
ଯୋଣା ଫୁଲାଇ   ଅଧରେ ଦରହାସ
ରଖି ମନ ରଞ୍ଜୁଥାଉ ରେ
ସଙ୍ଗିନି !
ଦେଖିଲେ ଯେବେ ସେମାନ ରେ
ଯତ୍ନେ ନ ରହ   ଝାଟନ୍ତା ହୃଦୟ
ତୋ ସ୍ତନ ମର୍ମ କଠିନ ରେ । ୪ ।

ନନ୍ଦାବଶରୁ   ଦ ଯୋଗରୁ ଅବା ମୁଁ
କରଥିଲି ତୋତେ ପେଠେ ରେ
ନୟନେ ନୀର ରଖି   କଥା ନ କହୁ
ରୁଷିଣ ପରି ବସୋଷ୍ଠି ରେ !
ସଙ୍ଗିନି !
ନିଜ ସେବକ ମୁଁ କହୁ ରେ
ନାହିଁ ମୁଁ ତୁମ୍ଭ   କୋଳକୁ ନ ଯୋଗାଇ
ବୋଲୁ ଯେ ରୁଷିଲି ହୋଇ ରେ । ୫ ।

Digitized by srujanika@gmail.com

ଚନ୍ଦ୍ରମା କିରଣେ ଚନ୍ଦନ ପ୍ରାଙ୍ଗଣେ ଯେ
ବସି କେ ଥିଲ ନିଦ୍ରା ଯାଇ ରେ
ଛନ୍ଦି ତୋ ସେ ଶୋଭା ଚିତ୍ତ ହେଲା ଲୋଭା
ଚୁମ୍ବନ ଅଞ୍ଚଳ ନେଇ ରେ
ସଙ୍ଗିନି !
ଗୃହେଶ୍ୱ ଧରୁ ମାତ୍ର ତୋର ରେ
ଚମକ ପଡ଼ି କହିର ଧରା ପଡ଼ିଲି
ବୋଲି ନ ଛାଡ଼ିଲୁ କର ରେ । ୬ ।

ଛଇଳୀ ତୋ ପରି ଜୁହ ଜାଣିବାକୁ
ତିନି ଭୁବନେ କେ ନାହିଁ ରେ
ଛଇଳ ଅଧାଇ ଠାଣି ଦେଉଥାଉ
ଏ ପରି ଭ୍ରମର ମୁହିଁ ରେ
ସଙ୍ଗିନି !
ଛାର କେ ଅଛି ସମାନ ରେ
ଛଡ଼ ଠେକାଇଲି ଯୁବାବୃନ୍ଦରେ ମୁଁ
ଏବେ କଲି ବହୁ ମାନ ରେ । ୭ ।

ଜଗତଯାକ ତୋଷ ମୋଦ ପୀରତି
ଜାଣନ୍ତି ଯେ ଲୋକ ଠେକ ରେ
ଜୀବନ ଥାଉ ବହୁ ଯାହା ବାହ୍ନିଲି
ହୋଉ ମୋ ପରାଣ ଧିକ ରେ
ସଙ୍ଗିନି !
ନିଅରଙ୍କ ପରି କର ବେ
ଛିଟିଲେ ହାରଲେ ତୋ ସଙ୍ଗ ଛଡ଼େହୁଁ
ଅଭ ନିବର୍ତ୍ତି ନ ପାରୁ ରେ । ୮ ।

Digitized by srujanika@gmail.com

ଝାଳ ଗଳନ୍ତେ ମୋ   ମୁଖରୁ ବସନ-
ପ୍ରାନ୍ତେ ପଣ୍ଡ ପୋଛୁ ଦେଉ ରେ
ଝୁଡ଼ା ଗନ୍ଧ ଏନ୍ବ   ଶଯ୍ୟାର ମୋହର
ଅଦ୍ଧା କେ ବୋଲିବ ଆଉ ରେ
ସଙ୍ଗିନ !
ଝୁରୁ ଅଛୁ ଦେହ୍ ଜୀର ରେ
ଝୁରିବ ନାହିଁଟି   ବୋଲି ଯେ ମେଲାଣି
ଦେଲକୁ ଧରନ୍ତୁ କର ରେ । ୯ ।

ନଖ ଦନ୍ତ ଘାତ   କ୍ଷତ ହୋଇଥିଲେ
ଦେଖାଉ ଏ କାଯ କନ୍ଥ ରେ
ନ ଅଟିବି ଆଉ   ସଖୀଙ୍କ ପାଖକୁ
ପରିହାସ ନ ସହଇ ରେ
ସଙ୍ଗିନ !
ନୂଆ ନୂଆ ଭଙ୍ଗି ଚୋର ରେ
ନାଗର ପଣ ମୋ   ତୋ ସଙ୍ଗରୁ ଯେସା
ନ ଜାଣିବେ ଭ କ ନର ରେ । ୧୦ ।

ଟାହ୍ନରେ ଦନେ   ପ୍ରବଳ କହୁ ନାହୁଁ
ଦାସବତ୍ସଲା କିଶୋର ରେ
ଟାଣ କର ମାନ   ଥରେ କହୁଅଛୁ
ପୁରୁଷେ ଭ୍ରମର ପର ରେ
ସଙ୍ଗିନ !
ଟଳିଗଲା ଭେଟେ ସୁଖ ରେ
ଟଙ୍କଧନ୍ଦ-ପର—   ଶରକୁ ମୋ ହୃଦ
ହୋଉଅଛୁ ଏବେ ଲକ୍ଷ ରେ । ୧୧ ।

Digitized by srujanika@gmail.com

ଠିଆ ହୋଇଥିଲୁ ହିରଙ୍ଗିମା ହୋଇ
ଶୁକକୁ ପଢାଉ ବନେ ରେ
ଠକ ପଣେ ପଛୁଁ ଆଲିଙ୍ଗନ କଲି
ଚୁମ୍ବନ ଦେଲୁ ବଦନ ରେ
ସଙ୍ଗିନି !
ଟୁଲେ କହୁଅଛୁ ଯାହା ରେ
ଟିକେ ତ ସେ ବାଣୀ ପାଷାଣର ଗାର
କନ୍ଦର୍ପ୍ୟ ବନ୍ଧା ହୃଦୟାରେ । ୧୨ ।

ଛାକଲାକୁ ଦନେ ପାଶକୁ ବୋଇଲୁ
ମାଗିବ ପର୍ଶ ଚୁମ୍ବନ ରେ
ହସ୍ ମାଡୁଅଛି ବ ରୂପେ ଦେଖାଅ
କଷଛ କରଜ ମୂନ ରେ
ସଙ୍ଗିନି !
ଭୋଳା କଲୁ ଯେତେପର ରେ
ଡମ୍ବରୁଧର ମହା— ଯୋଗ ତେଜିବେ
ଦେଖି ତୋ ଭୂରୁ ଭଙ୍ଗୀ ରେ । ୧୩ ।

ଛମ କର ମୋତେ ଚରିତକୁ ଗୀତ
କର ଗାଉଥିଲୁ ବସି ରେ
ଭାଳେ ମୁଁ ଗୁପତ— ସ୍ଥାନେ ଲୁଚି ବସି
ଆହା ବୋଲି ଦେଲି ହସି ରେ
ସଙ୍ଗିନି !
ଭଳ ପଡ଼ିଲୁ ପଲଙ୍କେ ରେ
ଛାଙ୍କି ବସନ ଯା ଶ୍ରୀମୁଖେ ରହିଲୁ
ଅଧୋମୁଖେ ଭନ ବାଙ୍କେ ରେ । ୧୪ ।

Digitized by srujanika@gmail.com

ଅନୁରାଗ ବନ— ବାରୁ ମୁଁ ଯେ ଦିନେ
ବାସରେ ମାତିଲି ରଙ୍ଗ ରେ
ଅଗୋ ଏ କି ଦଣ୍ଡ ବୋଲି ରସନାରେ
ଗୃଠିଲୁ ଦଶନପଙ୍କ୍ତି ରେ
ସଙ୍ଗିନି !
ଅନ୍ୟମାନେ ଜଣା ନୋହୁ ରେ
ଅନୁରାଗୀ ଅନ୍ୟ— ଭଙ୍ଗୀ ବିନା ତାହା
ପଡ଼ିନ୍ତେ ଜାଣିବେ କାହିଁ ରେ । ୧୫ ।

ତୁ ଯେ ଥିଲୁ ଦିନେ ଗୁରୁଜନ ପାଶେ
ହୋଇଥିଲି ଅନ୍ଧକାର ରେ
କରକରେ ନେଇ ତନୁରେ ମୋର ମୁଁ
ଦେଖନ୍ତେ କରଜ ଗାର ରେ
ସଙ୍ଗିନି !
ଭୁଜ କର କର ଧର ରେ
ଚଳେ ଯାଏ ଯା ହୃଦେ ନେଇ ରଖିଲୁ
ମରୁଛୁ ଏବେ ସ୍ମରଣ ରେ । ୧୬ ।

ଥରେ ଯେ ବନ— ବଦାରେ ମୁଁ ଲୁଚିଲି
ଜାଣିବାକୁ ତୋହୋ ଚିତ୍ତ ରେ
ଥଣ୍ଡେ ନୋହୁ ଦା ଦା ପ୍ରାଣନାଥ ବୋଲି
ଡାକିଲୁ ହୃଦରେ ହାଥ ରେ
ସଙ୍ଗିନି !
ଥିରେ ମିଳି ଧରୁ ପଦ ରେ
ଥାଉ ଯାଏ ଡଙ୍ଗି କେ ଜାଣଇ ବୋଲି
ବଢ଼ିଲୁ ଅଳପ ଖେଦ ରେ । ୧୭ ।

Digitized by srujanika@gmail.com

ଦନେ ବିବସନ   କର ଯେ ବସନ
    ନ ଗୃହିଁଲୁ କଷ୍ଟ ଭାଳ ରେ
ଦୁଃଖେ ବୋଇଲୁ   ଦର୍ପଣୀରେ ନ ଦେଖେ
    ଦେଖନ୍ତୁ ଏଥର ଗଳ ରେ
        ସଙ୍ଗିନି !
    ଦୁଇ କର ବାସ କଲୁ ରେ
ଦେଖି ଦେଖି ବୋଇଲ   ପାଶକୁ ଗଲି ମୁଁ
    ଚରଣ ଦୁଇ ଧଇଲୁ ରେ । ୧୮ ।

ଧୀରେ ଦନେ ମୋତେ   ଡାକିଲୁ ପାଶକୁ
    କହିବ କଥାଏ ମୁହିଁରେ
ଧରଣୀମଣ୍ଡନା !   ଗୁଞ୍ଜିଲୁ ରସନା
    କର୍ଣ୍ଣରେ କହିଲୁ ଏହି ରେ
        ସଙ୍ଗିନି !
    ଧରା ମଧ୍ୟରେ ତୁ ସାର ରେ
ଧର ତୋ ଚରଣ   ବନ୍ଦିଥିଲେ ଆନ—
    ନାହିଁକି ଘଟ ଉଦର ରେ ! ୧୯ ।

ନଖ ମାଜୁଥିଲୁ   ଦେଖି ମୁଁ ବୋଇଲି
    ଦେଖିବାକୁ ଆଜ ଜଣି ରେ
ନାହିଁ ନ ପାରଇ   ଏ ଭଙ୍ଗୀକି ବୋଲି
    ଗୃହିଁଲୁ ଅଲପ ହସି ରେ
        ସଙ୍ଗିନି !
    ନୟନ ମନ୍ଦର ମୋର ରେ
ନ ଯାଇ ହିନା ଘର   କର ରହନ୍ତୁ
    ଏ ଭଙ୍ଗୀମାନ ତୋହୋର ରେ । ୨୦ ।

Digitized by srujanika@gmail.com

ପଶ୍ଚିମରୁ ଦିନେ ମୋଚନ୍ଦ୍ର ମାନସ
ଆନେ ବନ୍ଧୁଥାଇ ଘର ରେ
ଯମୁନାକୁ ତୋ ନେଷାନ୍ତରେ ପାଇନ୍ତେ
ପକାଇଲୁ କାଳି ହାବା ରେ
ସଙ୍ଗିନ !
ପ୍ରେମେ କଲୁ ଅଲିଙ୍ଗନ ରେ
ପୁରୁଷ ହୋଇ ପାଇ ତୋତେ ଚେଜଲେ
ହେଜଲେ ପଶୁକୁ ହାନ ରେ । ୨୧ ।

ଫଗୁଖେଳ ଦିନ ଅଳୀକି କହିଲ
ମୋହୋ ପରି ବେଶ ହର ରେ
ଫନା ହୋଇ ସିନା ଜୀବକା ଭୂମୁର
କଲୁ ଯେ ପ୍ରଢ଼ଉତ୍ସବ ରେ
ସଙ୍ଗିନ !
ଫୋଲଝୋପା ଅଧ କର ରେ ।
ଫାଇ ମନାଇ ମନ୍ତ୍ରିଣ ହୋଇ ଥିଲ
ଧଇଲୁ କେ ତୋର ଧର ରେ । ୨୨ ।

ବିଶ୍ୱରୁ ଥାଇ ମୋ ବନ୍ଧୁ ପରି ଜଣେ
ତିନି ଭୁବନେ କେ ନାହିଁ ରେ
କଥିରେ ମୁହିଁ ଜାଣିବାକୁ ଭୁ ସିନା
ସୁରତ-ଶାସ୍ତ୍ର ଶିଖାଇ
ସଙ୍ଗିନ !
ବିଧାତା ଘଟଣା ନୋହୁ ରେ
ବିବେକ ହରାଇ ଶରଣ ପଶନ୍ତୁ
ମୃତ୍ୟୁକୁ ଯେଷନ୍ତା କାହିଁ ରେ । ୨୩ ।

Digitized by srujanika@gmail.com

ଭୂଷଣ ଭୂଷଣ   ହେଲେ ତୋ ଅଙ୍ଗରେ
ହଣନ୍ତି ସେହ୍ନ ସୁନ୍ଦର ରେ
ଭକ୍ତ ମାନଥାଇ   କୁନ୍ଦନା—କାନ୍ତିକ
ରଙ୍ଗ ଧଡ଼ି ନୀଳାମ୍ବର ଭେ
ସଙ୍ଗିନ !
ଭନ୍ଦେ ଭନ୍ଦେ ଲୋଭ ଆଣେ ରେ
ଭଣେ ସଦାଶିବ   କନ୍ଦର୍ପ୍ୟ ବ୍ରହ୍ମା
ମୋ ମନ ରଖିଲୁ କିଣି ରେ । ୨୪ ।

ମୋ ବଚନେ ତୋ   ପଣନ୍ତ ବଣ୍ଟି ଦେଇ—
ଥାଉ ଯେ ସ୍ୱପ୍ନକାଳେ ରେ
ମୁଖକୁ ମୁଖ ନ   ଲାଗିଲେ ଅକୁଳ
ହୋଉ ମୋ କୋଳେ ସେ ବାଳେ ରେ
ସଙ୍ଗିନ !
ମୂର୍ଚ୍ଛିଲା ମୋ କର କଣ୍ଠ ରେ
ମିଶିଯାଇ ଥାଉ   ଶିବା ଶିବ ଯେସନେ
ନୋହେ ଏକ ଦେହ ବାସ ରେ । ୨୫ ।

ଯୁଡ଼ାକୁ ବେଣୀ ଶୋଭା   ପିନ୍ଧା ବୋଲି ମୁଁ
ଫେଡ଼ନ୍ତେ ତୋହର କେଶ ରେ
ଜାଣିନି ଜାଣିଲି   ହସି ପଞ୍ଚଦୂଷ୍ଣ
ଗଲୁ ଯେ ପଦ୍ମଣ୍ଣ ଦଣ୍ଡ ରେ
ସଙ୍ଗିନ !
ଯହିଁ ମୁଁ କିନସୁ କଳି ରେ
ଯାବକା ନରତେ   ଏହି ପିନା ବୋଲି
ସ୍ମରେ ମୋତେ ଦେଲୁ ପେଲି ରେ । ୨୬ ।

Digitized by srujanika@gmail.com

ରଷି ଅଛନ୍ତି ସେ ସେ ଶୋଭା ଲୋଭରେ
ଉଲଗ୍ନ ଗତରେ ବନେ ରେ
ରୂପିବନ୍ତ ଏକା ଛାଡ଼ି ବୋଲି ଅଙ୍ଗ —
ତରଙ୍ଗ କଲୁ କେସନେ ରେ
ସଙ୍ଗିନି !
ବେଦନା କି କଲୁ ମିଛେ ରେ
ରାଜୀବ ଶ୍ରୀଲୋଚନେ ଇଷି ଇଷି ଭ୍ରଷ୍ଟ
ଦୀପ ବାହାରିଲା ସ୍ୱଚ୍ଛେ ରେ । ୧୭ ।

ଲିବାଇବୁ ନାହିଁ ପ୍ରଦୀପ ପରଣ
ବୋଲି ମୁଁ ଯେ ଗୃହେ କହୁ ଚରେ
ଲାଜ ମାଡ଼ିଲା ବଡ଼ ବୋଲି ସେ କଥା
ଛେକି ବଦନ ନ ଶୁନ୍ହୁଁ ରେ
ସଙ୍ଗିନି !
ଲକ୍ଷ୍ୟ ଦେବ କବି ଜସ ରେ
ଲକ୍ଷଣବନ୍ତି ତୋ ପାଦ ଧରିଥିଲେ
ନୋଟନ୍ତି ମଧବା ବିଶେଷ ରେ । ୧୮ ।

ବିପରୀତ ଓଁକାର କପଟ ବ୍ୟାଜେ
ମୁଖେ ଭୁ ନା କହୁ କଥା ରେ
ବୋଇଲୁ ପ୍ରଭୁ ପଣିଲୁ ଏହୁ ନାକ
ଉଚିତ ଅଟେ ସର୍ବଥା ରେ
ସଙ୍ଗିନି !
ବଲେ ଶୁଆଇଲି ହୃଦେ ରେ
ବାହୁବନ୍ଧଣୀ ଛନ୍ଦ ବାଲ-କବରୀ
ପ୍ରାପ୍ତେ ଫୁଟିଲୁ କି ମୁଦେ ରେ

Digitized by srujanika@gmail.com

ଶ୍ରୀମୁଖ ଶୁଖାଇ ଭୟ ହୋଇଥିଲୁ
ମୋ ଅସିବା ବେଳ ଶୁହିଁ ରେ
ଶିରଚ୍ଛେଦ ଏଥି ବଧ ମୋର ଘଟୁ,
ଚରଣ ଚଳନ୍ତା କେହୁ ରେ
ସଙ୍ଗିନ !
ଶୁଣୁଥିଲ ଏହୁ ବାଣୀ ରେ
ଶୁଭ କରନ୍ତୁ ପଥରେ ସୁଧାକାନ୍ତ
ବୋଲୁବାରୁ ଅଳୀଶ୍ରେଣୀ ରେ । ୩୭ ।

ସବୁ ପ୍ରକାରେ ସୁଖ ଭୋଗ ସମ୍ପଦ
ହୋଇଥିଲା ଅବା ଯାଉ ରେ
ସୁନ୍ଦରୀ ଅଙ୍ଗ ସଙ୍ଗ ନାହିଁ ଯାହାର
ଧିକ ସେ ଜନ୍ମ ତାହାର ରେ
ସଙ୍ଗିନ !
ସର୍ବଦା ହୋଇ ନିରୋଗୀ ରେ
ସୁମନ ଶର ବେଦନା ଯେ ପାଉଛି
ତା ଚହୁଁ ନାହିଁ ଅଭାଗୀ ରେ । ୩୮ ।

× × × × । ୩୯ ।

ହେଳା କଲ ଯା ବିରହ ସାଗରକୁ
ଭେଳା ତ ବୁଡ଼ୁଛି ଏବେ ରେ
ହରି କରିବେ ପାର କୃପା-ନାବରେ
ଅର୍ଦ୍ଧଯାଣ ବାନା ଯେବେ ରେ
ସଙ୍ଗିନ !
ହେବ ସେବା-ଯୋଗ୍ୟ ପୁଣି ରେ
ହର ଗଉରୀ ପରସ୍ପେ ମିଶିଥିବ
ହୁର ନ ପାରିବ ଜଣିବେ । ୪୦ ।

Digitized by srujanika@gmail.com

ଖ୍ୟାତି ଅଛୁ ଏବା   ଥକ ଯେସନେ ପକ୍ଷୀ
ଥରେ ଦଉଡ଼ି ନ ଜାଣି ରେ
ଖମାନଧ୍ୱଜ କହରୁ   ଏବେ ଭୁ ଯେ
ଚଭୂର୍ଷ କୁଣପାଣି ରେ
ସଙ୍ଗିନ !
ଖଣେ ବିଳମ୍ବ ନ ସହୁ ରେ
ଖୀଣ ସଦାଶିବ   କନ୍ଦର୍ପ୍ୟ ବ୍ରହ୍ମା
ପ୍ରେମ-ଧାମ ନାମ ବନ୍ଧୁ ରେ । ୩୪ ।

Digitized by srujanika@gmail.com

ସୀତା ବିଚ୍ଛେଦ ଚଉତିଶା

(ପରମାନନ୍ଦ)

ବିଖ୍ୟାତ ଚଉପଦୀ ଚଉତିଶାର କବି ପରମାନନ୍ଦଙ୍କ ଯୋଗଦତ୍ତର ନିଜ ମୁଦ୍ରା ଏହି ସୀତା ବିଚ୍ଛେଦ ଚଉତିଶା ଉପରେ ଅଙ୍କିତ । ତେଣୁ ଏ ପରମାନନ୍ଦ ଓ ସେ ପରମାନନ୍ଦ ଏକ ଏବ ଅଭିନ୍ନ ହେବାରେ କୌଣସି ଅସଙ୍ଗତ ନାହିଁ ।

କରୁଣାସିନ୍ଧୁ ରାମଚନ୍ଦ୍ର ବୋଲେ
କରନ୍ତି ଚିନ୍ତା ମାଲ୍ୟବନ୍ତବନରେ ରେ
କହନ୍ତି ଗୁରୁ ନବଘନକୁ ଦେଖି
କେ ଘେନି ଗଲା ମୋର ପଙ୍କଜମୁଖୀ ରେ । ୧ ।

କ୍ଷୀଣଉଦରୀ ! ଅଗୋ କମଳମୁଖି !
ଖେଳୁ ଯେ ଦଶରଥଙ୍କ ଚଞ୍ଚଳଆଖି ! ରେ
ଖେଦ ମୋ ମନେ ସଖି ! ହୋଉଛି ଯାହା
ଖଣ୍ଡିଲା ଯାହା କେଉଁ କାରଣେ ଏହା ରେ । ୨ ।

ଗରୁଯୌବନ ! ଅଗେ ମୃଦୁହାସିନି !
ଗଜରାଜଗମନି ! ମନମୋହିନି ! ରେ
ଗହନବନେ ଏକା କରି ମୁଁ ଗଲୁ
ଗୁଣର ମଣି ମୋତେ ଏ ଦୁଃଖ ଦେଲୁ ରେ । ୩ ।

ଘର୍ମପଙ୍କଜନୟନା ! ହରିଣଦୃଗା !
ଘନକାଳେ ଛାଡ଼ିଲୁ ମୋ ପ୍ରେମଆଶା ରେ
ଘୋର ବିପତ୍ତି ଦୁଃଖ ଦେଲୁ ସୁକେଶି !
ଘୋର ଜୁଳଣ ଶିରେ ପଡ଼ୁଛି ଆସି ରେ । ୪ ।

Digitized by srujanika@gmail.com

ନୟନ-ପ୍ରତିମା ! ରେ ସୁନ୍ଦଦନ୍ତି !
ନେଲା କେ ତତେ ମତେ ଦେଇ ଶପଥି ରେ
ନାହିଁ ତାହାର ଅଉ ଜୀବନେ ଆଶ
ନୀଳକଣ୍ଠ ରକ୍ଷିଲେ କରିବ ନାଶ ରେ । ୫ ।
ଚନ୍ଦ୍ରବଦନ ! ଅରେ କୁନ୍ତଳକେଶୀ !
ଚିନ୍ତା-ସାଗରେ ପ୍ରିୟା ଥିବ ମୋ ବସି ରେ
ଚିତଉଥିବ ମୋର ଗୁଣ ନିର୍ଗୁଣ
ଚନ୍ଦ୍ରବଦନୀ ଏକା ହୋଇବ କ୍ଷୀଣ ରେ । ୬ ।
ଛଇଳମଣି ! ଅରେ ନାରୀମଣ୍ଡନା
ଛନାଇ ଯାତ! ମୋତେ ଦେଲ ବେଦନା ରେ
ଛାଡ଼ିବ କଟେ ସଖି ! ଜୀବନ-ଆଶ
ଛନଉଦର ! ଯେବେ ନଇଲୁ ପାଶ ରେ । ୭ ।
ଯେଉଁ ଦିନରେ ଧନୁ ଭାଙ୍ଗିଲି ଜାଣ
ଯାଇ ଯେ ଥିଲେ ସବୁ ନୃପତିଗଣ ରେ
ଜଇନମାଳା ମୋର ଗଳାରେ ଦେଲୁ
ଜାଣ ପଦ୍ମିନୀ ! ମୋର ହୃଦ ମଣ୍ଡିଲୁ ରେ । ୮ ।
ଝିଲ-ଗଜବର ! ସୁକୁମାର ! ସୁତନୁ
ଝିମଣ୍ଡେ ପ୍ରିୟା ମୋର ନ ଯାଇ ମନୁ ରେ
ଝୁରୁ ଯେ ଥିବ ଏକା ହୋଇ ଅବଳା
ଝୁରୁ ଥିବ ନୟନୁ ଲୋତକଧାରା ରେ । ୯ ।
ନୟନେ ନାଇ ଆଉ ଦେଖିବ ତତେ
ନାହିଁ ନା ମନେ ମୋର ଏହି ପରତେ ରେ
ନୟନ କରଥିଲି ନୋହିବ ବଶ
ନବକଶୋରୀ ବନ୍ଧି ଅଉ ବେ ଶୋଭା ରେ । ୧୦ ।

Digitized by srujanika@gmail.com

ଟୋପ ମଧ୍ୟରେ ସଖି ! ପଡ଼ିଲି ଏକା
ଟେକ ଦେବାକୁ ମତେ ଅଛୁ କେ ସଖା ରେ
ଟୁକାକ ଲକ୍ଷେ ଯୁଗ ପ୍ରାୟେ ଲାଗୁଛି
ଟଳ ନ ଯାଇ ଜୀବ କପାଂ ରହୁଛି ରେ । ୧୧ ।

ଠୁଲକ୍ଷୋଭଣ ଯେତେ ସମ୍ପତ୍ତି ମୋର
ଠୁଲେ ଭାଙ୍ଗିଲୁ ପ୍ରିୟା ! ହୋଇଲୁ ଦୂର ରେ
ଠଣ୍ୟନସ୍ୱର ମୁଁ ନ ଦେଖି ମୁଖ
ଠିକେ ଲଭିବ କାହିଁ ପରମ ସୁଖ ରେ । ୧୨ ।

ଡମରୁମଧ୍ୟା ! ଅରେ ପରାଣ-ବନ୍ଧୁ !
ଡେଇଁ ଯେ ଗଲୁ ନଦୀ ପର୍ବତ ସିନ୍ଧୁ ରେ
ଡୋଲାରେ ନବ ଆଉ ଦେଃ ହୋଇବ
ଡକା ତ କଲ ମତେ କେଉଁ ଦଇବ ରେ । ୧୩ ।

ଢାଳେଦେଁ ପ୍ରିୟା ତୋର ମୋର ଅଦେଃ
ଢାଳେ ହୋଇଲା କଥା ମରମ କଷ୍ଟ ରେ
ଢୋକିବ ବିଷ ସଖି ! ତୋହର ପାଇଁ
ଢମ ନୋହୋଇ ଧନ ! କହୁଛି ମୁହିଁ ରେ । ୧୪ ।

ଅତ୍ୟନ୍ତ ସୁକୁମାରୀ ଗୃହିନନ୍ଦନା
ଅର୍ଜିଲୁ କର୍ମେ ପ୍ରିୟା ! ଏତେ ବେଦନା ରେ
ଅସୁର ଦୈତ୍ୟ ଘରେ ବନ୍ଦୀ ପଡ଼ିଲୁ
ଅଗାଧ ଜଳେ ଦେଲା ବୁଡ଼ାଇ ଗଲୁ ରେ । ୧୫ ।

ଥରକ କର ଯେବେ ଗଲା ଅସୁର
ଥୁ ଛିଙ୍କେ ଥିଲେ ଯାନ୍ତା ଯମର ଆଳ ରେ
ଥାହୁ ତ ବେଳ ନେଲେ ଦେଖନ୍ତୁ ସଖି !
ଥାଇଁବ ଚନ୍ଦ୍ର ସୂର୍ଯ୍ୟେ ହୁଅନ୍ତେ ସାକ୍ଷୀ ରେ । ୧୬ ।

Digitized by srujanika@gmail.com

ଥିଲୁ ତ ପ୍ରିୟା ମୋର ଅଛିବା ଯାଏ
ଥାନ୍ତା କି ପିଣ୍ଡେ ପ୍ରାଣ କହିବା ଯାଏ ରେ
ଥୟ୍ୟ ବୁଦ୍ଧି ନ କଲ ଆଗେ ବୁଡ଼ାଇ
ଥୋଇଲି ଧନ ପରହସ୍ତକୁ ଦେଇ ରେ । ୧୭ ।

ଦଇବ ସବେ ଯେବେ ହୋଇବ ସଖି
ଦାମ୍ଭିକପଣେ କେଣେ ଯିବ ପଳାଇ ରେ
ଦାଶରଥିଇ ପ୍ରାଣେ ମାରେ ତାହାକୁ
ଦହିଣ ଲଙ୍କାରୁ ଆଣିବ ତୁମ୍ଭଙ୍କୁ ରେ । ୧୮ ।

ଧରଣୀ ଦଶଦଶ ଅନ୍ଧାର କଲୁ
ଧବଳମୁଖି ! କେଣେ ଅନ୍ତର ହେଲୁ ରେ
ଧଚଣୀମନ୍ତ୍ରୀଙ୍କ କାହିଁ ପାଇବ
ଧନ୍ଧ ବୋଲରେ ଏତେ ଦୁଃଖ କହିବ ରେ । ୧୯ ।

ନାଟ୍‌ରଞ୍ଜନ ! ଆରେ ଜନକସୁତା !
ନ କଲା ତୋର ସଙ୍ଗ ମତେ ବିଧାତା ରେ
ନିର୍ମଳକୁଳେ ମୋର କଳଙ୍କ ଦେଇ
ନିଶ୍ଚୟେ ସୂର୍ଯ୍ୟବଂଶ ଅଙ୍କୁ ବୁଡ଼ାଇ ରେ । ୨୦ ।

ପୀନବର୍ତ୍ତୁଳସ୍ତନ ! ମୁନିମୋହନ !
ପ୍ରବାଳ ଓଷ୍ଠ ନିନ୍ଦି ମୃଦୁଭାଷିନି !
ପାପିଷ୍ଠ ଦୈତ୍ୟ ଘରେ ପଡ଼ିଲୁ ସଖି !
ପରତେ ଯାଉନାହିଁ ପାଷାଣ ଦେଖି ରେ । ୨୧ ।

ଫୁରୁଣାଯାକ ସବୁ ଭାଙ୍ଗିଲୁ ସଖି !
ଫାନ୍ଦେ ପକାଇ ଗଲ୍ଲଦନ୍ ମୃଗାକ୍ଷୀ ରେ
ଫଳିଲା ଫଳ କର୍ମେ ଏଡ଼େ ଦୁସହ
ଫିଟୁ କଷଣ ମୋର ପାଇଁ ସନ୍ଦେହ ରେ । ୨୨ ।

Digitized by srujanika@gmail.com

ବରଗମନ ! ଅଗୋ ବୃଷାଳନେତ୍ରି !
ବର ଯେ ବଳାଥିଲୁ ସ୍ୱବର୍ଣ୍ଣଗାତ୍ରି ! ରେ
ବେଦନା ଅନୁକ୍ରମେ ପାଇବୁ ବୋଲି
ବୋଧ ନ ଯୋନା ପ୍ରିୟୁ ଅଇଲୁ ଯେଲି ରେ । ୧୩ ।
ଭରଥ ମାତା ଯେନ ହେଲା ଅକାର୍ଯ୍ୟ
ତପିଲେ କୁଳ ସୁଖ ତକ୍ଷିଲା ଲାଜ ରେ
ଭରଥ ନୃପ ନୋହୁ ହେଲେ ତାପସ
ଭାମିଣି ପ୍ରେୟସୀ ! ଗଲୁ ଏ ବନବାସ ରେ । ୧୪ ।
ମୃଗାକ୍ଷୀ ସୁମୁଖୀଙ୍କ ସଙ୍ଗେ ସୃଜିଲି
ମୋହ କର୍ମରେ ଛପି ଏଥା ଅର୍ଜିଲି ରେ
ମୋତେ ଧାର୍ମିକ କର ପ୍ରୀତି ସମ୍ବାଦ
ମୋ କର୍ମେ କିଏ ବହୁ କଲୁ ପ୍ରମାଦ ରେ । ୧୫ ।
ଜୀବର ଜୀବ ! ଅରେ ଏ କଷ୍ଟ ଦେଲୁ
ଯୁବାକାଳେଣ ମୋତେ ଛାଡ଼ିଣ ଗଲୁ ରେ
କଳଙ୍କନେତ୍ରି ! ଅରେ ତୋ ଗୁଣ ଗୁଣି
ଯାଉଛି ଜୀବ ମୋର ହୋଇବ ଯେନ । ୧୬ ।
ରାସ ଉତ୍ସବ ମୋର ନାହିଁ ମନକୁ
ରାଜ୍ୟ ଛାଡ଼ି ଅଇଲି ପିତାସତ୍ୟକୁ ରେ
ରାଜୀବନେତ୍ରା ଅଗୋ ତୋ ଗୁଣ ଗୁଣି
ରାତି ଦିବସ ମୁଁ ନ ପାରଇ ଜାଣି ରେ । ୧୭ ।
ଲକ୍ଷଣ ବୁଦ୍ଧିମତି ଅଟଙ୍ଗ ଶୁଣି
ଲଳିତ କର କହେ ବୀରଙ୍କ ମଣି ଯେ
ଲୋଚନ-ମୁଖ ପ୍ରଭୁ କେଉଁ କଥାକୁ
ଲେଖେ ନାନା ଭଣିବେ ପ୍ରଭୁପଣକୁ ଯେ । ୧୮ ।

Digitized by srujanika@gmail.com

ବଳୀ ସେହିଣ ଗଲ ଘିବା ଲଙ୍କାକୁ
ବଧିବା ରାବଣକୁ ଶଙ୍କ କାହାକୁ ହେ
ବଳ କାଟିବା ଦଶଦଶଙ୍କୁ ମୁଣ୍ଡ
ବସୁମାତା ଖାଇବ ତା ପିଣ୍ଡ ଖଣ୍ଡ ଯେ । ୨୯ ।

ସାନୁଜ ବୋଲେ ଦୁଃଖ ଗଲା ଦୂରକୁ
ଶାନ୍ତ ହୋଇଣ ବୋଧ କଲେ ଦେହକୁ ଯେ
ସନ୍ତୋଷି ବଚନ ଶୁଣି ସାନନ୍ଦ
ଶ୍ରୀରାମ ମୁଖ ଶୋଭା ପୂର୍ଣ୍ଣିମୀ-ଚନ୍ଦ୍ର ଯେ । ୩୦ ।

ଶେଷ ହୋଇଲା ଅଛି ବର୍ଷାକାଳ
ସନ୍ଦେଶ ପାଇ ଗଲେ ସକଳ ବନ ଯେ
ସୁଗ୍ରୀବର ସାହାଯ୍ୟରେ ସିନ୍ଧୁ ତରିଲେ
ସିଂହ ଦଇତ ସଙ୍ଗେ ସଂଗ୍ରାମ କଲେ ଯେ । ୩୧ ।

ସଂଗ୍ରାମେ ମାରି ଭସ୍ମ କଲେ ରାବଣ
ସଙ୍ଗେ ବିଭୀଷଣକୁ ନୃପଭୂଷଣ ଯେ
ସୀତା ଲକ୍ଷଣ ଘେନି ପୁଷ୍ପକେ ବସି
ସୂର୍ଯ୍ୟବଂଶନାୟକ ଅଯୋଧ୍ୟା ଆସି ଯେ । ୩୨ ।

ହୋଇଲେ ଅଭିଷେକ ସୀତାଙ୍କୁ ଘେନି
ହରଷେ ଦେଖୁଛନ୍ତି ସ୍ୱର୍ଗର ମୁନି ଯେ
ହତ ଦେହର ଦୁଃଖ ହୋଇଲା ଦୂର
ହରଷେ ଥାଇ ଦେଖୁଛନ୍ତି ଅମର ଯେ । ୩୩

କ୍ଷୀଣଉଦରୀ ଘେନି ଭୋଗବିଳାସ
କ୍ଷୁଦ୍ରଣ ନିମିତ୍ତେକ ଶତେ ବରଷ ରାଜ
କ୍ଷମାସାଗର ରାମ ଚରଣାରବିନ୍ଦ
କ୍ଷେମେ ପାଇ ଆନନ୍ଦ ପରମାନନ୍ଦ ଯେ । ୩୪ ।

Digitized by srujanika@gmail.com

ରାଧାମାଧବ ଚଉତିଶା

(ମଦନ)

ଭକ୍ତ ମଦନଙ୍କ ରଚିତ ଏହି ଜଣାଣ ଚଉତିଶାକୁ ଆମ୍ଭେ ବାଲ୍ୟକାଳରେ ଶୁଣି ଆସୁଁଛୁ । କେତୋଟି ମାତ୍ର ପଦ ମନେ ରଖିଥିଲୁ; କିନ୍ତୁ ପରେ ଆଉ ଏ ଚଉତିଶାକୁ ସମ୍ପୂର୍ଣ୍ଣ ପାଇପାରି ନଥିଲୁ । ସୁଦୂର ଗ୍ରାମରୁ ଏହା ମିଳିଲା । ଭଜନରୂପେ ଏହାର ମୂଲ୍ୟ ଖୁବ ବେଶୀ ।

କୃପାନିଧିଙ୍କି ମୁଁ ଧ୍ୟାୟି
କାକୁସ୍ଥ କାର୍ପଣ୍ୟ ହୋଇ ଜଣାଇ ହେ
ରାଧାମାଧବ !
କଳୁଷ ଖଣ୍ଡିବା ପାଇଁ ହେ । ୧ ।
ଖଗେନ୍ଦ୍ର ପୃଷ୍ଠରେ ରହି
ଖେଦ ଅରତେ କହୁଛି ମୁହିଁ ହେ
ରାଧାମାଧବ !
ଖେଦରୁ କରବ ଶାନ୍ତ ହେ । ୨ ।
ଗର୍ବ କର ମୋ ବିପତ୍ତି
ଗଞ୍ଜି ମାରୁଛି କ ଏ ଦବା ରାତ୍ର ହେ
ରାଧାମାଧବ !
ଗୁହାର ପେନ ଜଡ଼ାଇ ହେ । ୩ ।
ଘନଙ୍କୁ ଗୃହକ ଚର
ଘୃଣା ନ କଲ୍ପ ଚିତ୍ତରେ ମୋହର ହେ
ରାଧାମାଧବ !
ଘୋଟୁଛି ଦବା ଶର୍ବରୀ ହେ । ୪ ।

Digitized by srujanika@gmail.com

ଉଦ୍ଧାର ହୋଇବା ପାଇଁ
ଅଣ କରନ୍ତି ତୈଲୋକ୍ୟ ଗୋସାଇଁ ହେ
ରାଧାମାଧବ !
ଅଶା ପୂର୍ଣ୍ଣ ହେଉନାହିଁ ହେ । ୫ ।

ଚନ୍ଦ୍ରକୁ ଚକୋର ପରି
ଚରଣାରବିନ୍ଦେ ଅଶା ମୋହର ହେ
ରାଧାମାଧବ !
ଚନ୍ଦ୍ରାକୁ କରିବ ପାର ହେ । ୬ ।

ଛନ୍ଦା ଚରଣକୁ ଧାଇ
ଛର ମୋ ବପତ୍ତ ଧୂଷ୍ଟଲ୍ଲ ନାହିଁ ହେ
ରାଧାମାଧବ !
ଛନ୍ନ ନ ମଣ ମୋଠାଇଁ ହେ । ୭ ।

ଜଗତ ଜନ ଠାକୁର
ଜୀବ ଯିବାବେଳେ ମାଗୁଣି ମୋର ହେ
ରାଧାମାଧବ !
ଜାଣି ହେବ ଭବୁଁ ପାର ହେ । ୮ ।

ଝଡ଼ରେ କପୋତ ଯେମନ୍ତ
ଝୁରୁଅଛି ମୁହିଁ ଏ ଦବା ରାବ ହେ
ରାଧାମାଧବ !
ଝୁର ହୋଇଲି ଅନାଥ ହେ । ୯ ।

ନିଷ୍ଠୁର ନୁହ ମୋଠାଇଁ
ନିର୍ଦ୍ଦୟା ହେଲେ ନ ବର୍ତ୍ତିବି ମୁହିଁ ହେ
ରାଧାମାଧବ !
ନିରାଶ୍ରୟ ଜନଠାଇଁ ହେ । ୧୦ ।

Digitized by srujanika@gmail.com

ଟୋପକୁ ନ ଦଅ ପେଲି
ଟାହି କର ଜନେ ମାରବେ ତାଳି ହେ
ରାଧାମାଧବ !
ଟାଣ ପଣ ଯିବ ଟଳି ହେ । ୧୧ ।
ଠାବ ମୁଁ ପାଉନି ନାହିଁ
ଠାକୁର ବୋଲି ଖମ୍ବରେ ଜଣାଇ ହେ
ରାଧାମାଧବ !
ଠିକେ ମଦନେ କନ୍ଦଇ ହେ । ୧୨ ।
ଡାକ ମୃଗୁଣୀ ବନର
ଡେଉର ଶ୍ରବଣ ଶୁଣିଲ ସତ୍ୱର ହେ
ରାଧାମାଧବ !
ଡରରୁ କଲ ନିସ୍ତାର ହେ । ୧୩ ।
ଢୋକ ଖୀର ସଙ୍ଗେ ବିଷ
ଢାଳେ ପୁତନାକୁ କଲୁ ବିନାଶ ହେ
ରାଧାମାଧବ !
ଢମ ପଣେ କଂସ ନାଶ ହେ । ୧୪ ।
ଅର୍ଘାସୁର ବଧ କଲ
ଆକାଶମାର୍ଗରେ ହେଲେ ଛଳିଲ ହେ
ରାଧାମାଧବ !
ଅରଣ୍ୟ ଜନ ରଖିଲ ହେ । ୧୫ ।
ତେଣୁ ଭରସା ପାଉଛି
ତରବ ବୋଲି ମୁଁ ଆଶ୍ରୟ କଲି ହେ
ରାଧାମାଧବ !
ତା ପରେ ମୁଁ ପଡ଼ିଗଲି ହେ । ୧୬ ।

Digitized by srujanika@gmail.com

ଥୋପ ମୀନ ପ୍ରାଏ ହୋଇ ୨
ଥକିଲେ ନଷ୍ଟପ୍ରେ ରହିଲ ମୁହିଁ ହେ
ରାଧାମାଧବ !
ଥୟେ ଆଉ ଦଣ୍ଡ ନାହିଁ ହେ । ୧୭ ।
ଦୟାନିଧି ନାମ ବହି
ଦୟା ଯଦି ତୁମ୍ଭ ହୃଦରେ ନାହିଁ ହେ
ରାଧାମାଧବ !
ଦରିଦ୍ର ଜନଙ୍କ ଠାଇଁ ହେ । ୧୮ ।
ଧରି କୁବୁଜା ମନରେ
ଧାଇଁ ଚନ୍ଦନ ଲିପିଲ ହୃଦରେ ହେ
ରାଧାମାଧବ !
ଧାନକଲ୍ଲ ନିରନ୍ତରେ ହେ । ୧୯ ।
ନୃସିଂହ ମୂରତି ଧରି !
ନଖେ ହିରଣାକ୍ଷ ବକ୍ଷ ବିଦାରି ହେ
ରାଧାମାଧବ !
ନିଦାନ ବିପତ୍ତି ତାରି ହେ । ୨୦ ।
ପ୍ରହ୍ଲାଦ ରକ୍ଷାକାରୀ !
ପାପୀ ଅଜାମିଳ ହୋଇଲା ପାରି ହେ
ରାଧାମାଧବ !
ପାଦପଦ୍ମେ ଆଶ୍ରେକରି ହେ । ୨୧ ।
ଫେଡ଼ି ମୁଁ କହିବି କେତେ
ଫନ୍ଦା କରିଅଛି ଚରଣାଗ୍ରତେ ହେ
ରାଧାମାଧବ !
ଫାନ୍ଦୁ କରିବା ନିମନ୍ତେ ହେ । ୨୨ ।

Digitized by srujanika@gmail.com

ବ୍ରହ୍ମା ବତ୍ସା ହର ନେଲ
ବତ୍ସାରେ ରୂପାର ସମର୍ପି ଦେଲ ହେ
ରାଧାମାଧବ !
ଭକ୍ତ୍ୟେ ହୋଇ ରହିଲ ହେ । ୨୩ ।
ଭାବଷଟ୍‌କୋଦଣ୍ଡ ଧର !
ଭାବନା କରତେ ଅନ୍ତ ମୋହର ହେ
ରାଧାମାଧବ !
ଭବଜନ୍ତୁଁ ତର ପାଶ ହେ । ୨୪ ।
ମହୀରେ ଜନମ ହୋଇ !
ମଧୁସୂଦନ ହେ ଭଜିଲି ନାହିଁ ହେ
ରାଧାମାଧବ !
ମହିମା ବହିଲି ନାହିଁ ହେ । ୨୫ ।
ଜାଣିଲି କର୍ମ ମୋହର
ଜଗବନ୍ଧୁ କଲ ମୋତେ ଅନ୍ତର ହେ
ରାଧାମାଧବ !
ଜୀବେ ଆଶା ନାହିଁ ମୋର ହେ । ୨୬ ।
ରସିକନାଗରବର !
ରଙ୍ଗେ ବେଣୁ ବାଇ ବୃନ୍ଦାବନର ହେ
ରାଧାମାଧବ !
ରମଣୀଙ୍କ ସଙ୍ଗତର ହେ । ୨୭ ।
ଲଳିତ ଲାବଣ୍ୟ ମୂର୍ତ୍ତି
ଲୀଳା ଆରମ୍ଭିଲେ ଗୋପଯୁବତୀ ହେ
ରାଧାମାଧବ !
ଲଘ୍ୟେଶ୍ୱର ଦବାଗ୍ନି ହେ । ୨୮ ।

Digitized by srujanika@gmail.com

ବଜାଇ ବେଣୁ ବଇଁଶୀ
ବ୍ରଜାଙ୍ଗନାଙ୍କର ମନକୁ ଚୋରି ହେ
ରାଧାମାଧବ !
ବୋଲେ ଦେଉ ବ୍ରହ୍ମ ଜାଣି ହେ ୨୯
ଶ୍ରବଣେ ଶୁଣିଛୁ ମୁହିଁ
ଷରଣ ରଖିଛ ରାବଣ-ଭାଇ ହେ
ରାଧାମାଧବ !
ଷିଶୁ ତାହାଠାରେ ଦେଇ ହେ । ୩୦ ।
ସେହୁ ଭରସା ପାଇଲି
ଶ୍ରିୟା-ବଲ୍ଲଭ ହେ ଅଶ୍ରୟ କଲି ହେ
ରାଧାମାଧବ !
ଶୋକରେ ମୁଁ ସଉଗଲି ହେ । ୩୧ ।
ଶୁକ ସନକାଦି ଯେବେ
ସେବାକରନ୍ତି ସେ ଅନୁବ୍ରତେ ହେ
ରାଧାମାଧବ !
ସିଦ୍ଧ ହୋଇବା ନିମନ୍ତେ ହେ । ୩୨ ।
ହୃଦରେ ଅଛୁ ମୋହର
ହୃଷୀକେଶ ! ମୋତେ କରବ ପାର ହେ
ରାଧାମାଧବ !
ହେଲୁ ହେଉନାହିଁ ମୋର ହେ । ୩୩ ।
କ୍ଷମାନିଧି ନାମ ବହୁ
ଖେଦ ଅରତେ ମଦନ ଜଣାଇ ହେ
ରାଧାମାଧବ !
ଖେଦରୁ କରବ ତ୍ରାହି ହେ ୩୪ ।

Digitized by srujanika@gmail.com

କମଳଦଳ ଚଉତିଶା

ଉତ୍କଳର ପ୍ରାଚୀନ କବି ଗୋପାଳ 'କବିଚନ୍ଦ୍ର' ଏହି କମନୀୟ ଚଉତିଶାର ରଚୟିତା ବୋଲି ବୋଧହୁଏ, କାରଣ ପ୍ରେମର ମାଦକତା ଯେପରି ଏହି କ୍ଷୁଦ୍ର ଗୀତକାବ୍ୟର ଛନ୍ଦେ ଛନ୍ଦେ ପରିସ୍ଫୁଟ ତାହା ତାଙ୍କର ଭଳି ଶକ୍ତିଶାଳୀ କବିମାନଙ୍କ ପକ୍ଷେ କେବଳ ସମ୍ଭବ । କବିଚନ୍ଦ୍ରଙ୍କ କବିତା ଅନୁରାଗୀ ରସିକମାନଙ୍କର ଆଦରଣୀୟ ହେଉଥିବ ।

ରାଗ କେଦାରକାମୋଦୀ

କମଳଦଳନେତ୍ରୀ ସଙ୍କେତ ଦେଇ
କରୁଛୁ କ୍ଷୀଣ ମତେ କୁସୁମଧନୁ ରେ
କୋଟିଲାବଣ୍ୟଗାତ୍ରୀ ସଙ୍ଗ ବଳିଲେ
କଣ୍ଠୋଦ୍ଭବନ୍ ମନ ନାହିଁ ଟିକେ ଅବେ ରେ । ୧ ।
ଖଣ୍ଡିଣ ଏଡ଼େ ଦୁଃଖ କଲୁ ରେ ପ୍ରିୟା !
ଖଣେହେଁ ବନ୍ଧୁ ! ମତେ ନ କଲୁ ଦୟା ରେ
ଖଞ୍ଜ ଯେ ଥିଲି ବନ୍ଧୁ ! ତୋର ଚରଣ
ଖଣ୍ଡ ଖଣ୍ଡ କରୁଛୁ ପ୍ରାଣ ମଦନ ରେ । ୨ ।
ଗୁପତ ରତିକାଳେ ଚୁମ୍ବନ ଦେଇ
ଗାଢ଼ ସୁରତି କାଳେ ଅଧର ଦେଇ ସେ
ଗଜଗମନା ! ଗାଢ଼ ସ୍ନେହ ତେଜିଲୁ
ଗତ ପୀରତି ତୋ ମନୁ ପାସୋରିଲୁ ରେ । ୩ ।
ଘଡ଼ିକ ଲକ୍ଷେ ଯୁଗ ହୋଇଲା ମତେ
ଘନ ବଦନ ସଖି ! ଦହୁଛି ଚିତ୍ତେ ରେ
ଘଟଣ ଶୁଣୁନେହି ! ତରୁଣୀମଣି !
ଘାଉ ଦେଉଛୁ ପ୍ରାଣ ପ୍ରାଣମଣି ! ରେ । ୪ ।

Digitized by srujanika@gmail.com

ଙଗ୍ରେ ନବନାଗରୀ ଅଛନ୍ତି ଯେତେ
ଙଡଂସ୍ତେ ସରସମ ନୋହୁବେ ତୋତେ ରେ
ଙ ଭର ଙସ୍ପଣ ଗୋ ନୀରଜମୁଖି !
ଙ ଗନ୍ଧ ଜୀବ ଯିବ ତତେ ନ ଦେଖି ରେ । ୫ ।
ଚଞ୍ଚଳ ନୟନରେ ଚାହିଁ ଚାହିଁବା
ଚାହିଁଲେ ଚକିତ ହୋଇବେ ମଘବା ରେ
ଚନ୍ଦ୍ରାର୍ଦ୍ଧ ଭାଲପଟେ ଅଳକା ଶୋହି
ଚରୁଛନ୍ତି ଚକୋର ନଚଳେ ରହି ରେ । ୬ ।
ଛନ୍ଦଣ ଭ୍ରୂଯୁଗେ ଛନ୍ଦ ନ ଦେଇ
ଛଡ଼ିବ ନାହିଁ ବୋଲି ଦର୍ପଣ କହୁ ରେ
ଛୀରେନ୍ଦ୍ରସୁତାପତଧ୍ୱଜ କୋପରେ
ଛନ୍ଦନ ହୋଇ ଯାଇଁ ରହିଲୁ ଦୂରେ ରେ । ୭ ।
ଜପୁଣ ତୋର ନାମ ଯାଉ ଏ ଜୀବ
ଯିବାର କେବଳ ସେ ପ୍ରିୟା ଜାଣିବ ରେ
ଜଗତେ ଅପଯଶ ହେଉ ତାହାକୁ
ଜାଣି ଜାଣି ଏ ଯଶ ଦେଲା କାମକୁ ରେ । ୮ ।
ଝଟକ ଗଣ୍ଡେ ତାର ତାଟଙ୍କ ଶୋଭା
ଝସ କେତନ ଶର ଘାଣ ତା ପ୍ରଭା ରେ
ଝମଣ୍ଟି ନ ଯାଇ ମୋ ମନ୍ ତୋ ସୁଖେ
ଝାମ୍ପି ମଦନ ଏବେ ଦେଲା ଏ ଦୁଃଖ ରେ । ୯ ।
ଞତେଂ ଜାଣିଲି ତୋର ନଷ୍ଟୁର ହିଆ
ଞନିଶେ ବନ୍ଧୁ ! ମୋତେ ନ କଲୁ ଦୟା ରେ
ଞର୍ମିଳ ଞଷାକରପୂର୍ଣ୍ଣି ଆନନ
ନ ଦେଖି ଛନବଛନ ଚକୋର ମନ ରେ । ୧୦ ।

Digitized by srujanika@gmail.com

ଟଙ୍କାର ଟାଣେ ଟାଣି ମାରୁଛୁ ମାର
ଟଳନ୍ତି ପରାଣ ଏଥୁଁ ଉଦ୍ଭବ ରେ
ଟାହ୍ନ ନୂଆଇ ସତ ଶପଥ ତୋର
ଟସକର ପଣେ ଭୁ ଏଥୁ ଉଦ୍ଭବ ରେ । ୧୧ ।
ଠାଠୀକ ଉଚ କୁଚ ମର୍ଦ୍ଦନ କାଳେ
ଠକାରେ ନାହିଁ ନାହିଁ କରୁ ବଢ଼ୋଲେ ରେ ।
ଠାକୁର ଅଟ୍ଟ ବନ୍ଧୁ ! ଯୁବା ଉପରେ
ଠୂଳ କାମ ଅନଳ ଉଦ୍ଭବ ବାରେ ହେ ରେ ।୧୨।
ଡମ୍ବରୁଧର ! ବାରେ ଏମନ୍ତ କର
ଡୋଲାପିଉଳା ଦେଇ ସନ୍ତାପ ହର ହେ ।
ଢଙ୍ଗର ଢକାଇତ ଢକା କରୁଛୁ
ଢୋଲେ ତୋତେ ନ ଦେଖି ତନୁ ରହୁଛୁ ରେ । ୧୩
ଣୋକ ସ୍ମରବ ବଷ କେ ଆଣିଦେବ
ଣଗ ବ୍ରହ୍ମ କୀରତ ତାଙ୍କୁ ରହିବ ରେ
ଣମ ଯେତେକ ସବୁ ସରଣଗଲେ
ଣଳଦଳ ଅଧରୁ ସୁଧା ଗଳନ୍ତି ରେ । ୧୪ ।
ଅଚଳ-ଧନୁ ମତେ ତନୁ କରବ
ଅବଳା ବାରେ ଅବା ଏଥୁ ରକ୍ଷିବ ରେ
ଅଙ୍ଗନା ଅଙ୍ଗ ନାଶ ନ ଯାଉ ଋଷି
ଅନାଥ ନାଥ ହୋଇ ରଖ ସୁକେଶି ! ରେ । ୧୫ ।
ତରୁଣୀମଣି ଯୋଗ ବଶରେ ଥିଲେ
ତପେ ପାଇଣ ଥିଲି ବହୁ ଦରଶଲେ ରେ
ତପନାନ୍ଦିନୀ ପ୍ରିୟା ସମ୍ମୁଖ ହେଲେ
ତପନସୁତ ମତେ କ୍ଷମା ନ ନେଲେ ରେ । ୧୬ ।

Digitized by srujanika@gmail.com

ଥୋଇ କାଉଛ କର ପୁରୁଷ ବଧ
ଥୋଇଲ୍ଲ ନାହିଁ ଯେତେ ଥିଲା ମୋ ସଧ ରେ
ଥବର ଜ୍ଞାନ ଆଉ ନାହିଁ ମୋ ଦେହ
ଥଗଲୁଛି ପରାଣ ଶୁଣ ସନ୍ଦେହ ରେ । ୧୭ ।
ଦଇନ ଘେନ ବାରେ କରୁଣା କର
ଦାସ ଦୋଷ ସ୍ୱଜନ ! ମନେ ନ ଧର ରେ ।
ଦୁଃଖନାଶିନୀ ପାଇଁ ହୋଇଲି ଦୁଃଖୀ
ଦୁଃଖ ତ ନ ଦେଖିଲୁ ଚନ୍ଦ୍ରମାମୁଖି ! ରେ । ୧୮ ।
ଧରଛୁ ଜୀବ ଧନ ଅସିବା ଯାଏଁ
ଧରଣୀମଣ୍ଡନ ! ତୁ କର ସଦୟେ ରେ
ଧର କହୁଛି ପାଦ ଏମନ୍ତ କର
ଧୀରଗମନ ! ବାରେ ମୋତେ ଉଦ୍ଧର ରେ । ୧୯ ।
ନିରନ୍ତରେ ତୋ ରୂପ କରୁଛି ଧ୍ୟାନ
ନିଶି ଦିବସେ ବନ୍ଧୁ ପଡ଼ୁଛୁ ମନ ରେ ।
ନିଶାପତି ତୋ ବିନୁ ତନୁ ଦହୁଛି
ନିରେଂ ନେବ ପରାଣ ବିରହୁ ଅଛି ରେ । ୨୦ ।
ପ୍ରିୟା ପୀରତି ପରମାଦ ହୋଇଲା
ପଥେ ବସାଇ ମୋତେ ଅନାସ୍ତ କଲା ରେ
ପରମାନନ୍ଦ ବାରେ ଏମନ୍ତ କର
ପଦ୍ମପତ୍ରାକ୍ଷି ଦେଇ ସନ୍ତାପ ହର ହେ । ୨୧ ।
ପୂଷ୍ଟାରବଦନ ମୁଖେ ଚୁମ୍ବନ ଦେବ
ପାଇ ପ୍ରଭୁଣୀ ହୋଇ ଦୁଃଖ ଉତ୍ତରିବ ହେ ।
ଫଣୀ କୁଣ୍ଡଳ ଝପୁ ଝପୁ ହୋଇଲା
ଫାନ୍ଦ କୁରଙ୍ଗ ପ୍ରାଏ ମୋ ମନ କଲା ରେ । ୨୨ ।

Digitized by srujanika@gmail.com

ବିଧୁବଦନୀ ବନେ ବସନ୍ତ କାଳେ
ବସନ୍ତ ତରୁ ତଳେ ବସାଇ କୋଳେ ରେ
ବୋଲୁଛୁ ଯାହା ମୋତେ ପରାଣସହି !
ବିସୋରିଲୁ ଏବେ ତା ବିଦେଶେ ରହି ରେ । ୧୩ ।

ଭେଲା ଶୋକ ସମୁଦ୍ରେ ଭସାଇ ଦେଲୁ
ଭାବ ଦେଇ ଭାବିନି ! ଅଭାବ କଲୁ ରେ ।
ଭଗତ ନ ଦେଖିଲୁ ବାରେ ମୋହର
ଭଲେ ଅଯଶ ହେବ ଜଗତେ ତୋର ରେ । ୧୪ ।

ମଣିମଣ୍ଡନା ! ମନେ ସ୍ୱଦୟା କର
ମଦନ-ଅନ୍ଧକାରୁ ବାରେ ଉଦ୍ଧର ରେ
ମଦନ ସନ୍ଧାଣ ପ୍ରୟାଣ କରୁଛି
ମାରନେବ ପରାଣ ଶରୁରୁ ଅଛି ରେ । ୧୫ ।

ଯୁବତୀଶିରୋମଣି ! କୁଟିଳକେଶି !
ଯାଜ୍ଞମଣି ! ଏ ବର ମତେ ଦିଅସି ରେ
ଜନ୍ମେ ଜନ୍ମେ ତୋ ପଦେ ଝିଙ୍କଣ ଥିବ
ଯାବକ ହୋଇ ତୋ ଚରଣେ ଲାଗିବି ଯେ । ୧୬ ।

ରସିକ ଜନଙ୍କର ଅଟୁ ତୁ ବନ୍ଧୁ
ରମଣୀଶିରୋମଣି ! ଅମୃତସିନ୍ଧୁ ରେ !
ରଜନୀ ବଞ୍ଚିଥିଲୁ ରଙ୍ଗେ ମୋ ସଙ୍ଗ
ରଚିଲୁ ନାନା ସୁଖ କଲୁ ବିଭଙ୍ଗ ରେ । ୧୭ ।

ଲଳିତ ଚରଣେ ତୋ' ଦନେ ରେ ସହି !
ଲଗା ଲେଖନ୍ତେ ଯାହା ଅଛି ତୁ କହି ରେ
ଲକ୍ଷିଛି କୋଟି ହୋଇ ଅଙ୍ଗେ ଯେ କଥା
ଲାବଣ୍ୟନିଧି ! ମନେ ଲାଗିଛି ବଥା ରେ । ୧୮ ।

Digitized by srujanika@gmail.com

ବକ୍ରସମ ହୋଇଲା ମନ୍ଦ ପବନ
ବିଷ ସମ ହୋଇଲା ଅଶନ ପାନ ରେ ।
ବିଷମ ପ୍ରାଏ ଭେଦୁଅଛି ମଦନ
ବାନ୍ଧବ ! ତୋର ବିନୁ ନାହିଁ ମୋ ଆନ ରେ ।୨୯।

ସୁଦୟା କର ମୋତେ ହ୍ରମାବସଣ
ସପନେ ସଖିର ଧରଇ ଚରଣ ହେ ।
ସୁମୁଖୀ ସନ୍ନୀଷରେ ସୁଦୟା କରୁ
ଶୋକ-ସାଗରୁ ବାରେ ଉଦ୍ଧାର ଧରୁ ରେ । ୩୦ ।

ଶଶଧର ତୋ ବିନୁ ତାପୁଛି ମତେ
ସଟେହେଁ ଦୟା ସଖି ! ନାହିଁ ତୋ ଚିତ୍ତେ ରେ
ଶଶୀବଦନ ! ଏଡ଼େ କଠୋର ହେଲୁ
ଶରଣ ପଶିଥିଲି କଷ୍ଟେ ତେଜିଲୁ ରେ । ୩୧ ।

ଷରଣ ପଶିଥିଲି ତୋହର ସଜନି !
ସେ କଥା ନ ରଖିଲୁ ମୃଗଲୋଚନି ! ରେ ।
ସରଳ ଭରସା ମୋ ହେଲା ନିରେଖ
ସୁରଙ୍ଗବିମ୍ବାଧରି ! ବାରେକ ରଖ ରେ । ୩୨ ।

ହର ଚନ୍ଦ୍ରମା ଶୂନ୍ୟ ଚଉଭୁବନ
ହେମଗାତ୍ରି ! ଦହବୁ ସକଳ ମନ ରେ
ହଟେବଇଷ କଷ୍ଟେ ପ୍ରାଣ ନାଶିଲା
ହାଟକଗାତ୍ରି ! ମତେ ଏମନ୍ତ କଲା ରେ । ୩୩ ।

କ୍ଷୀରୋଦାମ୍ବୁଜାୟତ ବେନି ଚରଣ
କ୍ଷତେ ନରଇନ୍ଦ୍ର ପକ୍ଷେ ଶରଣ ଯେ
କ୍ଷମାସାଗର ପ୍ରଭୁ ନୀଳାଦ୍ରିପତି
କ୍ଷଣେ ଦର୍ଶନେ କରେ ଭବ ମୁକତି ଯେ । ୩୪।

Digitized by srujanika@gmail.com

ରାଧାମୋହନ ଚଉତିଶା

ରାଧାମାଧବ ଓ ରାଧାମୋହନ ଚଉତିଶା ମଧ୍ୟରେ ଏତେ ସାମଞ୍ଜସ୍ୟ ଅଛି ଯେ ଗୋଟିଏ ଅନ୍ୟଟିର ଅନୁକରଣ ପରି ବୋଧହୁଏ । ଭକ୍ତଜନପ୍ରେମୀମାନଙ୍କ ନିକଟରେ ଉଭୟେ ଆଦୃତ ହେବାର ଆଶା ।

କେବଳ ଦୁର୍ଜନ ଜନ
କରଯୋଡ଼ି କରି ହୋଇ ନଉନ ହେ
ରାଧାମୋହନ !
କହୁଛି କନ୍ୟା ଯେନ ହେ । ୧ ।

ଖଗେନ୍ଦ୍ର ପଛରେ ଚଢ଼ି
ଖେଦ ଅରଣ୍ୟେ ସଖୀଙ୍ଗ ଜଣାଇ ହେ
ରାଧାମୋହନ !
ଖେଦ ରଖି ଦେଉ ନାହିଁ ହେ । ୨ ।

ଗଉଣ୍ଡ ଗାଢ଼ ବପରି
ଗଙ୍ଗାଜଳ ଯାଇ ଦେଲା ସମ୍ଭାଳି ହେ
ରାଧାମୋହନ !
ଗାଙ୍କି ମାରେ ହବା ରାଉ ହେ । ୩ ।

ଘଟ ନେବ ବୋଲି ଆସି
ଘୋଟ ରହିଅଛି ବିପଦ ନଣି ହେ
ରାଧାମୋହନ !
ଘୋର ଅର୍ତ୍ତି ଦେଲି ଆସି ହେ । ୪ ।

Digitized by srujanika@gmail.com

ନନ୍ଦସୁତ ବଂଶୀଧାରୀ
ନାହିଁ କେହୁ ଆଉ ସାହା ମୋହର ହେ
ରାଧାମୋହନ !
ନ ରଖିଲେ ଗଲି ସରି ହେ । ୫ ।
ଚନ୍ଦ୍ରାମଣି ନାମ ବହୁ
ଚୀରେ ଚନ୍ଦ୍ରାବଳେ ଦ୍ରୌପଦୀ ପାଇଁ ହେ
ରାଧାମୋହନ !
ଚନ୍ଦ୍ରାରୁ ନେଲ ବଞ୍ଚାଇ ହେ । ୬ ।
ଛାଡ଼ିଲି ସକଳ ଆଶା
ଛନା ଚରଣକୁ କଲି ଭରସା ହେ
ରାଧାମୋହନ !
ଛଡ଼ ନା ଗଲା ଦୁର୍ଦ୍ଦଶା ହେ । ୭ ।
ଜଳନ୍ତା ଅନଳ ଠିକି
ଯଶୋଦା ସୁତ ହେ ଅଛ ସମ୍ଭାଳ ହେ
ରାଧାମୋହନ !
ଯତ୍ନେ ବ୍ରଜବାଳ ପାଳ ହେ । ୮ ।
ଝୁରେ କପୋତୀ ଯେସନ ।
ଝୁରୁ ଅଛି ମୁହିଁ ରଜନୀ ଦିନ ହେ
ରାଧାମୋହନ !
ଝୁରୁ ଝୁରୁ ତନୁ କ୍ଷୀଣ ହେ । ୯ ।
ନିଶ୍ୱାସ ଛାଡ଼ିଲି ଅତି
ନିରୁପାୟ ହେଲି କରୁଣାରାଶି ହେ
ରାଧାମୋହନ !
ନିଦ୍ରାସ୍ରୋତେ ଗଲି ଭାସି ହେ । ୧୦ ।

Digitized by srujanika@gmail.com

ଝଳନ୍ତ ବଂଶୀ ସ୍ରାବ୍ୟେ
ଝାଣ ନାହିଁ ଶୂନ୍ୟେ ରହିଛୁ କାସ୍ୟେ ହେ
ରାଧାମୋହନ !
ଝଳବ ନାଷ୍ଟ୍ୟେ ବାସ୍ୟେ ହେ । ୧୧ ।

ଠାକୁରବାଲ୍ ମୋ ଥାଷ
ଠିକଣା ନ ଦଶେ ହେ ପୀତବାସ ହେ
ରାଧାମୋହନ !
ଠାକୁର କଲ ନାଗଶ ହେ । ୧୨ ।

ଡରରେ ଗର୍ଭୀ ମୃଗୁଣୀ
ଡାକ ଦେଲା ରକ୍ଷ ସାରଙ୍ଗପାଣି ହେ ।
ରାଧାମୋହନ !
ଡାକ ଶୁଣି ସେହ୍ନଘଣି ହେ । ୧୩ ।

ଢାଳେ ବନ୍ଧୁ କେତୁ ଉରେ
ଢଳରନ୍ଧ୍ର ଚକ୍ର ଶଶମିତ୍ରରେ ହେ
ରାଧାମୋହନ !
ଢକା ବାଜେ ଜଗତରେ ହେ । ୧୪ ।

ଅକର୍ମ-କର୍ମଦାୟକ
ଅଘୋର ପାତକବୃନ୍ଦ ତାରକ ହେ
ରାଧାମୋହନ !
ଅଶିଲେ ପଡ଼ୁଛୁ ଡାକ ହେ । ୧୫ ।

ତୁମ୍ଭେ ପତିତପାବନ
ତୁମ୍ଭ ବିନା ନାହିଁ ମୋ ପରିତ୍ରାଣ ହେ ।
ରାଧାମୋହନ !
ତାରିବାକୁ ତ୍ରିଭୁବନ ହେ । ୧୬ ।

Digitized by srujanika@gmail.com

ଥଣ୍ଟକଣ୍ଠା ପକ୍ଷୀ ପରି
ଥପ୍ରେ ନାହିଁ ହୃଦୟରେ ମୋହର ହେ
ରାଧାମୋହନ !
ଥାଉଁ ଥାଉଁ ଗଳ୍ପ ସର ହେ । ୧୭ ।
ଦରିଦ୍ର ସୁଦାମା ଦୁଃଖ
ଦଣ୍ଡକେ ଘାଞ୍ଚିଲ ପଙ୍କଜ ମୁଖ ହେ
ରାଧାମୋହନ !
ଦେଖୁଛ ଅଶେଷ ମୁଖ ହେ । ୧୮ ।
ଧରଣୀ ଧବଳ୍ୟା ଅଗ୍ରେ
ଧ୍ରୁବଙ୍କୁ ରଖିଲ ନିଶ୍ଚଳ ସ୍ୱର୍ଗେ ହେ
ରାଧାମୋହନ !
ଧ୍ରୁବ ଧନ୍ୟ ଦେବମାର୍ଗେ ହେ । ୧୯ ।
ନର୍ମଦ ମୃଗଛ ଧର
ନଟେ ହରଣାକ୍ଷ ବଧ ବଦାନ୍ତ ହେ
ରାଧାମୋହନ !
ନାହିଁ ମମ ଚିନ୍ତପୂର୍ଣ୍ଣ ହେ । ୨୦ ।
ପତିତପାବନ ହରି
ପତିତା ଉଦ୍ଧରୁଛ ଚଉଦପୁରୀ ହେ
ରାଧାମୋହନ !
ପ୍ରହଲାଦ ହିତକାରୀ ହେ । ୨୧ ।
ଫଣେନ୍ଦ୍ରବର ଭୂଷଣ
ଫୁଟଇ ହୃଦୟ ଅବଚାରଣ ହେ
ରାଧାମୋହନ !
ଫେଡ଼ ମୋ ହୃଦ କଷଣ ହେ । ୨୨ ।

Digitized by srujanika@gmail.com

ବେଳକ୍କ ବେଳ ପ୍ରବଳ
ବ୍ୟାଧରୂପେ ବ୍ୟାଧି ସାଉଲା ବଳ ହେ
ରାଧାମୋହନ !
ହରମ ସଂକଟ ହର ହେ । ୧୩ ।

ଭବ୍ୟଞ୍ଜନ ଯିବ ନାଶ
ଭାବଗ୍ରାହୀ ଅରକ୍ଷବ ଙ୍କ ଯଶ ହେ
ରାଧାମୋହନ !
ଭାବନା କର ମାନସ ହେ । ୧୪ ।

ମଳା ଭ୍ରମର ବଶ୍ଚାଇ
ମହମାସାଗର ଗୁରୁଙ୍କୁ ଦେଇ ହେ
ରାଧାମୋହନ !
ମନ୍ ସନ୍ତାପ ଛଡ଼ାଇ ହେ । ୧୫ ।

ଜଗତ ପ୍ରଳୟକାଳେ
ଢକ୍ତି ମାରକଣ୍ଡ ଡାଉଳ ହେଲେ ହେ
ରାଧାମୋହନ !
ଯଶ ରକ୍ଷି ମଣ୍ଡଳେ ହେ । ୧୬ ।

ରମା ସଙ୍ଗେ ଖେଳ ରଙ୍ଗେ
ରଖ ଡାକଦେଲା ଗଜ ଅରତେ ହେ
ରାଧାମୋହନ !
ରକ୍ଷିଲ ତାଙ୍କୁ ତୁରତେ ହେ । ୧୭ ।

ଲାଗିଣ ପଦ୍ମଚରଣ
ଲବଣ ହେଲା ଅହଲ୍ୟା ଭୂଷଣ ହେ
ରାଧାମୋହନ !
ଲଭିଲା ସେହୁ କାରଣ ହେ । ୧୮ ।

Digitized by srujanika@gmail.com

ବ୍ରହ୍ମାଣ୍ଡପାତକୀ ଯଲା
ବଡ଼ ଅଜାମିଳ ବେଶ୍ୟା ପିଙ୍ଗଳା ହେ
ରାଧ ମୋହନ !
ତୁହି ମୋ ସଂଶୟ ତୋଳା ହେ । ୨୯ ।

ଶ୍ରୀବତ୍ସଲାଞ୍ଛନ ଚିହ୍ନ
ଶ୍ରୀଅଙ୍ଗେ ବହିଛ ଭକ୍ତ ଭାବେଣ ହେ
ରାଧାମୋହନ !
ଶ୍ରୀମୁଖେ କହି ଆପଣ ହେ । ୩୦ ।

ସତ୍ୟବାଦୀ ନାମ ଯାର
ଶରଣ ବତ୍ସଲ ଦୟାସାଗର ହେ
ରାଧାମୋହନ !
ଶୋକ ସିନ୍ଧୁ ପାରଙ୍କର ହେ । ୩୧ ।

ଶୁକ ସନକାଦି ଶେଷ
ସ୍ତୁରୁଛନ୍ତି ଯାକୁ ରାତ୍ରି ଦିବସ ହେ
ରାଧାମୋହନ !
ସେହି ନ ପାଇଲେ ଲେଶ ହେ । ୩୨ ।

ହୀନ କର୍ମ ବୁଦ୍ଧି ମୋର
ହଠ ବଡ଼ା ମୂଢ଼ କଣ୍ଠିକୁହର ହେ
ରାଧାମୋହ !
ହୃଦୟ ବଡ଼ ଅସ୍ଥିର ହେ । ୩୩ ।

କ୍ଷୀରାବ୍ଧି ତନୟା ଇଶ ।
କ୍ଷମାକର ଜଣ୍ୟାନନ୍ଦର ଦୋଷ ହେ
ରାଧା ମୋହନ !
ଛିଦ୍ର ଛାଡ଼ି କର ନାଶ ହେ । ୩୪ ।

Digitized by srujanika@gmail.com

ସାରଙ୍ଗଦୃତ ଚଉତିଶା

(ଭୂମିକା)

ପ୍ରାଚୀନ କବିଙ୍କର କବିତାକୁ ମାନଙ୍କୁ ଅଧୁନିକ ଯୁଗରେ ବେଶୀ ଲୋକ ଜାଣନ୍ତି ନାହିଁ; କିନ୍ତୁ ସେ ଗୁଣେ ବଡ଼ ଶକ୍ତିଶାଳୀ କବି । ଅନେକ ନେ ତାଙ୍କର କେତେକ ଶ୍ଳୋକ ଉଦ୍ଧାର ପ୍ରାପ୍ତ ହୋଇଅଛି ଓ ଆଶା ଅଛି ତାଙ୍କର ଅନ୍ୟାନ୍ୟ ଗ୍ରନ୍ଥ ଉଦ୍ଧାର ହେବ । ତାହା ନ ହେବା ଯାଏଁ ସାହିତ୍ୟରେ ପ୍ରଚଳନ ଯଥାଯଥ ବର୍ଣ୍ଣନ ଅସମ୍ଭବ ।

ରାଗ—କାମୋଦୀ

କହୁଛ ସାରଙ୍ଗ ସା— ରଙ୍ଗ ସାରଙ୍ଗ ସାର-
ଙ୍ଗ-ନୟନା ଛମୁରେ
କୁସୁମ କାଣ୍ଡ କାଣ୍ଡ କାଣ୍ଡ ଦାଣ୍ଡରେ ଗୋପୀ-
ଙ୍କ ଦେଲେ କ ଦୋଷରେ
ହଂସ ହେ !
କହଣ କରୁଣା ଅମ୍ବରେ
କୋମଳ କର ହର ହର ହରଙ୍କି ଏ କ-
ଥା ପଚାରିବ ଧୀରେ । ୧ ।

ଖେଦ ଅକ୍ରୂରରେ ପାଉନ୍ତମଧ୍ୟାଙ୍କୁ
ଚଢ଼ାଇ ସାଙ୍ଗ ଦେଇଗଲେ
ଖଳ ସେ ଅକ୍ରୂର କ୍ରୂର ବଚନକୁ
ନରେଶ କଂସପୁର ଗଲେ
ହଂସ ହେ !
ଖାଇ ମରନ୍ତୁ ସର୍ବେ ବିଷ
ଖୁଆଇ ଅଧରୁ ଅମୃତ ଅମୃତ
କଲେ ଯା ଏହୁ ତାଙ୍କ ଦୋଷ । ୨ ।

Digitized by srujanika@gmail.com

ଗୋପ-ଭଜନର· ଜଣା ଦବା ଦବା-
କଉବନ୍ଧ ପାଦେ ସେବଲୁଁ
ଗୋକୁଳପାଳ ଗୋ— କୁଳ ପାଳ ଧାଳ
ନରେନ୍ଦ୍ରପଦ ଭୁଷ କଲୁଁ
ହଂସ ହେ !
ଗୋବନ୍ଦ ବୋଲୁଥାନ୍ତି ଧୀରେ
ସ୍ପନ୍ଦ ରେ ସୁମନା ସୁମନା ସୁମନା
ସୁମନା-ମଣ୍ଡନା ଛନ୍ଦରେ । ୩ ।
ଘନ ଘନ ଘନ ଘନଶ୍ୟାମ ବେନୁ-
ଧ୍ୱନି ଶୁଭଇ ଯେତେବେଳେ
ଘର ଦର ଦର— ଦରଣୀ ସମସ୍ତ
ତେଜ ତା ଖଣ୍ଟି ପାଦତଳେ
ହଂସ ହେ !
ଘୋର ଦାରୁଣ ରଜପଥ
ସେଜ୍ଜ ଜୀବନ ଜୀ— ଇବ ନନ୍ଦସୁତ-
ର ତ ଏହୁ ଅପକାରତ । ୪ ।

ଛଇଳେ ମଧୁର ମଧୁ ରଜନୀରେ
କାମ କାମନା ମନେ ଭର
ନନ୍ଦନାନନ୍ଦ ନ— ନ ନନ୍ଦନ ସଙ୍ଗେ
ମାତୁଥାଉ ବ୍ରଜନନ୍ଦିନୀ
ହଂସ ହେ !
ଅରେଣ ହେଲୁ ଏବେ ସେହୁ
ଶ୍ରୀରଙ୍ଗନୟନ ନୟନ ନୟନ
ଦାଖଲୁ ପ୍ରଭୁପଣ ବହୁ । ୫ ।

Digitized by srujanika@gmail.com

ବୃନ୍ଦ ଏ ନଗରେ ନଗରେ ନଗରେ
ଯେତେ ଯେତେ ଭାବ ଦେଉଛ
ତେଣୁ ସେ ରଙ୍ଗ ର— ଙ୍ଗ ରଙ୍ଗ ରଙ୍ଗ କ-
ଚେତାଇଣ ଦୁଃଖ ଦେଉଛ
ହଂସ ହେ !
ଶୃଙ୍ଗିଲେ ସେହୁ ସେ ଦଶୁଛ
ତଥି ଚନ୍ଦ୍ରକାନ୍ତ କାନ୍ତ କାନ୍ତ ଚନ୍ଦ୍ର-
କାନ୍ତ ଦ୍ରବୀଭୂତ କରୁଛ । ୬ ।

ଛନ୍ଦେ ଶ୍ରୀକର ଶ୍ରୀକର କରରେ
ଦେଇ ବୋଲୁଥାନ୍ତି ଶ୍ରୀବାସ
ଛାଡ଼ି ବନପ୍ରିୟ ବନପ୍ରିୟ ପ୍ରିୟ
ବନପ୍ରିୟ ଭାବ ତ୍ରିବାସ
ହଂସ ହେ !
ଛଳଇ ଗୋପନାଶ୍ରବର
ପ୍ରେମୀ ସାଗର ଗ— ରବ ଇନ୍ଦ୍ର ଇନ୍ଦ୍ର
ସୁଖକୁ ନ କରୁ ଆଦର । ୭ ।

ଯାଉ ଯାଉ ଦନ ଦୀନବନ୍ଧୁ ବନ୍ଧୁ
ଜୀବ ଅଧର ପାନ କରି
ଜାଣି ଜାଣି ଦେଲେ କର ଶେଷ ଶେଷ
ସଜନୀ ଅଛୁ ପଛୋଅଛୁ
ହଂସ ହେ !
ଜୀବ ନେଉଛ ଏବେ ମୋର
ଯତନ କର କ— ରବ ନିବେଦନା
ବେଦନା ଜଣାଇ ଅମ୍ବର । ୮ ।

Digitized by srujanika@gmail.com

ଝଂକେଭୁ କେଭୁ   ଉଦସ୍ତ ଉଦସ୍ତ
ନାଶ କରୁଅଛୁ ଅମ୍ବରଂ
ଝଂଳ ଗଉ୍ଷଂ ଗ—   ଉଗ୍ର ସେବାବର୍ଷ
ବଯାଢା ଖଣ୍ଡେଲା ସଭ୍ଯର
ହଂସ ଦେବ !
ଝର ଝର ଢୋଇ ନୟନ
ଝରୁଛି ନୀର ନ—   ବକ୍ତ୍ରେ ତା ଚନ୍ଦ୍ର
ନମସ ମଣୁଅଛି ମନ । ୯ ।

ଞଜର କଦମ୍ବ   କଦମ୍ବ କଦମ୍ବ
ଢୋଇ ବୋଲୁଥାନ୍ତି ଶ୍ରୀକର
ନାଗସ୍ୱାମଣିଏ   ମଣି ଏ ପୁଷ୍ପଲୁ
ଯେନ ଏ ମଦନ ମୁଦ୍ଗର
ହଂସ ଦେବ !
ନୟନର ସେ ସୁଖସ୍ଥାନ
ନୀଳ ସଲିଳ ଜ—   ଳଦ ନିନ୍ଦା କରେ
ଶ୍ୟାମ କଳେବର ବରଣ । ୧୦ ।

ଟାଳ ନାଶୁଛି ଅ—   ମ୍ବ ଦର୍ପ ଦର୍ପକ
ଦଣ୍ଡ ଦଣ୍ଡ ଦଣ୍ଡକେ ନେଇ
ଟାଳୁଛି ଜୀବନ   ମନ୍ଦ ମନ୍ଦ ମନ୍ଦ—
ସ୍ୱର ଛନ୍ଦରେ ଡାକ ଦେଇ
ହଂସ ଦେବ !
ଟଳଟଳ ଅଙ୍ଗ ହୋଉଛି
ଟେକ ମରୁତ ମରୁ—   ମରୁଦ୍ଗମରୁ ଛନ୍ଦ
ଉଦସାତ ଯାହା ବହୁଛି । ୧୧ ।

Digitized by srujanika@gmail.com

ଠିକ ବିଦ୍ରୁମ ତା   ଅଥଚ ଅଧର
ଅଧରକୁ-ତ ନୋହେ ସର
ଠାଟିକ ଦନ୍ତକୁ ।   ଜ୍ୱନକୁ ଉଜଳ
ଉଜଳେ ନ ପାରିବ ଶିଖି
ହଂସ ହେ !
ଠାକୁର ସଙ୍ଗେ ଥାଉ ବନ୍ଧୁ
ଠଣ ଉପବନ   ପବନରେ ପୁଷ୍ପ
ପୁଷ୍ପ ଅମୋଦ କରୁଥାଇ । ୧୨ ।

ଭାବ ଏକାନ୍ତେ   ଏକାନ୍ତେ ଗୋପୀକାନ୍ତ
କାନ୍ତ ବାଣୀରେ ବଶ କଲେ
ଛକାଇବ ଫୁଲ—   ବିଶିଖ ବିଶିଖ
ବିଶିଖରେ ଦେଇ ଚଳଲେ
ହଂସ ହେ !
ଭୋଳାଇବୁଁ ଜୀବ ଅବଶ୍ୟ
ଢଙ୍ଗର ବର ବ—   ଗନ୍ଧ-ଧର ଧର-
ଧର ପାଇବେ ବଡ଼୍ୟା ଦୋଷ । ୧୩ ।

ଚଳନ୍ତୁ ଜୀବନ   ଜୀବନ ଜୀବନ—
ବୁନ୍ଦ-ଦଳେ ପଡ଼ି ଯେସନ
ଚଳ ଚଳ ବଧୂ   ବଧୂ ବୃଧୂ ଭାବ
କରେ ଧଇର୍ଯ୍ୟ ଶଯ୍ୟମାନ
ହଂସ ହେ !
ଚମିଅ କୃଷ୍ଣ ହେଲା ଭନ ।
ଚାଲେ ସେ ଚତୁର   ଚତୁର ଚତୁର-
ଅଜନ କର ଝର୍ପା ପ୍ରାଣ । ୧୪ ।

Digitized by srujanika@gmail.com

ଅଛନ୍ତ ଅଛନ୍ତ   ଅଛନ୍ତ ଅଛନ୍ତୁ
କଳା ପେଷି ପୁଷ୍ପଶ୍ରାବକ
ଅଛି ହର ହର   ହରଣଦୂଶୀଙ୍କୁ
ଏ ଦୁଃଖ ରଖନ୍ତୁ ବାରେକ
ହଂସ ହେ !
ଅଶ୍ୱତ୍ଥାମ ତାଙ୍କ ନାମ
ଏହୁ ବପଦ ବ—   ପଦ ପଦ କର—
ଦେବାକୁ ଅମ୍ଭେ ନୋହୁ ଷମ । ୧୫ ।

ତରୁଣୀଙ୍କ ଯେମନ   ମାଧବ ମାଧବୀ
ମାସେ ବୁଲୁଥାନ୍ତି ଅନଙ୍ଗେ
ତାର ତାର ତାର   ତାର ହାତରେ ଶୋଭେ
ବହୁଣ ଥାଉ ଯେ ଉରସେ ସେ
ହଂସ ହେ !
ତାଙ୍କ ବଳେ କଳ୍ପ ହନକୁ
ତେଜ ଅହାର ହା—   ର ହା ରବ ଏବେ
ପ୍ରକାଶ ହୋଉଛି ମୁଖରୁ । ୧୬ ।

ଥିଲେ ଗ୍ରନରେ ଗ୍ର—   ନରେ ଗ୍ରନଜଣି
ଅଘ ଉଜଳ ହୋଇଥିଲା
ଥିରେ ସୋହନ ମୋ—   ହନ ବେଣୁ ହାଉ
ବାଇ କରଣ ଯେନ୍ନ ଗଲା
ହଂସ ହେ !
ଥଏ ହୋଇ ଯେନ୍ତୁ ହଣୁଛି
ଥାଉ ସେ ବରଜ   ବରଜ ଅନ୍ତରେ
ବରଜ ଅମୃତ ରହୁଛି । ୧୭ ।

Digitized by srujanika@gmail.com

ଦାମୋଦର ଦର   ଦରେହାସ ଗଗେ
ଦେଖିଲୁ ନାହିଁ ଗୋପନାରୀ
ଦହେ ଦ୍ୱିଜରାଜ   ଦ୍ୱିଜ ରାଜ ରାଜ
ଯେଉଁ ଦିନ ଗଲେ ବଧୂର
ହଂସ ହେ
ଦର ଦହିଣ ବୋଲୁଥାନ୍ତି
ଦେଖରେ ରାମା ରା—   ମା ରାମା ବନାନ୍ତର
ମୃଗ ମୃଗ ଲୀଳା କରନ୍ତି । ୧୮ ।

ଧାଇ ଶୁହିଁ ପ୍ରତି—   ଅଶା ପ୍ରତିଅଙ୍ଗ
ଅଶା ବିଶ୍ରାମକୁ କହନ୍ତି
ଧୀରେ ଏ ପ୍ରାଣ   ପ୍ରାଣ ପଛ ପଡିତ—
ଗଡି ବନା ଦେହେ ମରୁଛି
ହଂସ ହେ !
ଧନ୍ୟ ହୋଇଥିଲୁ ତାହାରେ
ଧର ନଥିଲ ନ—   ଅନ ଅଳୀ ହେଦେ
ଖୋହିଥାଉଁ କୃଷ୍ଣ କିରରେ । ୧୯ ।

ନରାଶ ନାସର—   ସିଦ୍ଧ ରପେ କଲା
ନ ଯାଇଁ ଜୀବନ ରହୁଛି
ନାଗେଶ୍ୱର ପ୍ରାଏ   ନୀଚେ ନୀଚେଶ୍ୱର
ପୂରପଡି ଜ ହୋଇଅଛି
ହଂସ ହେ !
ପିଶୁନ ବହୁ ତା ଶଣ୍ଡିଲା
ପାଇଛୁ ବପର—   ବପର ଦିପର
ଗୋପରୁ ଯେଉଁ ଦିନୁ ଗଲା । ୨୧ ।

Digitized by srujanika@gmail.com

ଯାଇ ଶ୍ରୀଚନ୍ଦ୍ର ଉ— ହେ ରହୁ ଅବଳା
ବଳାଇଛୁ ଚିର ତାହାରେ
ଫେଡ଼ ଏ ଦୁର୍ଦ୍ଦଣ୍ଡ ଗଢ଼ ହୋଇ ଗୋପୀ
ନଗ୍ନା ବନାନ୍ତ ଭାଲରେ
ହଂସ ହେ !
ଫାଟୁ ହୃଦୟ ଯାଉଅଛୁ
ଯନ୍ତ୍ରଣା ସହି ଷ— ବାଂଶୀ ପ୍ରବଶମ
ଷଷମପୂ ଭମ ନାଶୁଛୁ । ୧୨ ।

ବାପନ ବାପନ ବାପନ ଷବଦେ
ଅତ୍ୟନ୍ତ ଯାଉଥାଇ ଶୋଭା
ବେନୁପାଣି ପାଣି— ପାଣିରେ ଅମୃତ
ନବେଣି ହୋଉଥାଉଁ ଲୋଭା
ହଂସ ହେ !
ବୂଲୁଥାଉ ତାଙ୍କ ସଙ୍ଗରେ
ବନମାଳୀ ମାଳୀ— ମାଳ ମାଳ କଢ଼
ପୁଷ୍ପ ଦେଉଥାନ୍ତି ଅମୃତେ । ୧୩ ।

ଭ୍ରମର ବଳ ଯ— ମାନ ମଣନ୍ତି ଏ
ମଣି ହୋଉଛୁଁ ହତଜ୍ଞାନ
ଭାବ ଭାବ ଭାବ ଭାବବଶୀ ଗୋପୀ
ରଖିଅଛୁଁ ମାତ୍ର ଜୀବନ
ହଂସ ହେ !
ଭାଗ୍ୟହୀନ ଅମ୍ଭେ ଗୋପିକା
ଭରସା ଭରସା ରଙ୍ଗଭୃଙ୍ଗର
ପଦକୁ କରି ଅଛୁଁ ଏକା । ୧୪ ।

Digitized by srujanika@gmail.com

ମନ ବାରଣ ବା— ରଣ କରୁଅଛୁ
ନାଗରେ ବରଦ କେଶରୀ
ମହାବେଦନା ବେ— ଦନା ଅହନିଶି
ମାରମାରଣେ ହେଲୁ ଭସ୍ମ
ହଂସ ହେ !
ମହିମା କୃଷ୍ଣ ବିକାଶିଲ
ମଧୁହାସୀ ମଧୁ— ହାସୀ ଗୁଣ ଯଶ
ଧର ଶ୍ରୀଗଭରେ ରଖିଲ । ୨୫ ।

ଜୀବ ଯନ୍ତ୍ରବନ ଜୀବ-ଯନ୍ତ୍ରବନ
କର ନାଶୁଛୁ କାମାନଳ
ଜଗତ ଜୀବନ ଜୀବନଦ ହୋଇ
ବୃଷ୍ଟି କରନ୍ତୁ ସ୍ନେହ ଜଳ
ହଂସ ହେ ।
ଜଣାଇବ ତାଙ୍କୁ ଏତେକ
ଯୁବତୀଗଣ ଗ— ଣ ନାରୀ ବାହାର
ହାରୁଛନ୍ତି ଗୋପୀ ବିବେକ । ୨୬ ।

ରାମ ଲକ୍ଷଣ ଲ— କ୍ଷଣ ମୁଖ ନ ଦେଖିଣ
ଆରତେ ଗୋପ ସଖା
ଭକ୍ତୀଶ ଭକ୍ତରେ ଭକ୍ତିରେ ଚାହିଁଛ—
ନାଶ୍ଚି ପରାଏ ଅଙ୍କୁଁ ରନ୍ଧ୍ର
ହଂସ ହେ ।
ରାତ୍ର ଦିବସେ ନିଦ୍ରା ନାହିଁ ।
ରମଣୀ ରମଣୀ ରମଣୀ ଏ ପୁଣ
ହୋଇ ଯାଇଛନ୍ତି ଭାବଗ୍ରାହୀ । ୨୭ ।

Digitized by srujanika@gmail.com

ଲକ୍ଷ୍ମୁଁ ଭ୍ରମର ଭ୍ରମର ଭ୍ରମର
ବରଜ ପୁର ନାରୀଜନ
ଲକ୍ଷ ଢର ଲକ୍ଷ ଲକ୍ଷ କର ଶର
ପେଷି ପକାଉଛି ମଦନ
ହଂସ ହେ !
ଲବେ ସୁଖ ନାହିଁ ମନରେ
ଲାବଣ୍ୟନାଥଙ୍କ କର କର ଲସ୍ତୁ
ଲସ୍ତୁ ହେବୁଁ ଏ ଗୋପ ପୁରେ । ୨୮ ।

ବଳଭଦ୍ର ବଳ— ଭଦ୍ର ଅନୁଜରେ
ଗୋଧନ ବାହୁଡ଼ା ସମୟେ
ବଡ଼ଭୀରେ ବସି ବସି ବସି ବଂଶୀ
ଧ୍ୱନରେ କରଥାଉ ଲୟେ
ହଂସ ହେ ।
ବନ କୁସୁମେ ବେଶ ହୋଇ
ବକୁଳ କୁଳ କୁ— ଲାଙ୍ଗନା ମୋହନେ
ଶିରେ ଖୋଷିଥାଇ ମାଧୋଇ । ୨୯ ।

ସୁଧାକର କର କରଇ ଆକୁଳେ
ଅନଳ ପ୍ରାଏ ହୃଦ ଦେଶେ
ସୁବାସ ସୁବାସ ବାସ ବାସନ୍ତୀରେ
କାହାର ସୁଖ ନାହିଁ ଲେଶେ
ହଂସ ହେ !
ସବୁ ପ୍ରକାରେ ହେଲୁଁ ଖୀନ
ଷଟପଲ ତନୟ ନୟନ ପଦ୍ମ
ଦନରୁ ନ ଲୁଚେ ଅଞ୍ଜନ । ୩୦ ।

Digitized by srujanika@gmail.com

ସତତ ଦହନ   ଶର ଶରଦ୍ୱାର—
ଧାରା ସମାନ ବର୍ଷୁଛି
ଶଙ୍କର ସଖ ର—   ହୃଷ୍ଟ ସଂସାର
ଅଶୋକ ଶୋକ କରାଉଛି
ହଂସ ହେ !
ଶୀଘ୍ର ହୋଇଲୁଁ ଗୋପୀବଂଶ
ଶରଣବତ୍ସଳ   ଛିନ ନ ହେଲେ
ହେଲେ କୁବୁଜା ବଶ । ୩୧ ।

ଶ୍ୟାମ ଶ୍ୟାମଅଙ୍ଗ   ଅଙ୍ଗନା ଅନ୍ୱେଷ
କର ଲଭୁଥାଉଁ ହରଷ
ସରସ ଚନ୍ଦ୍ରରେ   ସରସ ବଚନରେ
ବଞ୍ଚୁଥାଉଁ ନିଶି ଦିବସ ।
ହଂସ ହେ !
ସେ ଦୁଃଖ ଗଲା ଏବେ ଜୀବ
ଶ୍ରୀଧର ହାପରେ   ପରେରତନାକର
ପୁର ପୁରନ୍ତକୁ ଚଳିବ । ୩୨ ।

ହରଷ ହଂସ—   କ୍ରୋଧକୁ ଲଙ୍ଘବ
ଦୟା ଦୟାନିଧି କରିବେ
ହଇବେ ଲମ୍ବୋଦ—   ର ଦର ପଥରେ
ମଙ୍ଗଳା ମଙ୍ଗଳାଦର୍ଶିବେ ।
ହଂସ ହେ !
ହୃଦରେ ଘେନ ଅମ୍ଭ ଭାବ
ହେଉ ଅପସର   ଷଡାଣଶୋଦର
ଦରଶନରେ ଜଣାଇବ । ୩୩ ।

Digitized by srujanika@gmail.com

ଛଡ଼ାନ୍ତ ସାରସ   ସାର ମନ୍ଦିର
ଶୁଣି ଗୋପୀଙ୍କ ସ୍ୱବଚନ
ଛଛନ୍ଦେ ତତ୍ତ୍ୱ ବ—   ଲାଭ ବସ୍ତ୍ର ପଦେ
ହସ୍ତ ପଦେ ଗନ୍ଧ ଗମନ
ହଂସ ଯେ !
ଶୀତ୍ରୋଦକଙ୍କ ଚନ୍ଦ୍ରାଳିଲା
ହେମେ ଚନ୍ଦ୍ରା କଉ   କୃପାହିନ୍ଦୁ ପଦ
କୃପାହିନ୍ଦୁ ପଦ ବର୍ଣ୍ଣିଲା । ୩୪ ।

ଶ୍ରୀ ରାଧାବିରହ ଚଉତିଶା

ବିଖ୍ୟାତ କେଶବ-ରାମାୟଣ-ରଚୟିତା କେଶବ ପଟ୍ଟନାୟକ ହେଉଛନ୍ତି ଏ ଚଉତିଶାର କବି । କେଶବ ରାମାୟଣରେ କବିଙ୍କ ପ୍ରତିଭାର ଯେଉଁ ସବୁ ବିଶେଷତ୍ୱ ଦୃଷ୍ଟ ହୁଏ ଏ ଚଉତିଶାରେ ସେ ସବୁ ସୁନ୍ଦରରୂପେ ପ୍ରତିଫଳିତ ।

(ରସକୁଲ୍ୟାବାଣୀ)

କହନ୍ତି ରାଧା ଦୂତୀ କର ଧରି
କୁଞ୍ଜବନକୁ ଯାଅ ସଜନୀ !
କରିଗଲେ ଛନ୍ନ ଛୀନ ଅମ୍ବର
କୃପାନିଧି ହେଲେ ଗୋପୁଁ ବାହାର ସେ ।
କହିବଟି ଦୂତି ଯାଇଁ ଗୋ !
କେଉଁ ଦୋଷ ଧରି କମଳ-ଲୋଚନ
କୁଞ୍ଜବନେ ଛନ୍ନ ରହି ଗୋ । ୧ ।

କ୍ଷଣେ ନ ଦେଖିଲେ ନନ୍ଦନନ୍ଦନ
ଖାଇବୁଁ ନିଶ୍ଚୟେ ମହୁରା ପାନ
ଖୋଭସାଗରେ ଅମ୍ଭଙ୍କୁ ଭସାଇ
ଖଗପତିନାଥ ଗଲେ କିପାଇଁ ସେ ।
ଖଣ୍ଡିଲେ ଗୋପଆନନ୍ଦ ଗୋ !
କ୍ଷଣେ ନ ଦେଖିଲେ ନନ୍ଦର ନନ୍ଦନ
ନୟନେ ନ ମାଡ଼େ ନିଦ ଗୋ । ୨ ।

ଗହନ ବନେ ଯେବେ କଲେ ବାସ
ଗୋପାଙ୍ଗନା ନିଶ୍ଚେ ହୋଇଲୁଁ ନାଶ
ଗୁପତ ରତିମାନ ପାସୋରିଲେ

Digitized by srujanika@gmail.com

ଚନ୍ଦନ ଗୁଳ୍ମଲତା ଅବୋଧଲେ ସେ ।
ଗଲେ ଯଉଁ ଦନ୍ଦୁ ଦୂର ଗୋ !
ଗଙ୍ଗାଧର-ଗପୁ ହୃଦଯ୍ନ ଦହଇ
ଥାଇ ଗରୁ ଷ୍ଠାଣ କଣ ଗୋ । ୩ ।

ଘଣ୍ଟଣମୁଖେ ଦଅନ୍ତି ଚୁମ୍ବନ
ଘେନିଗଲେ ଏଡ଼େ ଧୀରଢମାନ
ଘନ କୃପଣରେ ଗଲେ ମାଗ
ଘର ମଣିଲୁଁ ହୃଦାଶନ ଘଣ ସେ
ଘୋର ଦେହଅଛୁ ଦେଖି ଗୋ !
ଘଡ଼ିଏ ବିଲମ୍ବ ନ କର ଦୂତ ! ତୁ
ଘେନ ଅଶ୍ୱ ବେଗେ ଯାଇ ଗୋ । ୪ ।

ଉଚିତ ବଚନ ଶୁଣ ମଜନ !
ଅଣିଦିଅ ମୋର ପ୍ରାଣର ମଣି
ଅଳସ ନ କର ଚଳ ସଧୀର
ଅଣ ବେଗେ ଯାଇ ନନ୍ଦକୁମର ସେ ।
ଅସିବେ କି ସନ୍ତେ ଦୂର ଗୋ !
ଅମ୍ବୁଜ-ଲୋଚନ ଚରଣଯୁଗଳେ
• ଷଷ୍ଟଅଛି ବ୍ରଜନାରୀ ଗୋ । ୫ ।

ଚମ୍ପା ବକୁଳ ମାଳମାନ ଗନ୍ଧି
ଚନ୍ଦ୍ରଚଳକୁ ପାଉଥାଇ ଶୋଭି
ଚତୁର ନୟନ ମେଁ ଭ୍ରାନ୍ତିଗ୍ରାହୀ
ଚତୁର୍ଣ୍ଣ ଚିତ୍ତ ମୋହିଲେ ମଣଗ ସେ ।
ଚଣ୍ଡୀକରସ୍ପର୍ଶପଣ୍ଡ ଯେ !

Digitized by srujanika@gmail.com

ଶ୍ରମର ଅଲଣ୍ଠ ଯଶ ଚଉପାଶେ
ଛାଳନ୍ତି ବ୍ରଜ ଯୁବତୀ ଯେ । ୬ ।

ଛନ୍ଦି ତବାସ ଶୀରତୂର ବାଦ୍ୟ
ଛନ୍ଦଣ ନଯୋଗୀ ଖଣ୍ଡନ୍ତି ସଙ୍ଗ
ଛନ୍ତି ଶୀରବର ବାନା ଉଡ଼ାଇ
ଛଛନେ ଗୋପରୁ ବାହାର ହୋଇ ଯେ ।
ଛଡ଼ିଲେ ଗୋପପ୍ରବେଶ ଗୋ !
ଛୁଡ ଉଡରେ କେ ଅମ୍ଭଙ୍କୁ ରଖିବ
ଛଡ଼ିବୁଁ ଜୀବନଆଶ ଗୋ । ୭ ।

ଯେଉଁ ଦିନୁଁ ଗଲେ ନନ୍ଦନନ୍ଦନ
ଯୁବାସ୍ତ୍ରୀଙ୍କ ତନୁ ଦହେ ମଦନ
ଜାଣିଥାନ୍ତୁ ଯେବେ ଯିବା ତାଙ୍କର
ନଖୋଲ କର ରଖନ୍ତୁ ମନ୍ଦିର ସେ ।
ଯଶୋଦା ନନ୍ଦନ ହରି ଗୋ !
ଜଗତ ବନ୍ଧୁଙ୍କୁ ମଣାଇ କହିବ
ଯାଅ ବେଗେ ସନ୍ଦରଶ ଗୋ । ୮ ।

ଝାଡ଼ ବନରେ ଯେବେ କଲେ ବାସ
ଝୁର ଗୋପାଙ୍ଗନା ହୋଇଲୁଁ ନାଶ
ଝଗଡ଼େ ଏଡ଼ିଲୁଁ ପତି ସଦନ
ଝୁରି ଜଗତେ ହୃଦୟେ ଦହନ ସେ ।
ଝଡ଼ଇ ନୟନୁଁ ନୀର ଗୋ !
ଝୀନ ବସନ ଅଙ୍ଗୁ ଧାରେ ଉନ୍ମଣ
ହୋଉଥାଇ ଜରଜର ଗୋ । ୯ ।

Digitized by srujanika@gmail.com

ଞଣାଇଲେ ଦିନେ ନନ୍ଦ କୁମର
ଞଣୀ ବନ୍ଧନ ମୁକ୍ତ କଲେ ମୋର
ଞପୁମ ବଚନେ କହିଲେ ଯାହା
ଞଷ୍ଟ୍ରମନେ ନ ପାଳିଲେ ତାହା ସେ ।
ନାଗରବର ମୁରାରି ଗୋ !
ଞପୂମ ବଚନ କହୁଛନ୍ତି ଞସ୍ତେ
ନ ଭେଜିବୁଁ ବ୍ରଜନାରୀ ଗୋ ।୧୦।

ଟେକ କଥାମାନ ଯେତେ କହିଲେ
ଟକାଏ ତାହି ମନେ ନ ଧରିଲେ
ଟାଳ ଗଲେ ଏତେ ପୀରତିମାନ
ଟେକ ମନର ଧନ ସମ୍ପଦନ ସେ ।
ଟଙ୍କଧର-ରିପୁତାତ ଗୋ !
ଟୋକା ବେଳୁଁ କୃଷ୍ଣ ଯାହା କହୁଛନ୍ତି
ଟସୋର ନ ଯାଇ ଚିତ୍ତୁ ଯେ ।୧୧।

ଠାକୁର ହୋଇଣ ଏତେ ଛନ୍ଦନା
ଠାବ କେ କରିବ ତାଙ୍କ ମହିମା
ଠାଠିକ କଥା କହିଥିଲେ ଯାହା
ଠାକୁର ହୋଇ ନ ପାଳିଲେ ତାହା ସେ ।
ଠଣିପୁନର ମୁରାରି ଗୋ !
ଠୁଳ ନିଧି ଅମ୍ଭ ପ୍ରାଣର ଈଶ୍ୱର
ଠେକୁ ନେଲା ଶେଷ କରି ଯେ ।୧୨।

ଡୋଳେ ନ ଦେଖିଲେ ନନ୍ଦନନ୍ଦନ
ଡହକ ପ୍ରାୟେ ମଣୁ ଯେ ସଦନ

Digitized by srujanika@gmail.com

ତୋଳା ମିଭୂଳ ହୋଇଲେ ଅନ୍ତର
ତେଇଁ ପଡ଼ିବୁ କାଳନ୍ଦୀ ଜଳର ସେ ।
ତାଙ୍କଅଣ ନନ୍ଦିଂଷ ଗୋ !
ତମ୍ବୁରୁଧର ଶମ୍ଭୁ ତାତ ସୁନ୍ଦର
ନଦେୟ କରିବୁଁ ପ୍ରବେଶ ଯେ । ୧୩ ।

ତାଲେ ଯେବେ ନ ଆସିବେ ଶ୍ରୀହର
ତୋଳବୁଁ ବଷ ଅମ୍ଭେ ବ୍ରଜନାରୀ
ତମପଣ ଖଡ଼ କହିବୁ ଦୂତି !
ତାଲେ ନୟନେ ନିଦ୍ରା ନାହିଁ ରାତି ସେ ।
ତାକିଛୁଁ ଅମ୍ଭେ ନୟନ ଗୋ !
ତଳ ହଳ ହୋଇ ଦଶୁଛୁ ନରତେ
ତାହାଙ୍କ ଚନ୍ଦ୍ରବଦନ ଗୋ । ୧୪ ।

ଥଣି ବହୁ ଗୋପ ନଗରେ ଯାତ
ଥଣି ତାଙ୍କ ଅମ୍ଭ କଲ୍ପ ଏକତ୍ର
ଥନନ୍ତ ମୂରତ୍ତ ସେ ନରହର
ଥଣାଅପ୍ରାଧେ କଲେ ଏତେ ସର ସେ ।
ଉମାପତିଶମ୍ଭୁତାତ ଗୋ !
ଥଣିମା ଅଦ ଅଷ୍ଟନିଧି ସହିତେ
ହର ନେଲେ ଆମ୍ଭ ଠାରୁ ଯେ । ୧୫ ।

ତପନସୁତାତୀରେ କଲେ ବାସ
ତରୁଣୀଗଣ ନଷ୍ଟେ ହେବୁଁ ନାଶ
ତରୁ ଅଙ୍ଗ କାଠ ଯେସନେ ଦହ
ତେସନେ ମନ୍ମଥେ ହୋଇଲୁଁ ଦହ ସେ ।

Digitized by srujanika@gmail.com

ତରୁଣୀ ରମଣୀବର ଗୋ !
ତିଲ୍ମେନନ ସ୍ୱପ୍ନ ଶରଘାତେ ତନୁ
ତୋଳୁଥାଇ ଜରଜର ଗୋ ! ୧୬ ।

ଥାନ ଛାଡ଼ି ଯେବେ ଗଲେ ଶ୍ରୀହରି
ଥସ୍ପେ ବୁଦ୍ଧିମାନ ନେଲେ ଅମୃତ
ଥିଲା ଦନେ କୃଷ୍ଣ ସଙ୍ଗ ପୀରତି
ଥିବ କି ଆଉ ତାହାଙ୍କର ମତି ସେ ।
ଥୂଳ ଶପଥିତ ମାନ ଗୋ !
ଥସ୍ପେ କର ମନ ଦେଲେ ପ୍ରହଲାଦ
ସ୍ତମ୍ଭୁ ହେଲେ ଉତପନ ଗୋ । ୧୭ ।

ଦୀନଜନ ବନ୍ଧୁ, ଦୁଃଖୀ ସୋଦର
ଦରିଦ୍ରନାଥ ଯୁବତୀଙ୍କବର
ଦୟା ଯେବେ କଷ୍ଟେ ଛାଡ଼ିଲେ ହରି
ଦନ ବଞ୍ଚିବ କେହ ବ୍ରଜନାରୀ ସେ ।
ଦଇବ ଏ ଦଣ୍ଡ ଦେଲା ଗୋ !
ଦୀନବନ୍ଧୁ ମୁଖ ନ ଦେଖି ସଜନ !
ଦିବସ ଅନ୍ଧାର ହେଲା ଯେ । ୧୮ ।

ଧ୍ୟାନେ ଗଜ ଚନ୍ଦ୍ରା ଜାଣିଲେ ହରି
ଧୀରେ ଚକ୍ର ପେଷି ଗ୍ରାହା ନିବାରି
ଧନୁ ଉତ୍ସବ କାଳେ ଯାହା କଲେ
ଧେନୁକା ଶକଟା କେଶୀ ନାଶିଲେ ସେ ।
ଧନ୍ୟ ତାଙ୍କର ମହିମା ଗୋ !

Digitized by srujanika@gmail.com

ଧରଅଛୁଁ ମନେ ସେନ୍ତି କଥାମାନ
ଅନ୍ୟ କି ଦେବା ଉପମା ଯେ । ୧୯ ।

ନାନାରୂପେ କୀର୍ତ୍ତି ଯେତେ ତାଙ୍କର
ନାହିଁ ସମାନ ଦେବା ଜନପୁର
ନାଶିଲେ କି ଦୋଷେ ଅମ୍ଭଙ୍କ ଦର
ନ ସରଇ ଦନ ଗୁଣ ସୁମରି ସେ
ନବୀନ ଜନ୍ମ ସୁଜନ ଗୋ !

ନବଘନ ତନୁ ଗୁରୁ ବଦନକୁ
ନଳିନନୟନ ଲୋଚନ ଯେ । ୨୦ ।

ପରମାନନ୍ଦ ଗୋପପୁରେ ଥିଲେ
ପ୍ରୀତି ନାନାମତେ କରନ୍ତି ଭଲେ
ପ୍ରମାଣ କଥା କହୁବନ୍ତି ଯାହିଁ
ପ୍ରୀତରେ ଅପ୍ରୀତି କଲ କପାଇଁ ସେ ।
ପରମ ପୁରୁଷ ଯେ ତ ଗୋ !

ପରମାନନ୍ଦ ସତେ ନନ୍ଦ ଅଧିବେ
ପ୍ରଖେ ଯାଉ ନାହିଁ ତତ୍ତ୍ୱ ଯେ । ୨୧ ।

ଫୁଲପଣକୁ ନୋହେ ସମ ସର
ଫୁଲମାଳରେ ଦେହ ଥାଉ ପୂର
ଫାଉ ଦୁଃଖରେ ଅମ୍ଭଙ୍କୁ ଭସାଇ
ଫାନ୍ଦେ ପକାଇ ଗଲେ ଜୀବଗ୍ରାହ୍ୟା ଯେ ।
ଫଳିଲା କର୍ମ ଅମ୍ଭର ଗୋ !

ଫୁଲ ଧମସ୍ତରେ ପ୍ରଫୁଲ୍ଲ ଫଳରେ
ଫୁଲଶରେ ଗଲେ ମାରି ଯେ । ୨୨ ।

Digitized by srujanika@gmail.com

ବିଧୁବଦନା ବାଣୀ ଘେନି ଦୂତୀ
ବୃନ୍ଦାବନଚନ୍ଦ୍ର ସନ୍ନିଧେ ଯାନ୍ତି
ବଳୟ କଙ୍କଣ ଖଞ୍ଜିଲେ କର
ବେଶ ବସନ ହୋଇ ତତ୍ପର ସେ ।
ବିମ୍ବାଧର ପାଶେ ଯାଇଁ ଗୋ !
ବ୍ରଜବଲ୍ଲଭଙ୍କ ଚରଣେ ଶିରନୋଇ
ଶିରନୋଇ ବାଣୀ କହଇ ସେ । ୧୩ ।

ଧନ୍ୟ ସୁଫଳ ମୋ ହୋଇଲା ଜନ୍ମ
ଜଗତ ବନ୍ଧୁଙ୍କ କଲି ଦର୍ଶନ
ଯତି ଯୋଗୀ ଯାଙ୍କୁ ଭେଟି ନ ପାଇ
ଧ୍ୟାନରେ ବଶ କରୁଛନ୍ତି ଗୋଇ ସେ ।
ଭକତ ବନ୍ଧୁ ସୋଦର ହେ !
ଧନ୍ୟ ଯୋଗେ ଆଜି ଦର୍ଶନ ପାଇଲି
ଭବସିନ୍ଧୁ ହେଲି ପାର ସେ । ୧୪ ।

ମାନଭର ହୋଇ କହନ୍ତି ଦୂତୀ
ମୋତେ ପେଷିଛନ୍ତି ବ୍ରଜଯୁବତୀ
ମାରଶରେ ତନୁ ଦହେ ତାଙ୍କର
ମଦନ ବାଣେ ହୋଇଲେ ଅସ୍ଥିର ସେ ।
ମାଧବ ଚଳ ବହନ ହେ !
ମୋହିନୀମାନଙ୍କୁ ମଧୁରସ ଦେଇ
ପ୍ରବୋଧନା କର ମନ ସେ । ୧୫ ।

ଜଗତବନ୍ଧୁ ଯଶୋଦାଙ୍କ ସୁତ
ଜାଣିଲେ ଗୋପୀଙ୍କ ଅବଶ ଚିତ୍ତ

Digitized by srujanika@gmail.com

ଯିବା ଶୁଣନ୍ତି ହୋଇଲେ ଅନ୍ତର
ଯୁଗ କର ଧରି ଚଳିଲେ ସଖୀଙ୍କ ସେ ।
ଯମୁନା ତଟେ ଗମନ ଗୋ !
ଯୁବତୀମାନେ, ଯୋଗନିଦ୍ରା ତେଜିଏ
ଯାଇ କରନ୍ତି ଦର୍ଶନ ଯେ । ୧୬ ।

ରାଜବ ଲୋଚନ ହୋଇ ସୁବେଶ
ରସବତୀ ପୁରେ ହେଲେ ପ୍ରବେଶ
ରସ ରାସ ରସ କରି ଶ୍ରୀପତି
ରଇଲେ ସକଳ ବ୍ରଜଯୁବତୀ ସେ ।
ରତ୍ନାକର ସୁଧାସିନ୍ଧୁ ଯେ !
ରଜନୀ ସମୟେ ରସ ରାସ ରସେ
ରାଧା ସଙ୍ଗେ କଲେ କ୍ରୀଡ଼ା ଯେ । ୧୭ ।

ଲଳିତ ବସନ୍ତ ବନ୍ଧେ ସୁଘନ
ଲତା ବେଢ଼ିଲେ ସର୍ବ ଗୋପୀଗଣ
ଲକ୍ଷଣ ବସୁସୀ ହୋଇ ସୁବେଶ
ଲକ୍ଷ୍ମୀଧର ପୁରେ ହେଲେ ପ୍ରବେଶ ସେ ।
ଲଲାଟେ ଯୋଡ଼ିଣ କର ଯେ ।
ଲକ୍ଷ୍ମୀପତିଙ୍କି ଲାବଣ୍ୟେ ବନ୍ଦନ୍ତି
ହେଲୁ ତୁମ୍ଭ ପଦସ୍ମର ଯେ । ୧୮ ।

ବଧୂବଦନଙ୍କ ବଚନ ଶୁଣି
ବୃନ୍ଦାବନଚନ୍ଦ୍ର କହନ୍ତି ବାଣୀ
ବନିତ ! ତୁମ୍ଭେ ଭ୍ରମନ ନ କର୍ଷ
ବାମନ ହୋଇ ଭଣ୍ଡାର ଭୂମିଲ ସେ ।

Digitized by srujanika@gmail.com

ବୋଲୁଛନ୍ତି ଭଗବାନ ଯେ !
ବଲ୍ଲଭୀମାନଙ୍କୁ ବଂଶୀଧର ପ୍ରତେ
ବୋଧ କରନ୍ତି ନୟନ ଯେ । ୨୯ ।

ଶ୍ରୀଯୁତପତି ସଙ୍ଗେ ସୁମୁଖୀ ଜନ
ସୁସ୍ୱର ରାଗେ କରନ୍ତି ଗାୟନ
ସରୁ ଝୀନବାସ ଅଙ୍ଗେ ବେଢ଼ାଇ
ଶୀତଳ ମଙ୍ଗୋଳ୍ପ କରନ୍ତି ନେଇ ସେ
ଖବସ୍ଥ ହୋଇଲା ଶେଷ ଗୋ !
ଯାଚ ତାମ୍ବୁଳ ବଢ଼ଅ ଲାଗି ଅଦ
ଅଙ୍ଗେ ଶ୍ରୀଖଣ୍ଡ ଚନ୍ଦନ ଯେ । ୩୦ ।

ସବୁ ଗୋପାଙ୍ଗନା ହୋଇଣ ମେଳ
ଶ୍ୟାମସୁନ୍ଦରଙ୍କୁ କରନ୍ତି କୋଳ
ସଙ୍ଗେ ଗୋପାଙ୍ଗନା ହୋଇଣ ମେଳ
ସଙ୍ଗେ ସନ୍ଧରସ୍ୱ କରନ୍ତି କୋଳ ସେ ।
ସମସ୍ତେ ହୋଇ ସନ୍ତୋଷ ଯେ !
ସଙ୍ଗେ ରାଧାପ୍ରିୟ ବକ୍ଷସ୍ଥ ହେଜଣ
ସବେଗେ କରନ୍ତି ଚୋଲ ସେ । ୩୧ ।

ହରଣୀ ନୟନୀ ହର ସଙ୍ଗତେ
ହରିଷ ହୋଇ ଖଟଲେ ସମସ୍ତେ
ହସ ରାସ ରସ କର ଶ୍ରୀପତି
ହରଷ ହୋଇଣ ବ୍ରଜଯୁବତୀ ସେ ।
ହରଷ ହୋଇ ସମସ୍ତ ଯେ !
ହଉ ହର ଧ୍ୱନି ସମସ୍ତେ କରନ୍ତେ
ଉଛୁଳଇ ଭାନୁସୁତ ଯେ । ୩୨ ।

Digitized by srujanika@gmail.com

କ୍ଷତିଆର ଅବ ପୁରୁଷୋତ୍ତମ
କ୍ଷିତିର ମଣ୍ଡଳ ଯାହାର ନାମ
କ୍ଷୀରାବ୍ଧି ତନୟା ପତି ଚରଣ
କ୍ଷଣକେ କେଶବ ପଶେ ଶରଣ ଯେ ।
କ୍ଷମା କର ମୋର ଦୋଷ ହେ !
ସ୍ୱାମୀମନେ ଜଣାଣ କରୁଛୁ ଦରବେ
ମୁଁ ତୁମ୍ଭ ଭୃତ୍ୟର ଦାସ ଯେ । ୩୪ ।

ଉଦ୍ଧବ ଚଉତିଶା ।

(କୃପାସିନ୍ଧୁ ଦାସଙ୍କର)

ଉଦ୍ଧବ ଓ ଗୋପୀଙ୍କ ସମ୍ବାଦର ପରିବର୍ତ୍ତିତ ଅଂଶ ଏ ଚଉତିଶାରେ ଅନୁସୃତ ହୋଇଅଛି । ଉଦ୍ଧବ ଚଉତିଶା ସଂପର୍କୀୟ ବିଶେଷ କଥା ଗୋପୀକୃଷ୍ଣଙ୍କ ଉଦ୍ଧବ ଚଉତିଶାର ଶେଷ ଟୀକାରେ ଦ୍ରଷ୍ଟବ୍ୟ ।

କମଳବଦନୀ କୋକିଳବଚନୀ ବରଜପୁରକାମିନୀ
କୃଷ୍ଣଦୂତ ଉଦ୍ଧବଙ୍କଠାରୁ ବ୍ରହ୍ମଜ୍ଞାନଭେଦମାନ ଶୁଣି
କହନ୍ତି ସେ, କୋମଳ ବନ୍ଧବଚନ
କଂସବଧକର୍ତ୍ତ ଯେହ୍ନୁ ଅସ ତୁମ୍ଭ ଭାଷା କଠୁର ସମାନ । ୧ ।

ଖଟିଣୀ ନ ଥିଲୁ କୃପଣ ଧନ ପ୍ରାୟ ଘନଶ୍ୟାମସୁନ୍ଦରଙ୍କୁ
ଖାଇବା ଶୋଇବା ସବୁଠାରେ ଛାଇପ୍ରାୟ ଖଟୁଥାଉଁ ତାଙ୍କୁ
ଉଦ୍ଧବ ହେ ! ଖଳ ଗାନ୍ଦିନୀକୁମର
ଖୋଜ ଅମ୍ଭ ନେହପିଞ୍ଜୁଳ ନେଇଛୁ ପାରଲେ ତୁମ୍ଭେ ଉଦ୍ଧବର । ୨ ।

ଗୋବିନ୍ଦ ଯାଇ ମଧୁପୁରେ କୁବୁଜୀ କୁବୁଜାକୁ ସୁଅଗିଲେ
ଗୋପୀଙ୍କି ଯୋଗମାର୍ଗ ଶିକ୍ଷା ଦେବାକୁ ତୁମ୍ଭଙ୍କୁ ଏବେ ପେଷିଲେ
ଉଦ୍ଧବ ହେ ! ଜ୍ଞାନବନ୍ତ ବଡ଼ ହର
ଗୋକୁଳ ମଣ୍ଡଳେ ରାସ ଆରମ୍ଭିଲେ ଯେନ ଷୋଳସତ୍ର ନାରୀ । ୩ ।

ଘୋଷି ଘୋଷି ଯୋଗମାର୍ଗ ହେ ଉଦ୍ଧବ ଆସିଛ ଅତିସ୍ନେହରେ
ଘେନିବାକୁ କେହି ଗ୍ରାହକ ନାହାନ୍ତି ମଧୁନଗର ବାହାରେ
ଉଦ୍ଧବ ହେ ! ଘନଶ୍ୟାମ କୃଷ୍ଣରସ
ଘୋଟି ମନଘଟେ ରହିଛି ଯୋଗକୁ ନାହିଁ ନାହିଁ ଠାବ ଲେଶ । ୪ ।

Digitized by srujanika@gmail.com

ନନ୍ଦନନ୍ଦନ ବ୍ରହ୍ମ ଅବା ଜନକ ସେ ବ୍ରହ୍ମରୁ ବା ହେଉ ଭବ
ନରେନ୍ଦ୍ର ଯଦବଂଶ ବନ୍ଧୁ ଅବା ପତି ହେଉ ଅବା ପରଜନ
ଉଦ୍ଧବ ହେ ! ନାହିଁ ଏଥି ଆମ୍ଭ ଚିନ୍ତା
ନାଶି ପାତିବ୍ରତ୍ୟ ଧର୍ମକୁ ହେଉନ୍ତୁ କୃଷ୍ଣ ଆମ୍ଭ ଜୀବଦାତା । ୫ ।

ତରୁଲତାରେ କୃଷ୍ଣ ଗୋପୀ ଗୋପାଳ ଗୋବତ୍ସ ସଙ୍ଗତେ ଯେନ
ବ୍ରଜବୃନ୍ଦାବନେ ଲୀଳା କରୁ କରୁ ହରିନେଲେ ଯଦୁଯୋଗ
ଉଦ୍ଧବ ହେ ! ତତ୍ତ୍ୱେ ଜାଣି ଗର୍ବ ଭାର
ତୁହିଁ ସେହି ସୃଷ୍ଟି ରଖିଇଲେ ଜ୍ଞାନ ଦତ ଦେଲ ଗୁଣଧର । ୬ ।

ଛଇଳ ଶ୍ୟାମସୁନ୍ଦର ସଙ୍ଗେ ଥାଇ ଘର ମଣୁଥାଉଁ ଯୋଗ
ଛାଡ଼ି ଗଲେ ଗଲା ଆଲିଙ୍ଗନ କର ଲଭୁ ଥାଉଁ ସୁଖଭୋଗ
ଉଦ୍ଧବ ହେ ! ଘଡ଼ିରୁ କପର ତାହା
ଛଡ଼ାଚକ୍ରଭେଦ ତୁଳପ୍ରାୟ ହୁଏ ଯେଉଁଥି କ କୁହ ଏହା । । ୭ ।

ଜଳେ ବାସକର ମୀନ ମଣ୍ଡୂକେ ଯେ ଥାଆନ୍ତି ଅନନ୍ଦ ହୋଇ
ଜୀବନ ବିନା ମୀନ ପ୍ରାଣ ତେଜଇ ମଣ୍ଡୂକ ଅଟନ ଜୀଅଇ
ଉଦ୍ଧବ ହେ ! ଯଦୁପୁର ବ୍ରଜପୁର
ଜାହ୍ନବୀ ଭୂଲୋକ ବେଦ ଲୋକର ଅଟଇ କେତେ ଅନ୍ତର । ୮ ।

ଝାଳ ଅଙ୍ଗେ ଅଙ୍ଗ ଲେଖେ ଯେବେ ଭଙ୍ଗି କରୁଥାଉଁ ପ୍ରେମରରେ
ଝଟେ ଝଟେ ସେହି ପ୍ରଭାତି ଦଶୁଛି ସାକ୍ଷାତ ସେହି ଅଗରେ
ଉଦ୍ଧବ ହେ ! ଝୁରୁଁ ତା ଚିନ୍ତ୍ର ଆମ୍ଭେ
ଝୁଲାଇ ଦେଉଛନ୍ତି ଯୋଗମାର୍ଗ ଯେଉଁ ଏବେ ଅବବେକ ତୁମ୍ଭେ । ୯ ।

ନନ୍ଦନନ୍ଦ ଛଳରେ ବିହ୍ୱାସ୍ପ କୃଷ୍ଣ ସଙ୍ଗେ ଲୀଳା କରୁଥାଉଁ
ତ ଛାଡ଼ି ଆମ୍ଭେ ଆମ୍ଭକୁ ପ୍ରେମକଳ୍ପେ ପଡ଼ି ଏବେ ମଗ୍ନ ହେଉଁ
ଉଦ୍ଧବ ହେ । ନାହିଁ ନୋହିବ ଇ ଥିବ
ଜଟେ ଜନ୍ମକୁ ତାହାଙ୍କ ଆମ୍ଭ ପ୍ରୀତି କ ଯାଇଲବ ବ୍ରହ୍ମାଦିକ । ୧୦ ।

Digitized by srujanika@gmail.com

ଟେକ ଯେ କହୁଛ ନିର୍ଗୁଣ ବ୍ରହ୍ମ ଧ୍ୟାନ ହୋଇଣ ହେ ଉଦ୍ଧବ
ଟାଳିବୃ କି କଥା ଇଷ୍ଟବ୍ରତ ଆମ୍ଭେ କରିଛୁଁ ଗୋବିନ୍ଦଭାବ
ଉଦ୍ଧବ ହେ ! ଟଙ୍କଧର-ପରୀ-ସ୍ଥାନ
ଟଳ ଉପବାସେ ପଡ଼ିଲେ କେବେହେଁ ନ କରେ ତୃଣ ଅଶନ ।୧୧।

ଠାକୁରଙ୍କଠାରୁ ଆସିଛ ଉଦ୍ଧବ ପ୍ରିୟସଖା ଭାବ ବହି
ଠିକ ବଚନ ତୁମ୍ଭଠାରୁ ଆଉ ତ କହୁଁ ଶୁଣିଲୁଁ ନାହିଁ
ଉଦ୍ଧବ ହେ ! ଠାବ କଲୁଁ ସର୍ବଥା
ଠଣ ଗୋପନାରୀ ହୃଦୟବାରତା ତୁମ୍ଭଙ୍କୁ ଜାଣାନ୍ତି କହ । ୧୨ ।

ଡାକୁ ଯେ ଥାନ୍ତି ମୋହନମୁରଲୀରେ ଜଣେ ଜଣେ ନାମ ଧରି
ଡରାଡ଼ର ହୋଇ ଏକ ଅବସରେ ଯାଉଥାନ୍ତି ଗୋପନାରୀ
ଉଦ୍ଧବ ହେ ! ଡୋଳାରେଟ ହୋଇବାରୁ
ଡଙ୍ଗର ମଦନରସ ଅବେଳରେ ବଶଦ୍ଧ ବୁଝି ପାଶୋରୁ । ୧୩ ।

ଢଳ ଢଳ ଶ୍ୟାମଅଙ୍ଗ ଆମ୍ଭ ଅଙ୍ଗେ ଲାଗିଛି ନିବିଡ଼ ହୋଇ
ଢାଳିଲେ ଯେତେ ପ୍ରକାରେ ତ୍ରିଭଙ୍ଗ ଅଛି ଯେ ଛାଡ଼ିବ ନାହିଁ ।
ଉଦ୍ଧବ ହେ ! ଭ୍ରମ ନ ମଣ ଏ ରସ
ଢୋକଥାଇ ଯେହ୍ନ ପୀୟୂଷ ସେ ବେଳେ ନହଇ ଚଳରେ ବଶ ॥

ଏ ସେନ୍ନ ଏ ରସ କି କର ଲଭିବା ହୃଦରେ ତୁମ୍ଭେ ବିଚାର
ଅବାଣ ଜଳ ବାପ୍ପାନେ କି ତୃପତ ପାନ କରେ ଗଙ୍ଗାନୀର
ଉଦ୍ଧବ ହେ ! ଏହା ନ ଥିଣ ମନକୁ
ଅବାର ନ କହ ନିର୍ବିକାରମାର୍ଗ କିଛ କେଉଁ କାରଣକୁ । ୧୫ ।

ତେଜ ତେଜେ ପ୍ରୀତି ଶଳ ଶିଖିପଛ ରହୁନାହିଁ ପ୍ରାଣ ଜୀବନ ।
ତୁମ୍ଭେ ଆସି ଜ୍ଞାନ କହୁଛ ଶୁଣୁଁ ଏତେ ଆମ୍ଭ କର୍ମ ହାନି
ଉଦ୍ଧବ ହେ ! ତା ଭାବ ଭାବନା କର
ତନ୍ତ୍ର ଅତନ୍ତ୍ର ହେଲେ ଧନ୍ୟ ଜଗତେ ବୋଲାଇବୁଁ ଗୋପନାରୀ ॥

Digitized by srujanika@gmail.com

ଶିଶୁ କୃଷ୍ଣ ମାଟି ଖାଉଥିଲେ ଆସି ଧଇଲେ ଜନନୀ କର
ଥରୁଥାନ୍ତି ମାଟି ଖାଉ ନାହିଁ ବୋଲି ବୋଲୁଥାନ୍ତି ମାୟାଧର
ଉଦ୍ଧବ ହେ ! ଥିରେ ବସ୍ତ୍ରାଇଲେ ପାଟି
ଥୟଙ୍କର ମାଏ ଚାହିଁଲେ ଗର୍ଭରେ ପଡ଼ିଛି ବ୍ରହ୍ମାଣ୍ଡ କୋଟି ।୧୭।

ଦିନେ ଯଶୋଦା ରୋଷ କରି କୃଷ୍ଣଙ୍କୁ ବନ୍ଧନ କଲେ ରଜ୍ଜୁରେ
ଦେଖିଅଛୁଁ ଗୋପପୁର ରଜ୍ଜୁଯାକ ନ ଅଣ୍ଟିଲା ବନ୍ଧନରେ
ଉଦ୍ଧବ ହେ ! ଦୁଃଖେ ହେଲେ ନନ୍ଦରାଣୀ
ସାନବନ୍ଧୁ ମୁଖ ଚାହିଁ ଲାଜ ପାଇ ରହିଲେ ଆଶ୍ଚର୍ଯ୍ୟ ମଣି । ୧୮ ।

ଯଦ୍ୱାଧର ସଙ୍ଗେ ଗୋପନାରୀ ଗହଳରେ ମାତିଥିଲୁଁ ବୃନ୍ଦାବନେ
ଧୀରେ ଚାହିଁ ଦେବନାରୀମାନେ ରହି ବୋଇଲେ ଯାଉଁ ଭବନେ
ଉଦ୍ଧବ ହେ ! ଧନ୍ୟ ଏ ଗୋପିକାଗଣ
ଧରଣ ଅଙ୍କରେ ପରମବ୍ରହ୍ମଙ୍କୁ ସୁଖେ ବାନ୍ଧୁଛନ୍ତି ଦିନ । ୧୯ ।

ନିର୍ମଳହୃଦରେ ଯେତେ ଥାଏ ଯେହ୍ନେ ନାରୀ ପତିବ୍ରତା ଧର୍ମ
ନୃପତି ମଣିକି ଭଜିଲେ ଜାତ ସେ ବନ୍ଦେ ବୃନ୍ଦାବାସୀ ନାମ
ଉଦ୍ଧବ ହେ ! ନୀରଜଯୋନିବାହନ
ନ କରଇ କେବେ ମାନସରୋବର ତେଜିଲେ କାଠ ଭୋଜନ ।୨୦

ପତ୍ରିକ ଯେବେ ଅଟିଥାନ୍ତି ହୃଦୟ ବାରତା ଥାଅନ୍ତି ଅଣି
ପଠାଇ ଦେଲେ ଯେତେ ଦଣ୍ଡାସରେ ତାହା ମିଳା ଅଛି ଶୁଣି
ଉଦ୍ଧବ ହେ ! ପାପୀ ଦଣ୍ଡୀ ଅମ୍ଭେ ନୋହୁଁ
ପରମାନନ୍ଦ ପରମାନନ୍ଦସୁଖ ତୁମ୍ଭେ ତା ପାଇବ କାହିଁ । ୨୧ ।

ପେଡ଼ି ସରୁ ଅବା କହନ୍ତୁ ଉଦ୍ଧବ ହୃଦୟ ନିର୍ମଳ ନାହିଁ
ଫିଙ୍ଗିଦେଇ ତୁମ୍ଭେ ଭାଗବତଧର୍ମ ବଡ଼ିଭଳି ଯୋଗ ପାହିଁ
ଉଦ୍ଧବ ହେ ! ଯାଇ ବରଦାନଳରେ
ଝୁଣ୍ଟେ ଜଳୁଛି ତନୁ ତୁମ୍ଭେ ଲିବଣି ନ ଘଷ ଆଉ ଏଥିରେ ।୨୨।

Digitized by srujanika@gmail.com

ବନମାଳୀ ବନମାଳାରେ ମଣ୍ଡିତ ଦିଶୁଥିବେ ଉପଦେଶ
ବିବିଧ ଉତ୍ଭୂଷଣଗଣେ ଶୋଭା ବହୁଣଥିବ ବିଶେଷ
ଉଦ୍ଧବ ହେ ! ବନେ ବନେ ଧେନୁମାନ
ବେଣୁ ବଜାଇ ଚରାଉଥିବେ କେବେ କବରୁଁ ନେଣେ ଲୋଚନ ॥

ଲବଙ୍ଗାଙ୍ଗୀ ଏବେ ମଥୁରାକଣ୍ଟକେ ମହାରାଜାପଣ କଲେ
ଭୂପତିନନ୍ଦିନୀମାନେ ଆସି ପାଦେ ଆଶ୍ରୟ କରି ରହିଲେ
ଉଦ୍ଧବ ହେ ! ଘଡ଼ିକେ ଚଉପଦ୍ମରେ
ଭଗବାନ ଧେନୁ ବତ୍ସମାନ ସ୍ମରନ୍ତୁ ନ ଥିବେ ସଙ୍କୋଚଚିତ୍ତରେ ।୧୪।

ମଦନମଦରେ ମତ୍ତ ହୋଇ କୃଷ୍ଣ ସଙ୍ଗତେ ବିଳାସ କରି
ମହା ଆନନ୍ଦସମୁଦ୍ରେ ବୁଡ଼ିଥିଲୁ ସକଳ ଚେଷ୍ଟା ପାଶୋରି
ଉଦ୍ଧବ ହେ ! ମଧୁହାସ ମହୁମାରେ
ମଦନ ସମ୍ପଦ ଆମୋଦ ସୁଖ ଲଭିଲୁ ମଣି ମନରେ । ୧୫ ।

ଜଳଜ ବନଜ ବାମନ ଶ୍ରୀରାମ ପର୍ଶୁରାମ ହଲଧର
ଜାଣ ଏ ଉଦ୍ଧବ ମ୍ଳେଚ୍ଛନାଶ କୃଷ୍ଣଅଂଶକଳା ଅବତାର
ଉଦ୍ଧବ ହେ ! ଜାଣି ଆମ୍ଭଠାରୁ ଯାଅ
ଯଶୋଦା ନନ୍ଦନ ସ୍ୱୟଂ ଭଗବାନ ହୃଦୟରେ ଘେନିଥାଅ । ୧୬ ।

ଝଞ୍ଜାବର୍ଷଣ ଅମ୍ବରେ ଉଦ୍ଧବ ଜଣାଇବ ତୁମ୍ଭେ ଯାଇଁ
ଇହଙ୍କୁ ବିପଦ ଜଳାତଙ୍କରୁ ପରିତ୍ରାଣ ଅଭୟ ଦେଖାଇ
ଉଦ୍ଧବ ହେ ! ଇଚ୍ଛିବା ବିପତ୍ତି ଥିଲେ
ତେସନ୍ତୁ ପ୍ରହ୍ଲାଦଙ୍କୁ ନରସିଂହ ଯେଉଁରୂପେ ରକ୍ଷାକଲେ । ୧୭ ।

ଲାବଣ୍ୟନିଧି ଯେତେ ଅନୁରାଗରେ ପୀରତି ଆରମ୍ଭ କଲେ
ଲୋକଙ୍କ ନୋହିବ କେଉଁ ସୀମା ଶରୀର ଥିବା ଏ ମେଦିନୀ ତଳେ
ଉଦ୍ଧବ ହେ ! ଲୋଚନ ଆନନ୍ଦ ସ୍ରାବ
ଲୋତକ ବହୁଥାଇ ଅଙ୍ଗକୁ ଅଙ୍ଗ ତା କରୁଥିଲେ ବିଲୋକନ ।୧୮।

Digitized by srujanika@gmail.com

ବସିଥିଲୁ ବାଳକୁଣ୍ଡରେ ଶରଦକାଳିରେ ଚନ୍ଦ୍ରକରରେ
ବେଣୁଧର ଆମ୍ଭ ଚିବୁକରେ କର ସରଣ୍ଟି ଦେଲେ ଧୀରେ
ଉଦ୍ଧବ ହେ ! ବୋଇଲେ ଯାହା ଶ୍ରୀହରି
ବ୍ରଜବାସୀମାନେ ସେହି ଭାବ ଗାଇ ମରୁଅଛୁଁ ଝୁରି ଝୁରି ।୨୯।

ଶ୍ରୀଧର ମଧୁପୁରକୁ ଗଲାଦିନୁ ଗୋପ ହୋଇଲା ହତଶ୍ରୀ
ଶୀର୍ଣ୍ଣ ହୋଇଛୁ ପ୍ରତାପ- କ୍ଷଣିପ୍ରାୟ ସକଳ ଅଙ୍ଗନାଏ
ଉଦ୍ଧବ ହେ ! ଶୁଣ ଚଳ କୃଷ୍ଣପୁରେ
ସମସ୍ତ ଜଗି ଜଣାଇବ ହୃଦୟ ଦ୍ରବିବ ଯେଉଁ ପ୍ରକାରେ ।୩୦।

ଶୁଣି ଗୋପୀଙ୍କ ବଚନ ସାଧୁବର ରଥ ଆରୋହଣ କଲେ
ସୁମରି ଗୋବିନ୍ଦ ପଦ ଅରବିନ୍ଦ ପଥେ ମଧୁପୁରେ ମିଳିଲେ
ଉଦ୍ଧବ ହେ ! ସତ୍ୱରେ ନନ୍ଦସୂନୁରେ ।
ଚିରେ କରଯୋଡ଼ି ଅପସରି ପାଦ ଉଭା ହୋଇଲେ ଖଣ୍ଡିଦୂରେ ।୩୧।

ଶ୍ରୀପତି ସନ୍ନିଧେ ଡାକି ଉଦ୍ଧବଙ୍କୁ ପୁଚ୍ଛନ୍ତି କୋମଳ କରି
ସନ୍ତୋଷ ହେଲେଟି କି ତୁମ୍ଭ ବଚନେ ସମସ୍ତ ଗୋପସୁନ୍ଦରୀ
ଉଦ୍ଧବ ହେ ! ଶୁଣେ ଛନ୍ତିଟି ବାର୍ତ୍ତି
ସତ୍ୟକରି ମୋତେ ବୋଲ ସାଧୁବର ବ୍ରଜବାସିଙ୍କ ପ୍ରୀତି । ୨ ।

ହେ ପ୍ରଭୁ ଗୋପୀମାନଙ୍କ ପ୍ରେମଭକ୍ତି କହିବାକୁ ଅଗୋଚର
ହତାଦର କଲେ ଯୋଗମିଥ୍ୟା ମଣି ରୂପ ଭଜନା ନିରତ ।
ସମସ୍ତେ ଯେ ! ହୋଇଛନ୍ତି ଜ୍ଞାନପୂର୍ଣ୍ଣ
ହରେକୃଷ୍ଣ ବିନା ମୁଖରୁ ତାଙ୍କର କ୍ଷଣେ ନ ଶୁଣିଲୁଁ ଆନ ।୩୩।

ଏମନ୍ତ ସାଧୁ ଉଦ୍ଧବଙ୍କଠାରୁ ଶୁଣି ଗୋପୀଙ୍କର ଗତି
ଛଳଛଳେ ନୟନ୍ତ ନ ଚେତଇ ବ୍ରହ୍ମରମଣୀଙ୍କ ଅତି ପ୍ରୀତି
ଉଦ୍ଧବ ହେ ! ଯଦ୍ୟପି ନାହିଁ ମୁଁ ଗୋପ
ଛନ୍ଦିନରେ କୃପାସିନ୍ଧୁ ସୁମନ୍ତ ଏ ଚଷେ ଚନ୍ଦ୍ରେ ଶ୍ୟାମରୂପ ।୩୪।

ରସକଦମ୍ବ ଚଉତିଶା

(ଲୋକନାଥ ଧୀବର)

ରାଗ—କଳସଗୌଡ଼ା

ଧୀବରକୁଳଭୂଷଣ ସ୍ୱାମୀ ଧୀବର କପଃପୋଷା ଯୋଗେ ଯେପରି ଅଷ୍ଟପ୍ରହର ଅଧିବାସ ହୋଇ ରହିଅଛନ୍ତି ଏହି ରସକଦମ୍ବ ଚଉତିଶା ଯୋଗୁ ଲୋକନାଥ ଧୀବର ମଧ୍ୟ ସେହିପରି ଅମରପଣା ହୋଇ ରହିବେ । ମସ୍ତଂଗୀ ଭିତରେ ଏହି ପୁରା ପ୍ରଚଳିତ ଥିବାର ଜଣା ପଡ଼େ ଅଷ୍ଟପ୍ରହର ଗାନରେ ଏହା ଗୀତ ହୁଏ । ଲୋକନାଥ ଧୀବରଙ୍କର ଅନ୍ୟ ରଚନା ମିଳନାହିଁ । ତେବେ ଏ ଚଉତିଶା ତାଙ୍କ ପ୍ରତିଭାର ପରିଣତ ଅବସ୍ଥାରେ ଲିଖିତ ପରି ବୋଧହୁଏ ।

କହନ୍ତି ରାଧିକା ଶୁଣ ଗୋ ଦୂତିକା ଦନେ ଗଲି ନୀର ଆଣି ।
କଦମ୍ବମୂଳେ ମୁଁ ଜ ରୂପ ଦେଖିଲି କାଳିଆ କିଶୋରୀ ଠାଣି ଗୋ
ମିତ । କଣ୍ଠ ସ୍ୱରରେ ଗାବନ୍ତି ଗୀତ ଗୋ ।
କୁଞ୍ଜେ କୋକିଳ ଦେଖି ଚକିତ ଗୋ ।
ସେ ଯେ ଅଟନ୍ତି କାହାର ସୁତ ଗୋ । ୧ ।

ଖଞ୍ଜନକୁ ଦେଖି ତହିଁ ମୋ ନୟନ ହୃଦେ ନ ରହିଲା ଦମ୍ଭ ।
ଖସି ପଡ଼ିଥିଲା ଖଞ୍ଜାଇ ରଖିଲି କାଖରୁ ସଜଳକୁମ୍ଭ ଗୋ
ସଖି । ଖେଦ ଦେଉଛନ୍ତି ବଙ୍କାନ୍ତି ରଖି ଗୋ ।
ଖଣେ ପିଛାଡ଼ି ନ ପାରୁଁ ଅଖି ଗୋ ।
ଖର ଦୃଷ୍ଟିବାଣି ବିନ୍ଧଇ ଯୋଖି ଗୋ । ୨ ।

ଗମନ କରି ମୁଁ ଆସି ନ ପାରଇଁ ନ ଚଳଇ ବେନି ପାଦ ।
ଗୋଡ଼କୁ ଅନାଇଁ ପ୍ରଦରେ ଚହଲି ଶୁଣି ତା ମୁରଲୀନାଦ ଗୋ
ପୁଣ । ଗଳେ ଗରଣ ତାହାକୁ ଅଣ ଗୋ ।
ଗଳା ପିଣ୍ଡରୁ ଛଡ଼ା ପରାଣ ଗୋ ।
ଗତେ ମୁରଲୀ ବଜାନ୍ତେ ପୁଣ ଗୋ । ୩ ।

Digitized by srujanika@gmail.com

ଘଟଣ ଶ୍ରୀମୁଖ ଦେଖିଲା ବେଳରୁ ଘୋଟୁଛି ଅନଙ୍ଗତାପ ।
ଘୃମାଇ ମୋ ଅଙ୍ଗ ଘାର ଦେଉଅଛି ଘାଉ ଲାଗିଲା ପରାପ୍ତ ଗୋ
ମୋତେ । ଘୂମ ନିଦ୍ରା ନ ମାଡ଼େ କଷ୍ଟତେ ଗୋ ।
ଘୋଷା କରନ୍ତି କନ୍ଦର୍ପ ଯେତେ ଗୋ ।
ଯେନ ବୃନ୍ଦାବ କୁଞ୍ଜ କୁଞ୍ଜାନ୍ତେ ଗୋ । ୪ ।

ନବଘନ ଅଙ୍ଗ ଅଧର ସୁରଙ୍ଗ ଶୋହୁଛି ପୀତବାସକୁ ।
ନୂଆ ମଦନ କି ନିଧୁବନାଗର ଚିହ୍ନି ନ ପାରଇ ତାଙ୍କ ଗୋ
ସେ ଯେ ! ନବତରୁଣୀଙ୍କ ଗର୍ବ ଗଞ୍ଜେ ଗୋ ।
ନାହିଁ ଏମନ୍ତ ପ୍ରକାରେ ଦୂଯେ ଗୋ ।
ନୀପମୂଳେ କରନ୍ତି ବଜେ ଗୋ । ୫ ।

ନୈଖରକ ତାଙ୍କ ଚନ୍ଦନଚିତାକୁ ଅଳପ ଅନାଇଁ ଦେଲ ।
ତତ୍ତ୍ୱେବ ଅଁଖି ତୁଟେ ଗଲା ଲୁକ ଗୃହିଁବା ଛଟକେ ମନ ଗୋ
ମୁହିଁ । ଚତ୍ର ନରଳତ ଗଲ୍ଲ ହୋଇ ଗୋ ।
ତୃଣେ ଅହି ଯାଇ ନ ଧାଉଇଁ ଗୋ ।
ତଳ ନଣନ ହୋଇବା ପାଇଁ ଗୋ । ୬ ।

ଥୁଡ଼ା ହୋଇଛନ୍ତି ହିଙ୍ଗୁଳବୃନ୍ଦ ଚିତା ନିନ୍ଦୁଅଛି ଚନ୍ଦ୍ର ।
ଥିର ନିଧରେ କି ଜନମ ହୋଇଛି ସ୍ୱର୍ଗରୁ ଆସିଛି ଇନ୍ଦ୍ର ଗୋ
ତାଇ । ଥଇ ଦଶୁଛି ମୋହ ଅଗର ଗୋ ।
ଥପି ରହୁଛି ନୟନେ ମୋର ଗୋ ।
ଥୁଅ ନିଦଠାଣି କି ସୁନ୍ଦର ଗୋ । ୭ ।

ଦଉଛି ଅଳକା ଭାଲ ପରେ କିଏ ଏହି ଜାଣୁନ୍ଥିବ ତୁହି ।
ଯୋଗିଜନେ ଯାକୁ ଧ୍ୟାନ କରୁଛନ୍ତି ମାନବ ନନ୍ଦନ ସେହି ଗୋ
ଭଲ । ଯୁବା ଯୁବତୀ ମନ ମୋହନ୍ତି ଗୋ ।
ଜନ କେଉଁ ନାରୀ ତାଙ୍କୁ ଦେଲା ଗୋ ।
ଜୀବ ପ୍ରାଣ ସେହୁ ହର ନେଲା ଗୋ । ୮ ।

Digitized by srujanika@gmail.com

ଝଟକ ଦଶୁ ଛୁ ଚୂଳରେ ଶୋଭିଛୁ ମୋହନ ମୟୂର ପକ୍ଷୀ ।
ଝାମଗଲା ପ୍ରାୟ ମୋ ଦେହ ହେଉଛୁ ଝୁଣ୍ଟି ପଡ଼ୁଥିଲି ଦେଖି ଗୋ
ତାଙ୍କୁ । ଝୁରି ମଲି ତା ବଂଶୀସ୍ୱନକୁ ଗୋ ।
ଝାଢ଼କାରେ ଅଣହି ତାହାଙ୍କୁ ଗୋ ।
ଝଳ ଗୋପୀଙ୍କ ଧାନ ଯାହାଙ୍କ ଗୋ । ୯ ।

ଞୀଳେନ୍ଦୀବରନୟନୀ ବାଣୀ ଶୁଣି ଦୂତୀ ବୋଲଇ ସଙ୍ଗାତ ।
ଞୀଳା କରିବାକୁ ବୈକୁଣ୍ଠ ଠାକୁର ମର୍ତ୍ତ୍ୟେ ହୋଇଛନ୍ତି ଜାତ ସେ
ହଗ । ନିତ୍ୟଧାମ ତେଜି ଅବତରି ସେ ।
ନାଶ କଲେ ପୂତନା ଅସୁରୀ ସେ ।
ନନ୍ଦରାଜା ସୁତ ଚକ୍ରଧାରୀ ସେ । ୧୦ ।

ଟୋକା ଗୋଷ୍ଠ କୃଷ୍ଣ ଟେକା ପ୍ରାୟ କରି ଟେକ ଧଇଲେ ମନ୍ଦର ।
ଟସକରପଣେ ସୁରପତି ଗଲେ ଟାଣ ଭାଙ୍ଗିଲେ ତାଙ୍କର ସେ ।
ନାଥ । ଟଙ୍କଧରଶପୂରିତ ତାତ ସେ ।
ଟେକ ଚଢ଼େ ନନ୍ଦଘୋଷରଥ ସେ ।
ଟକେ ଯାହାଙ୍କୁ ଭଜନ୍ତି ପାର୍ଥ ସେ । ୧୧ ।

ଠାକୁରପଣେ ଯେ ଜାତ ହୋଇ ଗୋପେ ଯାମଳାକୁ ବଧ କଲେ
ଠିକେ ଅପରାଧୀ ନାଥିଅ ବୋଲଇ ମୋହର ଗର୍ବ ଗଞ୍ଜିଲେ ସେ
ପ୍ରଭୁ । ଠିକେ ସଂସାର ରଚନା ସବୁ ସେ ।
ଠାକୁରଙ୍କ ସଙ୍ଗତରେ ଥିବୁ ସେ ।
ଠୂଳ ଭସ୍ମ ବିପଦ ନାଶିବୁ ସେ । ୧୨ ।

ଡଗର ପଣେ ଦୂତିକା ବେଗେ ଯାଇଁ ଶ୍ରୀ ବୃନ୍ଦାବନେ ମିଳିଲେ ।
ଡାହୁକ କୋକିଲ ଧ୍ୱନି ସେ ବନରେ କାଳିଅ କାହ୍ନୁ ଦେଖିଲେ ସେ
ଦୂତୀ । ଡମ୍ବରୁଧର ଯାଙ୍କୁ ସେବନ୍ତି ସେ ।
ଡାକ କହିଲେ ଶ୍ରୀକୃଷ୍ଣ କାଛ ସେ ।
ଡଗଡଗ ହେମାଙ୍ଗୀର ଶୁଭ ସେ । ୧୩ ।

Digitized by srujanika@gmail.com

ଢଳ ପଡ଼ୁଅଛୁ ଅଚେତନ ହୋଇ ମୋତେ ପଚାର କହୁଛୁ ।
ଢାଳେ ବଟେଶ୍ୱର ନାମ୍ବର ନ କର ଭ୍ରମ ଯିବାକୁ ମୁହିଁଛୁ ସେ ।
ରାଧା । ଢୋକ ପିଇବ ଅଧରୁ ସୁଧା ସେ ।
ଢାଙ୍କିଅଛୁ ତାଙ୍କୁ କାମବାଧା ସେ ।
ଢାଳେ ଭ୍ରମକୁ କରଛୁ ଶଙ୍କା ସେ । ୧୪ ।

ଏମନ୍ତ ବାଣୀ ଦୂତିକା ତହୁଁ ଶୁଣି ବୋଲନ୍ତି ନନ୍ଦ କଢାଇଁ ।
ଅନାଙ୍କ କୁମାରୀ ଚନ୍ଦ୍ରସେଣା ନାରୀ ଅମୃତ ଅନନ୍ତ ମାଇ ଗୋ ।
ସେହୁ । ଏତ ଦୂଷଣ କଥା ଅଟଇ ଗୋ ।
ଅସତରେ ତ ସ୍ୱଧ କରଇ ଗୋ ।
ଏହା ସଂସାରରେ ଶୁଣା ନାହିଁ ଗୋ । ୧୫ ।

ତେବେ ଯେ କଶୋରୀ ଅଙ୍କରେ ଧାଇ ହୋଇ ଚନ୍ଦ୍ରମୁଖୀ ପାଦଙ୍କ
ତଳ ତଣ୍ଡୁଲ ବେଲାଦୀ ଦେଇଣ ଅର୍ଚ୍ଚନ କଲେ ସୁନ୍ଦ ହେ
ତର । ତୀର୍ଥ କରିଲାସେ ଭ୍ରମ ପଥ ହେ ।
ତନୁ ଉପୁଜିଲା ଆଗମତ ହେ ।
ତାହୁ କର ଭବାନୀ ଶଙ୍କର ହେ । ୧୬ ।

ଥକା ହୋଇଥିଲା କୃଷ୍ଣ ବାଣୀ ଶୁଣି ଦୂତିକା ବୋଲଇ ପୁଣି ।
ଥାପି ଦେଇ ସ୍ନେହ ଏ ଦୁଇଙ୍କ ସହ୍ଲ ଦର୍ପ ସରଳା କାମିନୀ ସେ
ସ୍ୱାଧା । ଥିର ବୁଦ୍ଧି କରନ୍ତି ଶରଧା ସେ ।
ଥୂଲଜାତମିନୀ ସହ ନନ୍ଦା ସେ ।
ଥୁଅଫଳ ଦେଲା କାମଧେନୁ ସେ । ୧୭ ।

ଦୂତିକା ବଚନ ଶୁଣି ବେନୁପାଣି ଦୟା କରି ଆଜ୍ଞା ଦେଲେ ।
ଦନ ଅବଶେଷେ ଦାଶିଙ୍କେ ଅର୍ପିବ କହୁ ବଳକଳ ହୋଇଲେ ସେ
ବସି । ଦେଲେ ବନ୍ଦନା ଧାଦାଙ୍କୁ ଯେଣି ସେ ।
ଦଣ୍ଡ ଗଣୁଥିଲେ ଶୁଭ୍ରକେଶୀ ସେ ।
ଦୂତୀ ମିଳ କଲେ ଦର୍ପି ଦସି ସେ । ୧୮ ।

Digitized by srujanika@gmail.com

ଧ୍ରୁବ ବର ତୋତେ ନେବାକୁ ବହୁନ୍ତି ଶୁଣ ସଖି ଯିବା ଏବେ ।
ଧୂଳି ଲାଗି ଅଙ୍ଗ ଧୂସର ହୋଇଛି ପ୍ରବେଶ ହୁଅ ଯା' କବେ ଗୋ ।
ଏବେ । ଧାଡିକରେ ନ ଗଲେ ରୁଷିବେ ଗୋ ।
ଧଧ ହୃଦେ ହୃଦ ଲଗାଇବେ ଗୋ ।
ଧୀରେ ଧୀରେ ସବୁ ଚୁମ୍ବ ଦେବେ ଗୋ । ୯ ।

ନଚ୍ୟବର୍ମ ସାନ୍ତ ସ୍ୱବେଶ ହୋଇଣ ଶିରେ କବରୀ ଗନ୍ଥିଲେ ।
ନାନା ଅଲଙ୍କାରେ ମଣ୍ଡନ ହୋଇଲେ ସ୍ୱର୍ଣ୍ଣ ର ଶସି ପଢ଼ିଲେ ସେ
ବାମା । ନବତରୁଣୀକୁଳଚନ୍ଦ୍ରମା ସେ ।
ନାରାୟଣମନୋହରୀ ରମା ସେ ।
ନାହିଁ କୋଷ୍ଟୁବ କେ ଶୋଭା ସମା ସେ । ୧୦ ।

ପୂର୍ବଦଗ ଭାନୁ ପଶ୍ଚିମକୁ ଗଲା ପ୍ରହରେ ହୋଇଲା ରାତି ।
ପଦ୍ମନେତ୍ରା ମତ୍ତପିକବଚନା ପଞ୍ଚବକ୍ତ୍ର ଶୁଣ ଦୂତି ଗୋ ।
ଯିବା । ପାନ ଭାଙ୍ଗି ତାଙ୍କୁ ଭୁଞ୍ଜାଇବା ଗୋ ।
ପାହୁ ଗଲେ ଗାଢ଼ ଜ କରିବା ଗୋ ।
ପର ଦେଖିଲେ ଲାଜ ପାଇବା ଗୋ । ୧୧ ।

ଫୁଲୁଣା ହୋଇ ବେଳ ସଖୀ ବାହାର ଚନ୍ଦ୍ରରାଜ ଦେଖି ଭାଜ ।
ଫାଇଁ କୋପକଲ ବୃଷଭାନୁ ଜେମା ଚନ୍ଦ୍ରକୁ ଦଅନ୍ତି ଗାଳି ରେ
ଶଶି । ଫଟା କପାଳକୁ ମୋର ଥିବ ହେ ।
ଫଇଲାଇଛୁ କୋ ଷୋଭାରାଶି ରେ ।
ଫର୍ଦ୍ଦା ରଖ ମୋର ମେଘେ ପଶି ରେ । ୧୨ ।

ବଧୂବଦନ ଅଞ୍ଚଳ ପାଇଁ ଚନ୍ଦ୍ରମା କଳାମେଘରେ ରହିଲା ।
ବ୍ରହ୍ମାଣ୍ଡ ଯାକ ଅଲୁଅ କାହିଁ ଗଲା ନିବିଡ଼ ଅନ୍ଧାର ହେଲା ସେ
ବାଳୀ । ବଡ଼ ହରଷେ ପଥରେ ଚଳ ସେ ।
ବାଟ ଚହ୍ନାଏ ତାଙ୍କୁ ବଇଜୁଳି ସେ ।
ବୃନ୍ଦାବନ ମଧ୍ୟେ ଯାଇ ମିଳ ସେ । ୧୩ ।

Digitized by srujanika@gmail.com

ଭଗବାନ ଭେଟେ ବୃଷଭାନୁଜେମା ମନରେ ଆନନ୍ଦ ହୋଇ ।
ଭକ୍ତ ନ ପାରଇ ରାଧାକୃଷ୍ଣ ନାମ ଯୀବର ନାଶ୍ରିଅ ବାଇ ଯେ
ପୁଣେ । ଭେଟେ ହରଷ ମୁରଲୀଧାରିଣି ସେ ।
ଭୃଙ୍ଗ ଲଭନ୍ତି ଯେସନେ ନଳିନୀ ସେ ।
ଲୋଭୀ ପାଇଲା କି ଅନ୍ନପାଣି ସେ । ୨୪ ।

ମାଧବୀ ଲତା ଉହାଡ଼େ ଚଳେ ଦୁଇ ଅନ୍ତର ହୋଇ ରହିଲେ ।
ମର୍କତଚତ୍ୱର ଉପରେ ଶ୍ରୀକୃଷ୍ଣ ରାଧାଙ୍କ କୋଳେ ଧଇଲେ ସେ
ବେନି । ମାନ ଛେଡ଼ିଲେ ଚମତ୍କାରିଣି ସେ ।
ମନେ ହରଷ ମୃଗଲୋଚନୀ ସେ ।
ମଞ୍ଜୁଳେ ଯେନ ଯେନା ଯେନ ସେ । ୨୫ ।

ଜଡ଼ାଜଡ଼ି ଠାରି ଭଳି ତ ନୂତନ ତମାଲବୃକ୍ଷେ କି ଲତା ।
ଜଳଧର କୋଳେ ଚପଳା ଖେଳନ୍ତି ପରସ୍ପରେ ହରଷ ଶୋଭିତା ସେ
ଛବି । କମ୍ବୁକଣ୍ଠମଣି ହେମ କବି ସେ ।
କାମ୍ୟ ଭାବେ କି ମଦନ ଛବି ସେ ।
ଜିଣି କସ୍ତୁରୀ ହରିଦ୍ରା ଦ୍ରବ ସେ । ୨୬ ।

ଲପନତ୍ତ୍ୱଥା ଶ୍ୟାମଘନ ରକ୍ଷିଲେ ରାଧିକା ହୋଇ ପ୍ରବଳ ।
ଚନ୍ଦ୍ର ସେରତପଦ୍ମ ମଧୁକର ଭ୍ରମେ ମକରନ୍ଦ ପାନେ ଭୋଳା ସେ ।
ତହିଁ । ସ୍ନିଗ୍ଧ ଅର୍ଦ୍ଧପୂର୍ଣ ଅନ୍ଧ ହୋଇ ସେ ।
ବେଶବିନୋଦ କଲେ ସେଠାରେ ସେ ।
ରବି ଚନ୍ଦ୍ର ଭେଟାଭେଟି ନାହିଁ ସେ । ୨୭ ।

ଲପଟେ ଲପଟ ଭୁଜେ ଭିଡ଼ାଭିଡ଼ି ହୃଦରେ ହୃଦ ଜଡ଼ିଲେ ।
ଲକ୍ଷ୍ମୀ ନାରାୟଣ ରସକ୍ରୀଡ଼ା ଦେଖି ଋଷବାଶଖ ବଢ଼ିଲା ସେ ।
ସୁଖ । ଲୋଭ୍ୟ ରସନାରସନା ଯୋଗ ସେ ।
ଲାଜେ ପଳାଇଲ କାମଦୁଃଖ ସେ ।
ଲଭା ଚକ୍ଷୁ ଦେଖି ପୁଲକ ସେ । ୨୮ ।

Digitized by srujanika@gmail.com

ବସନ ପନ୍ଧଡ଼ ପ୍ରବେଶ ସଜାଡ଼ି ଶ୍ରୀବୃନ୍ଦାବନେ ଖେଳିଲେ ।
ବନମାଳୀ ବିଧୁମୁଖୀଙ୍କି ଦୃଷ୍ଟିକା ପରିହାସରେ ଭାଷିଲେ ସେ ।
ଜାଣ । ବଡ଼ ଅଟ ତ ତୁମ୍ଭେ ଦାରୁଣ ହେ ।
ବହିଅଛ ଗଣ୍ଡେ ସ୍ତନେ ଚନ୍ଦ୍ର ହେ ।
ବାରେ ଲଭିଅ ମଧୁସୂଦନ ହେ । ୨୯ ।

ସରୋଜବଦନୀ ଚିରେ କର ଦେଇ ଶ୍ରୀକୃଷ୍ଣ ଶ୍ରମରେ ଭଣି ।
ଶାଶୁ ନଣନ୍ଦ ଗଞ୍ଜନ୍ତି ଯମୁନାକୁ ଯାଇଥିଲେ ନୀର ଆଣି ହେ ।
ବନ୍ଧୁ । ସେ ଯେ ବାହୁଥାନ୍ତି ଗ୍ରନ୍ଥି ଗ୍ରନ୍ଥି ହେ
ଶଏ ଠାବ ବାଳ ବାନ୍ଧି ବାନ୍ଧି ହେ ।
ସରେ ନାହିଁ ଦନ କାନ୍ଦି କାନ୍ଦି ହେ । ୩୦ ।

ସହଜେ ସେ ଯେବେ ଆସି ନ ପାରଇ ଲୋକ ଲାଜକୁ ମରଇ
ସ୍ମରଣି ରଖି ମୁରଲୀ ବାଉଥାଅ ଝୁରି ମରୁଥାଇ ମୁହିଁ ହେ
ହରି । ସାଖୀ ସୋଦର ନାହିଁ ମୋହର ହେ ।
ସବୃଦନେ ମୁଁ ଦାସୀ ତୁମ୍ଭର ହେ ।
ସ୍ନେହେ ସ୍ୱଦୟା ଥିବ ଟି କର ହେ । ୩୧ ।

ସାରଙ୍ଗଧର ବୋଲନ୍ତି ସଖି ! ଅଗୋ ନ ଭାଳ ହୃଦକମଳେ ।
ସନ୍ଧ୍ୟାବେଳରେ କାଲି ଭେଟ ହୋଇବ କେଳିକଦମ୍ବର ମୂଳେ ଗୋ
ଯାଅ । ଶଶିମୁଖି ! ତୁ ପ୍ରାଣ ମୁଁ ଦେହ ଗୋ ।
ସମ୍ପନିଧି ତୁ ମୁଁ ରଙ୍କ ପ୍ରାପ୍ତ ଗୋ ।
ବିନା ତୋ ଯେବେ ମର୍ତ୍ତ୍ୟେ ମୋ ଦେହ ଗୋ । ୩୨ ।

ହଂସଗମନୀ ସଙ୍ଗେ ଯେବେ ଦୂତୀଙ୍କ ଗୃହକୁ ଗମନ କଲେ ।
ହରି ବତ୍ସ ଯେବେ ଗୋପାଳଙ୍କ ସଙ୍ଗେ ଗୋଷ୍ଠରେ ଯାଇଁ ରହିଲେ ସେ
ସ୍ୱାମୀ । ହର ନ ଧାରନ୍ତି ଧ୍ୟାନେ ଗମି ସେ ।

Digitized by srujanika@gmail.com

ହୃଦକଥା ଜାଣେ ଅନ୍ତର୍ଯ୍ୟାମୀ ସେ ।
ଦର୍ଶ କର୍ଣ୍ଣ ଏକା ମଦ୍ଧାକାମୀ ସେ । ୩୩ ।

ଷିତାଏର ବ୍ରହ୍ମା ବ୍ରହ୍ମାଣ୍ଡଠାକୁର ନ ପାବନ୍ତି ଯାର ଭେଟ ।
ଷୀଣ ଲୋକନାଥ ଧୀବର ବୋଲଇ ନ ଦେଖି ପାଇଲି କଷ୍ଟ । ମୁଁ ।
ପୁଣି । ଷୁଦ୍ରବୁଦ୍ଧି ଲେଖିଲି ନ ଜାଣି ମୁଁ ।
ଷୀରସୁଧା ଭାଗବତ ବାଣୀ ମୁଁ ।
ଷମାନିଧି ଷମାକର ଶୁଣି ହେ । ୩୪ ।

ଫୁଲ ବଉଳବେଣୀ ଚଉତିଶା

ବାବାଜୀ ବୈଷ୍ଣବଚରଣ ଦାସ ବର୍ତ୍ତମାନ ଓଡ଼ିଶାର ସର୍ବଶ୍ରେଷ୍ଠ ଜୀବିତ କାବ୍ୟ କବି । ଆଧୁନିକ ପାଶ୍ଚାତ୍ୟ ଶିକ୍ଷା ପ୍ରାପ୍ତ ବ୍ୟକ୍ତିଙ୍କ ଆଶା ଆକାଂକ୍ଷା ତାଙ୍କ କବିତାରେ ପ୍ରକାଶ ନ ପାଇ ପାରୁଥାଏ କିନ୍ତୁ ଲକ୍ଷ ଲକ୍ଷ ବୈଷ୍ଣବଙ୍କ ଭକ୍ତିମୟ ପ୍ରାଣର ପ୍ରତିଧ୍ୱନି ତାଙ୍କରି କବିତାରେ ଶୁଣି ହୁଏ । ପ୍ରାଚୀନ ଛନ୍ଦ ଯୋଜନାରେ ବାବାଜୀ ମହୋଦୟ ଏପରି ହାସଲ କରିଅଛନ୍ତି ଯେ ତାଙ୍କ କବିତା ପଢ଼ିଲେ ସେ ପ୍ରାଚୀନ ଯୁଗର ନବୀନ କବି ଜାଣି ହୁଏ ନାହିଁ । ଏ ଚଉତିଶା ସହିତ ଅନ୍ୟାନ୍ୟ ଚଉତିଶା ବାବାଜୀ ମହୋଦୟ ମଧୁଚକ୍ରକୁ ଦାନ କରି ଅମ୍ଭକୁ ଯଥେଷ୍ଟ ଅନୁଗୃହୀତ କରିଅଛନ୍ତି ।

•

କନକାଙ୍ଗୀ ଧନୀ ରାଇ ଗୋ ! ଫୁଲ ବଉଳବେଣୀ ।
କଦମ୍ବମୂଳଅ   ଚନ୍ଦ୍ରକାନ୍ତଳଅ
କହାଇ ତୋ ଲାଗି ବାଇ ଗୋ ! ଫୁଲ ବଉଳବେଣୀ ।୧।

ଖଣ୍ଡଖୀରଖିଅ ଭଷି ଗୋ ! ଫୁ, ବ,
ଖେଳ-ଖିଅଳଅ   ରାଧେ ବୋଲ ଡଅଁ
ଖରାବେଳେ ବାଏ ବଂଶୀ ଗୋ ! ଫୁ, ବ, ।୨।

ଗଣ୍ଡେଧନ ଜାଣୁ କି ନା ଗୋ ! ଫୁ, ବ,
ଗୋକୁଳସୁନ୍ଦର   ଗୋପ ସୁଣୀଙ୍କର
ଗଳା ମରକତ ମୀନା ଗୋ ! ଫୁ, ବ, ।୩।

ଘଟ୍ଟଣ ଶ୍ରୀମୁଖ ତୋର ଗୋ ! ଫୁ, ବ,
ଘନ ବରନଅଁ   ଶ୍ରୀବୃନ୍ଦାବନଅଁ
ସବୁର ଦୁଃଖପାସୋରା ଗୋ ! ଫୁ, ବ, ।୪।

ଉପମା ଅଛି କି କାହିଁ ଗୋ ! ଫୁ, ବ,
ଙ୍ଗ ଦେବା ଶୋଭା   ଅତ ମନ ଲୋଭା
ତ ଉଦ ଭୁବନେ ନାହିଁ ଗୋ ! ଫୁ,ବ, ।୫।

Digitized by srujanika@gmail.com

ଚତୁର ନାଗର ବର ଗୋ ! ଫୁ, ବ,
ଚନ୍ଦନପାଙ୍କଅ ଧରିଥିଲୁଙ୍କଅ
ଚମତ୍କାର ବେଶ ଭାର ଗୋ ! ଫୁ, ବ, । ୬ ।

ଛଇଲୀ ଚନ୍ଦ୍ରମାମୁଖି ଗୋ ! ଫୁ, ବ,
ଛଡ଼ି ଦେବେ ସତୀ ପତିବ୍ରତକୁ
ଛଇ ଛଟା ଭଙ୍ଗୀ ଦେଖି ଗୋ ! ଫୁ, ବ, । ୭ ।

ଜଗତମୋହନ ଠାଣି ଗୋ ! ଫୁ, ବ,
ଜନନି ଅଛନ୍ତି ଏ ବ୍ରଜମଣ୍ଡଳେ
ଢିଲା କରିବାକୁ ପାଣି ଗୋ ! ଫୁ, ବ, । ୮ ।

ଝଳ ନୀଳମଣି-କାନ୍ତି ଗୋ ! ଫୁ, ବ,
ଝୁମୁ ଝୁମୁ ପାଦ ନୂପୁର ନାଦରେ
ନାଶ ଚିତ୍ତ ଚମକାନ୍ତି ଗୋ ! ଫୁ, ବ, । ୯ ।

ନିକୁଞ୍ଜ-କାନନ-ଭୃଙ୍ଗ ଗୋ ! ଫୁ, ବ,
ନିତି ନୂଆ ନୂଆ ଭାବ ବିନୋଦିଆ
ନାଗରୀ ମାନସ ଭୃଙ୍ଗ ଗୋ ! ଫୁ, ବ, । ୧୦ ।

ଟହକ ମୁରୁକ ହସା ଗୋ ! ଫୁ, ବ,
ଟଳାଇ ଦିଅନ୍ତି ଦମ୍ଭ ଅଭିମାନ
ଟକେ ଉଚ୍ଚାରିଲେ ଭାଷା ଗୋ ! ଫୁ, ବ, । ୧୧ ।

ଠଣ ସୁନ୍ଦର ମୂରତି ଗୋ ! ଫୁ, ବ,
ଠାକୁର ପଣକୁ ଯୋଗ୍ୟ ଏକା ସେହୁ
ଠଉରିଅଛି ମୋ ମତି ଗୋ ! ଫୁ, ବ, । ୧୨ ।

ଡମ୍ବରୁ ସରୁକଟିଅ ଗୋ ! ଫୁ, ବ,
ଡୋଲା ଢାଳ ବାଙ୍କେ ଚାହିଁବା ମାତ୍ରକେ
ତରଳାଇ ଦ୍ୟନ୍ତି ହିଅ ଗୋ ! ଫୁ, ବ, । ୧୩ ।

Digitized by srujanika@gmail.com

ତମାଳ ସଙ୍ଗୀତ ଗାଉ ଗୋ ! ଫୁ, ବ,
ତଙ୍ଗେ ଭଙ୍ଗେ ବନ ନାଚ ଅଛୁଥାନ୍ତି
ମୋହନ ବେଣୁ ବଜାଇ ଗୋ ! ଫୁ, ବ, । ୧୪ ।

ଅଣିମାଦ ଅଷ୍ଟନିଧି ଗୋ ! ଫୁ, ବ,
ଅଛୁ ସବୁଯାକ କୃଷ୍ଣ ପାଦତଳେ
ଅମର ଭୁବନ ସିଦ୍ଧି ଗୋ ! ଫୁ, ବ, । ୧୫ ।

ତେଜତ ଦାଣ୍ଡିକ-ଡଗୋଷ୍ଠୀ ଗୋ ! ଫୁ, ବ,
ତମାଳ ଶ୍ୟାମନ୍ତ ଭାବ ପଣ୍ଡ ଦେବେ
ତପସ୍ୟା ଯେ ଥିବ କର ଗୋ ! ଫୁ, ବ, । ୧୬ ।

ଥରେ ଯେ ଦେଖିବ ତାଙ୍କୁ ଗୋ ! ଫୁ, ବ,
ଥୋଇ ଦେବ ନଟେଷ୍ଟିଁ ଭୁଲି ଲାଜ ବନ୍ଧୁ
ଥବର ଯେ ଗାରମାନ୍କୁ ଗୋ ! ଫୁ, ବ, । ୧୭ ।

ଦରିଦ୍ର ସଙ୍ଗାଳ ସେ ତ ଗୋ ! ଫୁ, ବ,
ଦରପୂର୍ଣ୍ଣା କଳା— କଞ୍ଜଗନ୍ଧଦଳା—
ଦେବ ମୃଦୁ ଯଦନ୍ତେ ତ ଗୋ ! ଫୁ,ବ, । ୧୮ ।

ଧନୈର୍ଯ୍ୟ ସ୍ଥିର ବା ବେଡେ ଗୋ ! ଫୁ, ବ,
ଧସ୍ତମଣ୍ଡନା କେ ବଢ ନ ଦୋଉବ
ଧୀର ଲଳିତ ପ୍ରଗାଢେ ଗୋ ! ଫୁ, ବ, । ୧୯ ।

ନବ କିଶୋର ବୟସ ଗୋ ! ଫୁ, ବ,
ନର୍ତ୍ତନ ମାଧୁର୍ଯ୍ୟ ନବୀନ ବିଭୂଷଣ;
ନବ ନଟବର ବେଶ ଗୋ ! ଫୁ, ବ, । ୨୦ ।

ପରମାନନ୍ଦଙ୍କ ସ୍ତବେ ଗୋ ! ଫୁ, ବ,
ପଦତଳ ଦାସୀ ହେବାକୁ ମନାଇ
ପାର୍ବତୀ ରମା ଝୁରିବେ ଗୋ ! ଫୁ, ବ, । ୨୧ ।

Digitized by srujanika@gmail.com

ଫଗୁଅଧସ୍ତି ଖଧିକେ ଗୋ ! ଫ, ବ,
ଫଣୀ ମର୍ଦ୍ଦନାନ୍ତ୍ୟା ପ୍ରୀତିବର୍ଦ୍ଧନଥାଁ
ଫାନ୍ଦରେ ନ ଭୁଲିବ କେ ଗୋ ! ଫୁ, ବ, । ୧୨ ।

ବଙ୍କିମ ତା ଅନାଇଣି ଗୋ ! ଫୁ, ବ,
ବଳେ ଛିଙ୍କିନଏ ଚୁମ୍ବକ ପଥ୍ୟେ
ବରବଧୂ ବାଇଆଣୀ ଗୋ ! ଫୁ, ବ, । ୧୩ ।

ଭଙ୍ଗିଆ ବଙ୍କ ସଙ୍ଗିଆ ଗୋ । ଫୁ, ବ, !
ଭଲ୍ଲ କମିଥ ଯେ କାହ୍ନୁଁ ଶିଖି ଅଛୁ
ଭେଳକିଲଗା ରଙ୍ଗିଆ ଗୋ ! ଫୁ, ବ, । ୧୪ ।

ମୟୂର ଚନ୍ଦ୍ରିକା ଛନ୍ଦ ଗୋ ! ଫୁ, ବ,
ମଥାରେ ସେ ବାନ୍ଧି ବାମେ ଖୋସି ଥାଏ
ମଞ୍ଜୁ ଗୁଞ୍ଜମାଳ ଯେନ ଗୋ ଫୁ, ବ, । ୧୫ ।

ଯଦି ମଇ ଭୁଲି ଶ୍ୟାମ ଗୋ ! ଫୁ, ବ,
ଯନ୍ତ୍ର ମୁରଲୀକି ଫୁଙ୍କି ସେ ଜାଣଇଁ
ଯତନେ ଉଚାର ନାମ ଗୋ ! ଫୁ, ବି, । ୧୬ ।

ରସବ୍ରଜ ଚକ୍ରବର୍ତ୍ତୀ ଗୋ ! ଫୁ, ବ,
ରଙ୍ଗମାଧରେ ତା ମନ୍ଦ ମନ୍ଦ ହାସ
ରଖି ନ ଦଅଇ ଧୃତି ଗୋ ! ଫୁ, ବ, । ୧୭ ।

ଲପନ ଚନ୍ଦ୍ରମା ଶିଷ୍ଟ ଗୋ ! ଫୁ, ବ,
ଲକ୍ଷ୍ୟ ନାହିଁ ତାକୁ କୋଟିଏ ବ୍ରହ୍ମାଣ୍ଡେ
ଲାବଣ୍ୟାମୃତ ମାଧୁରୀ ଗୋ ! ଫୁ, ବ, । ୧୮ ।

ବନମାଳୀ ବକ୍ଷ ତଟ ଗୋ ! ଫୁ, ବ,
ବରନବ ଜବା ନୀଳେନ୍ଦ୍ର ମଣିର
ବେନ ଫାଳଅ କବାଟ ଗୋ ! ଫୁ, ବ, । ୧୯ ।

Digitized by srujanika@gmail.com

ଶରଣବତ୍ସଲ ସେ ତ ଗୋ ! ଫୁ, ବ,
ଶୁଣିଥିବୁ କାନେ ଶିଶୁ ଦନୁ ପରି
ଶଙ୍କା କଲେ ନିପାତ ଗୋ ଫୁ, ବ, । ୩୦ ।

ଷଣ୍ଢାବକା ଅଘା ଦୈତ୍ୟ ଗୋ ! ଫୁ, ବ,
ଷଟ୍‌ପଦ ନିନ୍ଦିଙ୍କ ହସ୍ତେ ନାଶଗଲେ
ଷଡ଼୍‌ଯନ୍ତ୍ର କଲ ସେତ ଗୋ ! ଫୁ, ବ, । ୩୧ ।

ସଂସାର ସାର ମୋହନ ଗୋ ! ଫୁ, ବ,
ସକଲ ଗୁଣରେ ଶ୍ରେଷ୍ଠ ସେ ଅଟନ୍ତି
ସମ କାହିଁ ତାଙ୍କୁ ଆନ ଗୋ ! ଫୁ, ବ, । ୩୨ ।

ହଠଚମତ୍ଅ ହର ଗୋ ! ଫୁ, ବ,
ହେ ସଖିକେ ଚୋର ହେବେ କଷ୍ଟେଁ ବର
ହୃଦରେ ଥାଅ ବନ୍ଧନ ଗୋ ! ଫୁ, ବ, । ୩୩ ।

କ୍ଷଣକାନ୍ତି-କାନ୍ତି ଧନ ଗୋ ! ଫୁ, ବ,
କ୍ଷୀଣ-ମଧ୍ୟା ! ତୋର ପଦାବ୍ଜ କିଙ୍କରୀ
କ୍ଷେମେ ବୈଷ୍ଣବ ଅଜ୍ଞାନୀ ଗୋ ! ଫୁ, ବ, । ୩୪ ।

Digitized by srujanika@gmail.com

କୋଳାହଳ ଚଉତିଶା

ମଧୁଚନ୍ଦ୍ରର ଗ୍ରନ୍ଥ ଭଗରେ ପ୍ରକାଶିତ କୋଳାହଳ ଚଉତିଶା ଦୃଷ୍ଟରେ ଏ ଚଉତିଶା ଲେଖା ହୋଇଥିବାରୁ ଏହାର ନାମ କୋଳାହଳ ଚଉତିଶା ହୋଇଅଛି । ଏ ଚଉତିଶା ଯେ କେବଳ କମଳସ୍ତ୍ର ରହିଲେ ସଂଶୋଧନ ହେବ ନାହିଁ । ଏହାର କେତେକ ପଂକ୍ତି ମଧ୍ୟରେ ପ୍ରଚଳିତ ଲେଖ ମୁଦ୍ରା ଅଛି । କବିତାର ଶେଷପଦ ଯଥା ଯୋଗରେ ମେଳବାକୁ ଏବ ଅଙ୍କିତ ରହିଲେ ।

(ରାଗ—କୋଳାହଳ)

କୃଷ୍ଣ ବଚ୍ଛେଦରେ   କୁସୁମ ଶରରେ
ଦୁଃଖୀ ହୋଇ ଗୃହେ ଚନ୍ଦ୍ରମୁଖୀ ।
କରଇ ସନ୍ତାପ   ଚନ୍ଦ୍ର କାନ୍ତ-ମୁଖ
ବସି କରକରେ ମଣ୍ଡି ଲେଖି ।
କଞ୍ଜ-ନୟନରୁ
ବହଇ କଜ୍ଜଳ-ଜଳ-ଧାର ।
କମଳନୟନ ଘନଶ୍ୟାମ ବିନୁ ତାହା ମନ ଅନ୍ୟ ନୋହେ ତାର । ୧ ।

ଖଣେ ଖଣେ ଶ୍ୱାସ   ପକାଇ ବିରସ
ଖଣକେ ଅଧିର ହୋଇ ବାଳା ।
ଖଣେ ଖଣେ ଝାଳ   ବହଇ ପ୍ରବଳ
ଖଣକେ ଝାଙ୍କୋରେ ଶ୍ରେମମାଳା ।
ଖୀଣୋଦରୀ ତନୁ ।
ଅତନୁ ଶରରେ ହୋଇ ତନୁ ।
ଖେଳିବା ହସିବା ବଚନ ଭାଷିବା ସବୁ ସୁଖ ପାସୋରନ୍ତ ମନୁ । ୨ ।

ଗୋପୀ ସୁକୁମାରୀ   ନବୀନ କିଶୋରୀ
ଘର ଘୋର ବନ ପ୍ରାୟେ ମଣେ ।

Digitized by srujanika@gmail.com

ଗୀତ ବାଦ୍ୟ ନୃତ୍ୟ— ରସେ ତାହା ତତ୍ତ୍ୱ
ନ ରସେ କସ୍ତୁରୀ କାମବାଣେ ।
ଗୁରୁ-ନିତମ୍ବିନୀ ।
ଗୋକୁଳ-ଚନ୍ଦ୍ରମା ଗୁଣ ଗୁଣି ।
ଗିରିବର-ଧର ହେ ବ୍ରଜସୁନ୍ଦର ! ବୋଲିଣ ରୋଦନ କରେ ପୁଣି ।୩।

ଘନଜଘନାର ଘନ୍ତଣସ୍ତନାର
ଘାନ୍ତୁ ନ ସହଇ ନିଶି ଦିନ ।
ଘନଶ୍ୟାମ ଧନ ଯାହିଁ ତାର ମନ
ଘରନ୍ତରେ ହୋଏ ଛନ ଛନ ।
ସଖୀଜନେ ଘେନ ।
ଘେନାଇ କହିଲେ ହେନ୍ଦ୍ରବାଣୀ ।
ଘେନଇ ନାହିଁ କମଳଦଳନେନୀ ରାଧିକା ନାଗରୀଶିରୋମଣି । ୪ ।

ନ କରେ ଅହାର ନ କରେ ବିହାର
ନ ବସଇ ଆନ୍ ଶୟନ ରେ ।
ନ ବାନ୍ଧଇ କେଶ ନ୍ହାଇ ପ୍ରବେଶ
ନ ଦେଖଇ କିଛି ନୟନରେ ।
ନାନା ଉପଶ୍ମର ।
ନୋହିଲେ ଚମକ ପଡ଼ି ଅଙ୍ଗ ।
ନଅ ନଅ ବୋଲି ନୟନ ବୁଜାଇ ବସିଲେ ବୋଲେ ହେ ଶିଶୁରଙ୍ଗ ॥

ଚନ୍ଦନ ପବନ ଗରଳ ସମାନ
ଚନ୍ଦ୍ରକର ଚଣ୍ଡକର ପ୍ରାୟେ ।
ଶୁକଅଡ଼େ ଶୁଣି ମନ୍ତ୍ର ପିକବାଣୀ
ଚତୁରେ ଲଭଇ ମହାଭୟେ ।
ଶୁରୁ ଝୁମିକର ।

Digitized by srujanika@gmail.com

ଚମ୍ପକବରଣୀ କଳେବର ।
ଚିନ୍ତି ଚିନ୍ତି ପାଣ୍ଡୁ ବର୍ଣ୍ଣିଲୁ ଦିଶିଲ ଦିବସେ ଯେସନ ଶଶଧର । ୬ ।

ଛଳମଣ୍ଡନୀ ବା— ଏହି ଦଶା ଦେଖି
ଛୋଡ଼କର ଦୂତୀ ଗଲା ଚଳି ।
ଛଟକେ ପ୍ରବେଶ ହୋଇ ବୃନ୍ଦାବନେ
ଛଛନ୍ଦେ ଭେଟିଲା ମଧୁହାସ୍ୟ ।
ଛାଡ଼ି ଖରଶ୍ୱାସ ।
କହିଲ ଶୁଣ ହେ ବ୍ରଜରାୟେ ।
ଛୀର ଦାହୀ ଧାନ୍ଦୀଠାରୁ କି ଶିଖିଲ ଯୁବତୀ ବନାଶନ ଉପାୟେ । ୭ ।

ଜାଣିଲୁ ସଂସାର ମଧ୍ୟେ ଅସୁନ୍ଦର
କଥାଏ ସୁନ୍ଦର ହେଲା ଏବେ ।
ଜଗତ ମୋହନା ରାଧା ପ୍ରାଣ ଘେନା
କଥାରେ କାଟେଣୀ ହେଲ ଏବେ ।
ଜଗମୋହନ ହେ !
ଏଥେଁ ନାହିଁ କିଛି ପଉରଷ ।
ଯେବେ ବା ଅବଳା ଯୁବତୀ ନିହନ୍ତା ହେବେ ବା ନୁଅନ୍ତା ତହିଁ ଯଶ ॥

ଝୁରୁଥାଅ ବସି କୁଞ୍ଜବନେ ପଶି
ଯାହା ଅଙ୍ଗ-ସଙ୍ଗ ପାଇବାକୁ
ଝଷକେତୁ ବାଣ— ଘାତରେ ପରାଣ
ଯିବାବେଳେ ଦୟା ନାହିଁ ତାକୁ ।
ଝାଡ଼ିଖନୋଦ ହେ ।
ଝିମେଇଁକେ କଥା ଶ୍ରବ ଅଉ ।
ଝଲକବରନା ଝଳ ଗୌରା ଦେଖି ମରୁଛି ଜୀବନେ ଥାଉଁ ଥାଉଁ ॥

Digitized by srujanika@gmail.com

ନବ ଚନ୍ଦ୍ରକଳା   ପରସ୍ପେ ଅବଳା
ପଡ଼ିଛୁ ଅବନୀ ଶୟନରେ ।
ନେଶନୀରେ ଅପି   ଯିବ ବୋଲି ଭାଷ
ନିଦ୍ରା ନ ମଡ଼ଇ ନୟନରେ ।
ନନ୍ଦନନ୍ଦନ ହେ !
ନୋହୁଅଛୁ ଜାଣ କି ବେଦନା ।
ନିର୍ମଳ ହୃଦରେ ତୁମ୍ଭଙ୍କ ଭଜିବା ଫଳ ପାଇବାର ଏହି ହିନା । ୧୦ ।

ତେଜ ଯେ ଥିଲି ତ—   ଗୁଣାହିନ୍ଦ୍ର ବୋଲି
ତୁଳାଏ ଦୁର୍ବଳ କାହିଁ ତତ୍ତ୍ୱ ।
ତଙ୍କଧର ତପ୍ତ   ବିପତ୍ତି ସମୟେ
ତୁଳାଏ ଦୁର୍ବଳା କାହିଁ ତତ୍ତ୍ୱ !
ତାଣ ଭୁଲିଲା ହେ !
ଯେତେବେରୂପେ କରିଥିଲୁ ଅଙ୍ଗ
ତାହି ନ ମଣି ସନ୍ଧେରେ ତଳିଥିବ ବିଲମ୍ବ ନ କର ପୀତବାସ । ୧୧ ।

ଥାଠି କର ଦୃଷ୍ଟି-   ବାଣୀ ଶୁଣି ମନ
ମନ୍ଦ ହସି ହୋଇ କର ହସ ।
ଥାକୁରାଣୀଙ୍କର   ପୁରତେ ପ୍ରବେଶ
ରଜନୀ ସଜନୀ କର ଧର ।
ଥଣଚନ୍ଦ୍ରମୁଖୀ ।
ଥିଁହଣ ଶ୍ରୀମୁଖଦରଶନେ ।
ଥିଲ ହୋଇ ସବୁ ଅନୁରାଗମାନ ପ୍ରବେଶ କରନ୍ତୁ ଅଛି ମନେ । ୧୨ ।

ଦୋଳା ଦିଉଳା   ଦାନମ୍ଭ ବୀଜବନ୍ତୀ
ଦମ୍ଭରୁମଧାର ଦେଖି କ୍ରୋଧ ।
ଦିକା କର ଦାମ   ଦାମ ହୋଇ ସ୍ମର-
ଅନୁଜ କରନ୍ତୁ ବାରେ ବଧ ।

Digitized by srujanika@gmail.com

ଭୋଳାମଣ୍ଡନ ରେ !
ନାହିଁ ମୋର କିଛି ଅପରାଧ ।
ଊମ୍ବରୁଧର ବଚନ ବନ୍ଧିଗରେ ନ କରାଅ ଆଉ ବାରେ ବାଧ । ୧୩ ।

ଛମ କରୁ ନାହିଁ ତୋତେ ବାକାବେଳେ
ନାହିଁ ନାହିଁ ଆନ ପ୍ରକାର ।
ଚାଲିବା ନପୁରେ ଅନେ ଗୁହିଁ ବାର
ବଥାଲୁ ବନ୍ଧୁ ନପୁମ ମୋର ।
ଚାଲନପୁରା ରେ !
ଚାଳ ଏବେ ମୋତେ ଗୁହିଁ ବାରେ ।
ଚକ୍ରା ଦଥାନୁ ଚକ୍ରାଟେ କା ନାମନ୍ତୁ ଏକା ପଣ ୀକା! ଦେଖି ବାରେ ॥

ଅନଲ ପ୍ରାପ୍ତେ ଆପଣା ଅପାରକୁ
ଵଗ୍ନବ ନ କରେ ଯେଉ କାମ ।
ଅନୁଭବ କଲେ ନ ଜାଣଇ କିଛି
ଅବିବେକ ହେଲେ ନାହିଁ ସର୍ମ ।
ଅରେ ପ୍ରାଣମଣି !
ଅନୁଚି କଥା ଏ ଅଛି ଶୁଣି ।
ଅମ୍ଭ ଦୁହିଙ୍କି ତା ବନ୍ଧୁତା ମାଗୁଛୁ ପାଇଲେ ଯାଉଛୁ ଏହିକ୍ଷଣି । ୧୪ ।

ତାହାର ବଚନ ସହଜେ ମୁଁ ତୋତେ
ମାଗଣ ତାହାର ବନ୍ଧୁତାକୁ ।
ତୁହି ତ କୃପଣ ସେ ଦାନ ଦେବାକୁ
ଶଳ୍ ହେଲା କାମ ସାଗି ତାକୁ ।
ତୋହ ପ୍ରସନ୍ନରେ !
ତାହା ସ୍ନେହରୀତ ସେହି ପାଉ ।
ତ୍ରୈଲୋକ୍ୟମୋହନ ! ତ୍ରିବଳିଶୋଭନ ! ମୋହ ମନୋରଥ ପୂର୍ଣ୍ଣ ହଉ ॥

ଥିରଗମନୀ ବାମଦେବ ମହିମା
ଶୁଣି ନାହିଁ କରେ ଥୟ୍ୟ କର ।
ଥାପ୍ପ ନପୂଜ ଅନଳେ ପୋଡ଼ି ଯାଇ
ଅଙ୍ଗେ ସେ କୃଷ୍ଣାଇଲା ନାସ୍ତି ।
ଥିରମଦନ ରେ !
ଥରଥରକେ ସେ ଯେ ଉଦଣ୍ଡ ।
ଥିଲ କର କେତେ ପ୍ରକାରେ ବହୁଛି ଅନ୍‌ଭବରୁ ଅଛି ପିଣ୍ଡ । ୧୭ ।

ଦର୍ସ୍ପୀଡ଼ଳନଧି ଦୟାକର ମୋରେ
ଦୂର କର ମନ୍ ଅଭିମାନ ।
ଦାସ ଦୋଷକାଶ ଦେଖିଲେ କ୍ଷମା କର
ପ୍ରଭୁପଣର ତୁ ନକେତନ ।
ଦୁଃଖନାଶିନ ରେ !
ଦ୍ୱାରଦବାମନୀ ପ୍ରାଣେଶ୍ୱର !
ଦ୍ୱିଜରାଜମୁଖି ! ଶୁଣୁ ନାହିଁ କିନା ମୋତେ ପ୍ରସନ୍ନବଦନେ ଚାହିଁ କର । ୧୮ ।

ଧିକ ଯାଉ ମୋର ପ୍ରାଣ ଧନ ! ତୋର
ଦେଖିଲି ଶ୍ରୀଅଙ୍ଗ ଅଭୂଷଣ ।
ଧାତା ଏହା କଲା ଏ ଜୀବନ ଗଲା-
ବନ୍ଧୁ ତୋତେ ଏହା କି ଦୂଷଣ ।
ଧୃତଧ୍ୱଂସିନ ରେ !
ଧୀରେ ଅଲ୍ପ ଦିଅ ମୃଦୁବାଣୀ ।
ଧ୍ରୁବଲୋକକୁ ଶୁଭଯାଉ ଶ୍ରୀରଙ୍ଗ ମଣ୍ଡଳ ମଣ୍ଡନ ଗୁଣାମଣି । ୧୯ ।

ନାଗଶ୍ରୀରଞ୍ଜନ ମୋ କଲମୂ ଯେନ
ନିକ୍ଷେଷ ନ କର ଶୁଣୁଛେଣି !

Digitized by srujanika@gmail.com

ନିର୍ମଳ ମୋତି- ଦଶନା ବିମ୍ବାଧର

ଅହା ମତ୍ତ-କଳକଣ୍ଠ-ଭାଷି !

ନୀଳବସନ ରେ !

ହସ୍ତେ ଯେବେ ଦୟା କଲୁ ମୋରେ ।

ନଖ-କରଟେ କଟାକ୍ଷ ପକା ପଛେ ନ ଦଅ ବଇଷ କରତଳେ । ୧୦ ।

ପ୍ରଭୁପଣ ଥାଉଁ ଥାଉଁ ପର ହାତେ

ଦଣ୍ଡ ଦେଅଇବା ଅନୁଚିତ ।

ପୀନଉରଜା ବାହୁପାଶେ ବନ୍ଧନ

କର ଲଭ କୁଚ-ପରବତ ।

ପ୍ରାଣବାନ୍ଧବ ହେ !

ପାତଲେ ନେଇଯାଅ କୁଞ୍ଜ ମାଉ ।

ପଣିଅଛୁ ବନ୍ଧୁ ! ଚରଣେ ଶରଣ ଯାହା ଇଚ୍ଛା ପଛେ ତାହା କର । ୧୧ ।

ଫୁଲ୍ଲାରବିନ୍ଦ-ନ— ସ୍ୱନ ଗୃହ ଶୁଣି

ଫୁଲ୍ଲ ସରସିଜମୁଖୀ ବାଳା ।

ଫେଡ଼ ବଚନ ନ କହ ନନ୍ଦ ଦୁହି

ଖେଳାଇଲ୍ଲ ନେଇଅନ୍ୟ ଡୋଳା ।

ଫଳ ଫଳବାଲୁ ।

କାମକଳ୍ପତରୁ ଲଭିବାରେ ।

ଫଳନ୍ତ ଫଳ କୃଷ୍ଣ ଭୋଗ ଅର୍ଥରେ ହରଷ ହୋଇଲେ ମାନସରେ । ୧୨ ।

ବହିଲ୍ଲ ବେନ ଜନଙ୍କ ଉଛରଙ୍ଗ

ବେଳକୁ ବେଳ ବିବିଧ ରଙ୍ଗେ ।

ବଡ଼ସୁନ୍ଦର ଦଶିଲ୍ଲ ବେନ ଅଙ୍ଗ

ନୀଳମଣି ଚନ୍ଦ୍ର ହେମ ଅଙ୍ଗେ ।

ବନମାଳୀ ଅଙ୍କ ।

Digitized by srujanika@gmail.com

ନବଜଳଧର କୂଳେ ଥାଇ
ବଧୂମୁଖୀ ତନୁ ବଢାଇ ବଜାଇ ଝୁଣୁ ଝୁଣୁ ଝୁଣୁ ଝୁଣୁକର । ୧୩ ।

ଭାସନ୍ତି ନାନା ପ୍ରକାରେ ବନ୍ଧ ବାଣୀ
ଜଳଧର ଘୋଷ ପ୍ରାୟେ ମଣି ।
ଭଣି ହୋଇ ଘନ ରସ ବରଷନ୍ତେ
ବଢ଼େ ମହା ସୁଖ ତରଙ୍ଗିଣୀ ।
ଭାଙ୍ଗେ ଜ୍ଞାନ ବନ୍ଧ ।
ଭାଙ୍ଗିଲା ବିବେକ ଧୈର୍ଯ୍ୟ ତଟ ।
ଭାଙ୍ଗିଗଲା ଲାଜ ତଟ ତରୁ ତହିଁ ନେଉଡିଲେ ପାଇବ ନାହିଁ ଭେଟ । ୧୪

ମହା ମଣ୍ଡଳୀ ମାଧବ ଉଦ୍ଧରମ
ବରଷା ହୋଇଲା ଯହୁଁ ଶେଷ ।
ମହା ହରଷରେ ରାଧା କୃଷ୍ଣ ବେନି
ଚନ୍ଦ୍ର କିରଣରେ ପରବେଶ ।
ମନ ମୋହିନୀକ ।
ମଦନ ମୋହନ କଲେ ବେଶ ।
ମନୋହର କଣ୍ଠ କବରୀ ବାନ୍ଧିଲେ ବେଢ଼ାଇ ବିବିଧ ସୁମନସ । ୧୫ ।

ଯତନ କରି ଅର୍ଦ୍ଧଚନ୍ଦ୍ର କପାଳେ
କସ୍ତୁରୀ ସିନ୍ଦୂର ଚିତା ଦେଲେ ।
ଜ୍ୟୋତିଧର ମୋତି– ବସଣୀ ନାସାରେ
କର୍ଣ୍ଣରେ କୁଣ୍ଡଳ ଶୋଭା କଲେ ।
ଜମ୍ବୁନଦମାଳୀ ।
କମନୀୟ କମ୍ବୁ କଣ୍ଠେ ଖଞ୍ଜି ।
ଜଳଜ କରେ ଚୂଡ଼ୀ ଛାଡ଼ି ଲଗାଇ ରମଣୀ ରଚନ ମନ ରଞ୍ଜି । ୧୬ ।

Digitized by srujanika@gmail.com

ରୁଚିର ଖଞ୍ଜନ   ନୟନେ ଅଞ୍ଜନ
ଚକ୍ଷୁଃସମ ଗୋଳ ଅଙ୍ଗେ ବୋଳ ।
ରଙ୍ଗ ଅଧରେ   ତାମ୍ବୁଲ ରଙ୍ଗେ ଦେଇ .
ଦର୍ପଣ ଧରିଲେ ବନମାଳୀ ।
ଲଙ୍ଗେ ହସି କହି ।
ବୋଇଲେ ମୋ ସେବା ଏହି ସିନା ।
ରଙ୍ଗିମା ନେତ୍ରେ ଭଙ୍ଗିମା କରି ଶୁହ୍ନି ମନ୍ଦ ମନ୍ଦ ହସେ ନନ୍ଦକାହ୍ନା ।୧୭।

ଲବଣ୍ୟ—···   ଶ୍ରୀଅଙ୍ଗେ ବେଷ୍ଟାଇ
କର୍ପୂର ଜଉଲ୍ଲ ଝୀନବାସ ।
ଲ···ଇ···ବାମ   ହୃଦକୁ ଲଗାଇ
ଅଲକ୍ତ ଧରିଲେ ପୀତବାସ ।
''......
ସ୍ୱର୍ଣ୍ଣ ପ୍ରତିମା ପାଶେ କି ଅମୂଲ୍ୟ-ମର୍କତ ମଣି ପ୍ରଭା··· । ୧୮ ।

ବୋଲନ୍ତି ଶ୍ରୀହରି   ଶୁଣ ପ୍ରାଣେଶ୍ୱରୀ !
ବଡ଼ ଦୟା କରିଥିବୁ ମୋତେ ।
କିଛି ହେଲି ଦାସ   ଜନଠାରେ ଦୋଷ
ନକରିବୁ ବନ୍ଧୁ ! କଦାଚିତେ ।
ବଧୂ ବନ୍ଦନାରେ ।
ବେଢ଼ିରେ ତୁ ମୋର ପ୍ରାଣଧନ ।
ବ୍ରଜ ସଙ୍ଗେ ଥିଲେ ବୃନ୍ଦାବନ ଗଲେ ତୋହଠାରେ ମୋହ ଥାଉ ମନ ॥

ସହଜେ ତୁ ମୋର   ନୟନ ପ୍ରତିମା
ଛୋଡ଼ନ୍ତୁ ମୋତେ ନନ୍ଦଣେ ଅନ ।
ସଙ୍ଗ ଭଙ୍ଗ ହେଲେ   ଅଙ୍ଗ ନ ରହଇ
ଜଳ ଅଭାବରେ ଯେହ୍ନେ ମୀନ ।

Digitized by srujanika@gmail.com

ଶିଙ୍ଘ-ମଣ୍ଡନା ହେ !

ତୋ ଭାବ-ଗୁଣରେ ବନ୍ଧ ହୋଇ ।

ଶ୍ରୀକର ଛୁଇଁ କହୁଛୁ ସତ୍ୟ ଅନ୍ୟେ ତନ୍ୱୀ ପ୍ରାଣ୍ୟେ ସିନା ରମୁଥାଇ । ୩୦ ।

ସୁହାସି ! ସୁଶ୍ରୁତି ! ସୁବେଣି ! ସୁମୁଖି !

ସୁଦନ୍ତି ! ସୁଧୀର ! ସୁକୁମାର !

ସୁଗଜ-ଗମନ ! ସୁଇନ୍ଦୁ-ବଦନ !

ସତ୍ୟରୂପେ ବନ୍ଧୁ ମୁଁ ତୋହରି ।

ସୁଖ ଦାୟିନୀରେ !

ସଙ୍କୋଚେ ମେଲାଣି ଦଅ ମୋତେ ।

ସଦରସ ହୋଇ ରମଣୀରଞ୍ଜନ ! ବୋଲି ଅନୁରକ୍ତ ଥିବ ମୋତେ ॥

ସହଜେ ଶ୍ରୀମୁଖେ ଆଜ୍ଞା ଦେଲେ ଯେତେ

ତୁମ୍ଭେ ମହାପ୍ରଭୁ ବୋଲିକରି ।

ସହିଲେ ସୁମନା ପ୍ରାଣ୍ୟେ ସ୍ତ୍ରୀର ହିତା

ଅଶ୍ଳାପନା କଲେ ଗୋପ୍ୟ କରି ।

ଶ୍ୟାମ ସୁନ୍ଦର ହେ !

ସବୁଦିନେ ଏହୁ ହେଉଥିବ ।

ସବୁରୂପେ ଦାସୀ ହେଲେ ଦୋଷକାଳେ ଅପରାଧ କେବେ ନ ଦେଖିବ ।

× × ×

× × ×

ଘନସୁନ୍ଦରଙ୍କୁ ମନ ହର ଦେଲି,
ବନ-କୁସୁମ ତୋଲାରେ ଗୋ !
ଘୁଣ୍ଟିଘାଗୁଡ଼ିଥି, ବାଙ୍କଚୂଳଥିଙ୍କୁ;
ହାର କରନ୍ତି ଗଳାରେ ଗୋ ॥
ଘରୁ ହୋଇଚି ବାହାର ।
ଘେନି କୃଷ୍ଣ-ନାମାବଳୀ-ହାର ଗୋ । ୪ ।

ଉମା ଶଙ୍କରଙ୍କ ସେବାରେ ମନାଇ,
ପାଇଚି ଏମନ୍ତ ଦୀକ୍ଷା ଗୋ !
ଉଦାସୀନୀ ହୋଇ, କାଳ କଟୁଥିବି
କୃଷ୍ଣ ନାମେ ମାଗି ଭିକ୍ଷା ଗୋ ॥
ଉଡ଼ୁ ପଛେ ନିନ୍ଦା-ବାଣୀ ।
ଉଣା କଥାକୁ ନାହିଁ ଶୋଚନା ଗୋ । ୫ ।

ଚନ୍ଦନପାଟ୍ଟଥି କନ୍ଦର୍ପମୋହନ
ନାଚୁଥାନ୍ତୁ ମୋ ନୟନେ ଗୋ !
ଚିନ୍ତାମଣି ମୋର, ଚିତ୍ତର ଭିତରେ;
ରହିଥାନ୍ତୁ ଅନୁକ୍ଷଣେ ଗୋ ।
ଚଉଦ-ଭୁବନ-ଭୂପ ।
ଚେଲାଞ୍ଚଳ-ନିଧି ମୋର ହେଲେ ଗୋ । ୬ ।

ଛନ୍ଦାଚରଣଙ୍କୁ, ଫନ୍ଦା ମୁଁ କରୁଚି
ବନାଇଣି କରମାଳ ଗୋ !
ଛଇଳ ନାଗର, ଛଟ ନଟବର—
ମୁରଲୀ ମୋର ସଙ୍ଗାଳି ଗୋ ॥
ଛାଡ଼ିଚି ସକଳ ଆଶା ।
ଛନ୍ଦକାଙ୍କ୍ଷି କରୁ ଭରସା ଗୋ । ୭ ।

Digitized by srujanika@gmail.com

ପ୍ରୀତିଚିନ୍ତାମଣି ଚଉତିଶା

(ବାବାଜୀ ବୈଷ୍ଣବଚରଣ ଦାସ)

ଏହି ଗୀତଟି ଭକ୍ତ ଚଉତିଶାକୁ 'ମଧୁଚକ୍ରରେ' ଅନ୍ତର୍ଭୁକ୍ତ କରିବାର ଉଦ୍ଦେଶ୍ୟ ଏହି ଯେ ଏ ପ୍ରକାର ଅନେକ ଦେଶୀୟ ପ୍ରାଚୀନ ରଚନା ଶ୍ରେଣୀର ପାଠକଙ୍କ ସାମନା ଠାରେ ଏପର୍ଯ୍ୟନ୍ତ ଅଜ୍ଞାତ ରହିଅଛି । ମାନନୀୟ ବାବାଜୀ ମହୋଦୟ ଜ୍ଞାନ-ବ୍ୟାମୋହ ଜୀବନରେ ପାଇଥିଲେ ତାଙ୍କ କବିତାରେ ଏତେ ରସର ଏତେ ମୌଳିକତା କାହିଁ ଥାଆନ୍ତା ? ବାବାଜୀ ମହାଶୟ କହନ୍ତି ଜ ଓ ଜ ପଦର ପ୍ରଥମ ପାଦ ସେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମଙ୍କ ଠାରୁ ଗ୍ରହଣ କରିଅଛନ୍ତି ।

କୁଳାଙ୍ଗମାନଙ୍କୁ   ଦୂର କର ସଖି !
କଳଙ୍କ ଲାଗିବ କୁଳେ ଗୋ ।
କୃଷ୍ଣ କଳ୍ପ—   ପ୍ରେମ ପ୍ରୀତ ପସରା,
ବହିଛି ମୁଁ କଳେ ମୁଣ୍ଡେ ଗୋ ॥
କଥା ରହି ଥାଉ ବୋଲି ।
କଳା କାହ୍ନୁକୁ ସଙ୍ଗୀନ କଲି ଗୋ । ୧ ।
ଖଳ ଦୁର୍ଜନ,   ଛଳ ଠାକୁଲୀଙ୍କ
ଗିରକୁ ଶିର ଅଢ଼ାଉ ଗୋ ।
ଖେଦଖାଇ ନାଗ-   ହୃଦ କେବାରେ ମୁଁ
ଜାଣି ଜାଣି ତ ବୁଣିବ ଗୋ ।
ଖଟିବାକୁ କୃଷ୍ଣପାଦେ ।
ଖର୍ବ ଗର୍ବ ତ ମୋତେ ନ ବାଧେ ଗୋ । ୨ ।
ଗୋଇଠା ମାର   ପ୍ରତିଷ୍ଠାକୁ ଛାଡ଼ିଛି
ଶ୍ୟାମ ଅଇଁଠା ଲାଳସେ ଗୋ ।
ଜ୍ଞାନ, କର୍ମ, କାମ,   ଦେଇଛି ମୁଁ ଦାନ
ଶ୍ୟାମବନ୍ଧୁ-ପ୍ରୀତି-ଆଶେ ଗୋ ।
ଗଲେ ଜୀବ ଯିବ ଯେବା ।
ଗଣ୍ଠିଧନ ମୋ କାଳିଆ ସୁନା ଗୋ । ୩ ।

Digitized by srujanika@gmail.com

ଘନସୁନ୍ଦରଙ୍କୁ ମନ ହଜ ଦେଲି,
ବନ-କୁସୁମ ତୋଳାରେ ଗୋ !
ଘଣ୍ଟିଘାଗୁଡ଼ିଆ, ବାଙ୍କଚୂଳିଆଙ୍କୁ ;
ହାର କରିଚି ଗଳାରେ ଗୋ ॥
ଘରୁ ହୋଇଚି ବାହାର ।
ଘେନି କୃଷ୍ଣ-ନାମାବଳୀ-ହାର ଗୋ । ୪ ।

ଉମା ଶଙ୍କରଙ୍କୁ ସେବାରେ ମନାଇ,
ପାଇଚି ଏମନ୍ତ ଦୀକ୍ଷା ଗୋ !
ଉଦାସୀନୀ ହୋଇ, ଜାଲି ବନ୍ଧୁଥିବି
କୃଷ୍ଣ ନାମେ ମାଗି ଭିକ୍ଷା ଗୋ ॥
ଉଡ଼ୁ ପଛେ ନିନ୍ଦା-ବାଦା ।
ଉଣା କଥାକୁ ନାହିଁ ଶୋଚନା ଗୋ । ୫ ।

ଚନ୍ଦନଧାଡ଼ିଆ କନ୍ଦର୍ପମୋହନ
ନାଚୁଥାନ୍ତୁ ମୋ ନୟନେ ଗୋ !
ଚିନ୍ତାମଣି ମୋର, ଚିତ୍ତର ଘଟରେ;
ରହିଥାନ୍ତୁ ଅନୁକ୍ଷଣେ ଗୋ ।
ଚଉଦ-ଭୁବନ-ଭୂପ ।
ଚେଲାଞ୍ଚଳ-ନିଧି ମୋର ହେଲୁ ଗୋ । ୬ ।

ଛନ୍ଦାଚରଣଙ୍କୁ, ଫନ୍ଦା ମୁଁ କରିଚି
ବନାଇଣ କରମାଳ ଗୋ !
ଛଇଳ ନାଗର, ଛଟା ନଟବର—
ମୂରତି ମୋର ସମ୍ଭାଳ ଗୋ ॥
ଛାଡ଼ିଚି ସକଳ ଆଶା ।
ଛନ୍ନଛାଡ଼ିଙ୍କି କର ଭରସା ଗୋ । ୭ ।

Digitized by srujanika@gmail.com

ଜନ ଅପବାଦେ ଜଳାଞ୍ଜଳି ଦେଲି
ଜପିବାକୁ କୃଷ୍ଣ-ନାମ ଗୋ !
ଝଗଡ ଯାକରେ ନିନ୍ଦା-ଢୋଲ ବାଜୁ
ସମସ୍ତେ ହୁଅନ୍ତୁ ବାମ ଗୋ ॥
ଜାଣିଥାଅ ମୋ ସଜନୀ !
ଜୀବ ଯିବ କୃଷ୍ଣ-ଗୁଣ ଗୁଣି ଗୋ । ୮ ।

ଝରୁ ଥାଉ ମୋର, ନୟନରୁ ନୀର;
ସେହି କୃଷ୍ଣକଥା ଭଲ ଗୋ !
ଝାର୍ଣ-ଶରୀ ହୋଇ, ଗଳି ପଡୁଥିବ
ଧରି କୃଷ୍ଣଜପମାଳ ଗୋ ॥
ଝରୁଥିବ କଳେବର ।
ଝାଡ଼-ବୁଲ ନ ଯାଉ ମୋ ମନୁ ଗୋ । ୯ ।

ଞିୟମ କରଚି, ନିଜ ଦେହେ ମୋର,
ନାହିଁ ଟିକି ଅଧିକାର ଗୋ !
ଞୀଳ ନଳିନ ଶ୍ରୀ— କରଯୁଗ-ପାଶେ
ରାଧା ବନ୍ଧା ନିରନ୍ତର ଗୋ ॥
ନ ରୁଚଇ ମୋତେ ଆନ ।
ନ ଦିଶଇ କେ ତାଙ୍କ ସମାନ ଗୋ । ୧୦ ।

ଟଳି ପଡ଼ୁ ଦେହ ସେ ଶ୍ୟାମ ବିଗ୍ରହ—
ସୁନ୍ଦରଙ୍କୁ କୋଳ କରି ଗୋ !
ଟହ ଟହ ମନ— ମଧୁର ହାସନ୍ତି,
ଦେଖୁଥିବ ନେତ୍ର ଭରି ଗୋ ॥
ଟେକ ଶ୍ରୀମୁଖମାଧୁରୀ ।
ଟାଣପଣ ମୋ ମୁରଲୀଧାରୀ ଗୋ । ୧୧ ।

Digitized by srujanika@gmail.com

ଠଣ ପଙ୍କଜ— ଚରଣ ଯୁଗେ ମନ—
ଧନଙ୍କୁ ଦେଇଛି ବନ୍ଧା ଗୋ !
ଠାଣି ହିରଙ୍ଗିଆ, ସେ ନବରଙ୍ଗିଆ—
ଲାଗି ସଦେ ଏବେ ଧନ୍ଦା ଗୋ ॥
ଠାକୁର ମୋହର ସେହୁ ।
ଠିକେ ବୈଷ୍ଣବ ଦାସ କହଇ ଗୋ । ୧୨ ।

ଡର ଲାଜ ଘୃଣା ଫିଙ୍ଗିଛି ଦୂରକୁ
ଆଉ କାହାକୁ ମୋ ଭୟ ଗୋ !
ଡେଙ୍ଗୁରା ଏ ଗୋପେ, ବାଜୁଥାଉ ପଛେ,
ନେଲି କାଳିଆ-ଆଶ୍ରୟ ଗୋ ॥
ଡୋଳା-ପ୍ରତିମା ମୋ ସେହୁ ।
ଡାକ କହୁଛି ତୁଣ୍ଡ ବଜାଇ ଗୋ । ୧୩ ।

ଢଳି ଗଲେ ନୀର, ଯାଏ କି ନା ବନ୍ଧ;
ସେ କି ଆସଇ ଲେଉଟି ଗୋ !
ଢଗଢମାଳରେ, ଅସଦଣୀମାନେ,
ହସନ୍ତି ତାଳି ଦେଇଣ ଗୋ ॥
ଢଙ୍ଗ ଗୃହୁଣୀଙ୍କ ଥୋଇ ।
ଢାଳିଛି ମୁଁ ମନ ଠାକୁରହିଁ ଗୋ । ୧୪ ।

ଅରୁଣ-କୁଞ୍ଜରେ ତରୁଣୀରଙ୍କାକୁ
କରୁଥିବ ଆଲିଙ୍ଗନ ଗୋ ।
ସରୁ ଅଞ୍ଜନଆଁ, କରୁଣାନିଧି ମୋ
ତରୁମୂଳିଆ ମୋହନ ଗୋ ॥
ଧରୁଛି କେବେ କା ପାଣି ।
ଗରୁ ଅପବାଦକୁ ନ ଶୁଣି ଗୋ । ୧୫ ।

Digitized by srujanika@gmail.com

ତନ୍ତ୍ର ଦେଲେ ଦେବେ, ପଛକେ ଜାଉରୁ;
ତହିଁକି ନାହିଁ ମୋ ଦୁଃଖ ଗୋ ।
ତଗରମାଳଥି, ତନୁ ଶ୍ୟାମଳଥି;
ଢଳେ କୋହ୍ନବେ ବିମୁଖ ଗୋ ॥
ତରଳ ଦର ନୟନେ ।
ତାଙ୍କୁ ଦେଖିଥିବି ଅନୁକ୍ଷଣେ ଗୋ । ୧୬ ।

ଥର ଥର ତର ପଦଣ୍ଡ ସ୍ଥଳର
ବହୁରଙ୍ଗ ମେଳେ ଥାଇ ଗୋ ।
ଥସ୍ତୁରେ ଥାପିଚ, ସେହି ମୂରତିକି,
ହୃଦ-ମନ୍ଦିରେ ପୂଜାଇ ଗୋ ॥
ଥିବାଯାଏ ପିଣ୍ଡେ ପ୍ରାଣ ।
ଥାଇ ମୋର ଶ୍ରୀନନ୍ଦନନ୍ଦନ ଗୋ । ୧୭ ।

ଦରଶୈବା ପାନ- ଅଧରାମୃତରୁ
ଦୟାଳୁସାମନ୍ତ ମୋର ଗୋ !
ଦେବେ କେବେ ଯାଚ, ଦରଶନ ଢାଳେ,
ଦରହସିଆ ସୁନ୍ଦର ଗୋ ॥
ଦୁଃଖିନୀ-ଦୁଃଖପାସୋର,
ଦୀନବନ୍ଧୁ ମୋର ଦୀନସଖା ଗୋ । ୧୮ ।

ଧନ ମୋର ସେହି, ଜନ ମୋର ସେହି
ଧରା ମଧ୍ୟରେଟି ପର ଗୋ !
ଧବଳୀ ଶ୍ୟାମଳୀ— ଧେନୁ ପଛୁଆ ମୋ
ଧୈର୍ଯ୍ୟ ବିବେକ ଦବ୍ୟ ଗୋ ॥
ଧୀର ଲଳିତ ମୂରତି !
ଧ୍ୟାନ ଦେବତା ମୋ ନୀଳ ଦାଶି ଗୋ । ୧୯ ।

Digitized by srujanika@gmail.com

ନଈ ଗାଣ୍ଠ ନଗା, ସେ ହୃଦରଲଗା
ନବୀନ ନାଣ୍ଠୁଅମଣି ଗୋ ।
ନବନାଗରଙ୍କ ଚତ୍ର ନନୋଦଅ;
ନଧୁବନ ନଣାମଣି ଗୋ ।
ନିକୁଞ୍ଜ ନଶୋର ବର ।
ନିତ୍ୟ ନୂତନ ରୂପ ମୋ ସାର ଗୋ । ୨୦ ।

ପଦ୍ମପାଦ ଧୂଳି ଦେଉଥିବ ବୋଲି
ପାପ-ଅଙ୍ଗରେ ମୋଦଣ ଗୋ ।
ପରମ ପଦାର୍ଥ ସେ ହିନା ସଜନ ।
ପାଇବ ତାହା ନ କର ଗୋ ॥
ପ୍ରୀତି-ଚିନ୍ତାମଣିଙ୍କର ।
ପ୍ରିୟା ପଦକୁ ମୁଁ ଅପ୍ପନର ଗୋ । ୨୧ ।

ଫରଶ୍ଚ ହୃଦରୁ ଫିଙ୍ଗି ଦେଉଥିବା;
ଛଡ଼ା ବାସ ଫୁଲହାର ଗୋ ।
ଫୁଲଣା ମନେ ତା, ଯତନେ ଗୋଠାଇ,
ଗଣ୍ଠିରେ ଖଞ୍ଜିବ ମୋର ଗୋ ॥
ଫୁଲ ଉଠିବ ମୋ ଛାତି ।
ଫୁଟା କଣ୍ଟ-ଶିଶ୍ମ ପ୍ରେମେ ମାତି ଗୋ । ୨୨ ।

ବକୁଳ ମାଲତୀ, ଫୁଲେ ମାଳ ଗୁନ୍ଥି
ବଧୂ ଚନ୍ଦନେ ମିଶାଇ ଗୋ ।
ବନ୍ଧୁଙ୍କ ଗଳାରେ ଉପହାର ଦେବି;
ହେବାକେ ମୁଁ ବନ୍ଦୋଇ ଗୋ ॥
ବୋଲି କଗଣ ଭରସା ।
ବିଶ୍ୱମୋହନ ପେନ୍ଦ୍ରବେ ଦଶା ଗୋ । ୨୩ ।

Digitized by srujanika@gmail.com

ଲଗାଇ କେ ହେଉ— ପଛେ ଏଥିପାଇଁ,
ଭାବନା ନାହିଁ ମୋ ଢଳେ ଗୋ ।
ଭୁଲି ତ ଯାଇଚ, ଭାବ ବନୋଦଙ୍କୁ;
ପରେ ହୋଇବେ କ ଭଲେ ଗୋ ॥
ଭାଲଛଳକ ସେ ମୋର ।
ଭଣେ ବୈଷ୍ଣବ ଦାସ ଛର ଗୋ । ୨୪ ।

ମନର ବେଦନା ମନେ କଲି ଚୂନା,
ମରକତ-କାନ୍ତ ଲାଗି ଗୋ ।
ମଧୁର ମୁରଲୀ- ମୋହନୀ ମନ୍ତ୍ରେ
ମୁଁ ତ ହେଲି ଅନୁରାଗୀ ଗୋ ॥
ମନେ ରଖିଥା ମିତଣି !
ମଥାମଣି ମୋର ବେଣୁପାଣି । ୨୫ ।

ଯଶୋଦା ରାଣୀଙ୍କ, ନୟନ ପିତୁଳ
ଯମୁନା-କୂଳଥି ଶ୍ୟାମେ ଗୋ ।
ଯାତ ହୋଇ ନକେ, ପ୍ରାଣ ସମର୍ପିତ,
କୃଷ୍ଣ-କଳଙ୍କିନୀ ନାମେ ଗୋ ॥
ଯତ-ମତ-ଭୁଲ ପ୍ରୀତି ।
ଯିବ କ ମୋ ମନୁ ତ୍ରିଯୁ ଦୂର ଗୋ । ୨୬ ।

ରଙ୍ଗ ଅଧରଙ୍କ ଅଙ୍ଗ-ସଙ୍ଗ ପାଇଁ
ରଙ୍କ ମୋ ଅବୋଧ ଚିତ୍ତ ଗୋ ।
ରସାଣ କାଳଥି, ସୁନା ସୁ-ନାଗର;
ମୋହର ସର୍ବସ୍ୱ ବିତ୍ତ ଗୋ ॥
ରଖାନାହିଁ ତାଙ୍କ ଢନୁ ।
ରସିତ ମୁଁ ରବପୂଜା ହନୁ ଗୋ । ୨୭ ।

Digitized by srujanika@gmail.com

ଲଜ୍ଜା ଧର୍ମ ଏଡ଼ା, ଲଭିଚ ତାହାଙ୍କୁ;
ଲୋକାଗ୍ର କରି ତ୍ୟାଗ ଗୋ ।
ଲେଖି ଚିତ୍ର-ପଟେ, ରଖିଛି ନିକଟେ
ଲୋଡେ ବଳାଇ ସରାଗ ଗୋ ।।
ଲକ୍ଷଣବନ୍ତ ପୁରୁଷ ।
ଲୁଟି କରିଛନ୍ତି ମୋ ମାନସ ଗୋ । ୨୮ ।

ବରଜ ବନାରେ, ବଜାଇ ମୁଖରେ;
ବାଜୁ ଅଙ୍ଗୁଠି ବାଜଣା ଗୋ ।
ବନମାଳୀଥ ମୋ, ଧନମାଳ ବୋଲି,
ସମସ୍ତଙ୍କୁ ଦେଇ ଜଣା ଗୋ ।।
ବସ୍ତୁ ଅପନନ୍ଦା ଦାଣ୍ଡ ।
ବନ୍ଧୁ ଜୀବନର ନନ୍ଦସୁତ ଗୋ । ୨୯ ।

ଶରଣ ମୁଁ ତାଙ୍କ, ଚରଣ ତଳରେ;
ବାରଣ କାର ନ ମାନ୍ତି ଗୋ ।
ଶୁଭ ଅଶୁଭ ତ, କିଛି ନ ଗଣଇଁ;
ଭଲ ମନ୍ଦ ଲାଭ ହାନି ଗୋ ।।
ଶ୍ରୀମୁଖ ମାଧୁରୀ ଦେଖି ।
ଶତ୍ରୁ ଗଞ୍ଜଣା ନ ବାଧେ ସଖି ଗୋ । ୩୦ ।

ଷଣ୍ଢ ମୁଣ୍ଡ-ମୋଡ଼ା କାଳୀୟ ଦଳୁଡ଼ା;
ଷଟ୍ପଦ ମୁଁ ପଦ୍ମଜା ଗୋ ।
ଷୋଳ ଏକ ଊଣା- ବୟସ ନବୀନ—
ଶ୍ରୀକିଶୋର ଚନ୍ଦ୍ରାମଣି ଭଣେ ।
ଷୋଳକଳା ଗତ ବାମ ।
ଷୋଡ଼ଶ ଯୋଗରେ ପୂରୁ ନାମ ଗୋ । ୩୧ ।

Digitized by srujanika@gmail.com

ହସାରର ହାର— ଶୋଭାକୁ ଗୋଟିଏ,
ହର ନିର୍ମିଣେଛୁ ହାହୁ ଗୋ !
ହୁଇଷିକ ହର, ସୁବଳ ସଙ୍ଗିଆ,
ସମସର କେହୁ ନାହିଁ ଗୋ ॥
ସେତ ପ୍ରଣର ସଦନ ।
ସବୁ ଗୋପୀଙ୍କ ମୋଦବର୍ଦ୍ଧନ ଗୋ । ୩୨ ।

ହଳୀପ୍ରିୟ ମୂଳ— ବନ୍ଧାସ୍ତ୍ରୀ ମୋ ମୂଳ,
ହରେଡ-ବସନ ହର ଗୋ !
ହେଙ୍କ ହେଙ୍କ ନଛ, ତ୍ରିଭଙ୍ଗ ମୂରଛ,
ହେବ ଏ ନାଙ୍କ୍ରାଲୁ ପାଶ ଗୋ ॥
ହେ ସଖି ! କହଲ ସତ୍ୟ ।
ହସେ ନେହ୍ନ ହେଉ ଅଶ୍ରୁପାତ ଗୋ । ୩୩ ।

କ୍ଷଣେ ତ ଅନ୍ତର, ହେଲେ ବଂଶୀଧର,
କ୍ଷୋଭସିନ୍ଧୁ ଉଛୁଳଇ ଗୋ !
କ୍ଷମାନିଧାନ ଗୋକୁଳ-କଳାକର
କ୍ଷୀର, ମୁଁ ନୀର ଅଟଇ ଗୋ ॥
କ୍ଷୀଣ ହେଲି ତାଙ୍କୁ ଧ୍ୟାୟି ।
କ୍ଷେମେ ବୈଷ୍ଣବ ଦାସ କହଇ ଗୋ । ୩୪ ।

Digitized by srujanika@gmail.com

ରାଧାକୃଷ୍ଣ ମିଳନ ଚଉତିଶା

(ସୁଦର୍ଶନ ପଟ୍ଟନାୟକ)

ସୁଦର୍ଶନ ପଟ୍ଟନାୟକଙ୍କର ଅନ୍ୟ କୌଣସି କୃତୀ ମିଳନାହିଁ; କିନ୍ତୁ କେବଳ ଏହି ରାଧାକୃଷ୍ଣ ମିଳନ ଚଉତିଶା ଦ୍ୱାରା ତାଙ୍କ ନାମ ଓଡ଼ିଆ ଦେଶରେ ଅମର ହୋଇ ରହିବ । ଯେଉଁସବୁ କ୍ଷୁଦ୍ର ଗୀତିକା ଓଡ଼ିଆ ଜନସାଧାରଣଙ୍କ ନିତ୍ୟ କଣ୍ଠହାର ପଟ୍ଟନାୟକଙ୍କ ଚଉତିଶା ତନ୍ମଧ୍ୟରୁ ଅନ୍ୟତମ ।

କହେ ରାଧା ବିମ୍ବାଧରୀ । କରେ ଦୂତୀ-କର ଧରି କୃଶୋଦରୀ ଗୋ ।
ଆଣ ଆଣ ଯା କୃଷ୍ଣବିହାରୀ
ସଜନି ଗୋ । ୧ ।

ଖଣେ ବିଳମ୍ବ ନ କର । ଖାଇବି ଗରଳ ସହ୍ୟ ନୋହିବ ଗୋ ।
ବେଗେ ଆଣ ଯା ନନ୍ଦକୁମର
ସଜନି ଗୋ । ୨ ।

ଗଳାମାଳ ମୋର ନିଅ । ଗିରିବରଧାରୀ-ଗଳାରେ ଦିଅ ଗୋ ।
ଶୁଭେ ପୂରବ ରଙ୍ଗେ କରାଅ
ସଜନି ଗୋ । ୩ ।

ଘଡ଼ିଏ ନ ରହି ଚଳ । ଘନଶ୍ୟାମଙ୍କୁ ଏ କହିବ ମୋର ଗୋ ।
ତାଙ୍କୁ କୋଟି କୋଟି ନମସ୍କାର
ସଜନି ଗୋ । ୪ ।

ଅଶା ମୋ ନାହିଁ କାହିଁରେ । ଅଇବାକୁ ପଥ ଚାହିଁଛି ଧୀରେ ଗୋ ।
ଦଷ୍ଟା ହେଲେ ହେବ ଜଗତରେ
ସଜନି ଗୋ । ୫ ।

Digitized by srujanika@gmail.com

ଚତୁରକୁ ମୁଁ ଦେଲି ବଡ଼ । ଚକ୍ରଧର କଥା ରଖନ୍ତୁ ଏଣିକ ଗୋ ।
ଯାଇଁ କହ ଯା ବେଣୁପାଣିଙ୍କି
ସଜନ ଗୋ । ୬ ।

ଛଇଳା-ରମଣୀ-ବର । ଛଡ଼ିଲେ ଛଡ଼ନ୍ତୁ ମୁଁ ତ ତାଙ୍କର ଗୋ ।
କଷ୍ଟେ ପ୍ରାଣ ଗଲାଣି ମୋହର
ସଜନ ଗୋ । ୭ ।

ଜାଣି ମୁଁ ନ ଥିଲି ତାଙ୍କୁ । ଜଗନ୍ମୋହନଙ୍କ ମନ୍ତ୍ରଶକ୍ତିକୁ ଗୋ ।
ଜହ୍ନ ବହୁଛି ପ୍ରାଣ ନେବାକୁ
ସଜନ ଗୋ । ୮ ।

ଝୁରି ଝୁରି କ୍ଷୀଣ ତନୁ । ଝିମିଟେ ତା କଥା ନ ଯାଏ ମନୁ ଗୋ ।
ଶୁଣିବାରୁ ତା ମୋହନ ବେଣୁ
ସଜନ ଗୋ । ୯ ।

ଞପୁମ କଣ କହୁଛୁ । ନ ରହିବ ଜୀବ ତାଙ୍କୁ ନ ଦେଖି ଗୋ ।
ମୁଁ ତ ନ ପାରେ ତାଙ୍କୁ ଭୁଲୁଛି
ସଜନ ଗୋ । ୦ ।

ଟାଣେ ଭାଙ୍ଗିଲା ମଦନ । ଟଳି ପଡ଼ିବାକୁ ଅଛି ଜୀବନ ଗୋ ।
ଜଳ ବିହୀନେ ବଞ୍ଚେ କି ମୀନ
ସଜନ ଗୋ । ୧୧ ।

ଠାକୁର ନନ୍ଦଦୁଲାଳ । ଠାଠିକେ ସୁନ୍ଦର ମୟୂର-ଚୂଳ ଗୋ ।
ଦେଖି ଶଚୀ ହେବେ କଷ୍ଟେ ଭୋଳ
ସଜନ ଗୋ । ୧୨ ।

ଡୋଳେ ମୁଁ ଦେଖିଲି ଦନୁ । ଡଙ୍ଗର ନାସିକା ସେ ଫୁଲଧନୁ ଗୋ ।
ଖଣ୍ଡ ଖଣ୍ଡ କଲା ଦନୁ ଦନୁ
ସଜନ ଗୋ । ୧୩ ।

Digitized by srujanika@gmail.com

ଢାଳେ ମୁଁ ହେଲି ନିରାଶା । ଢାଳେ ବନ୍ଧୁ କଲେ ଢଗାଉଦସା ଗୋ ।
ତାହା ବିନୁ ନାହିଁ ମୋ ଭରସା
ସଜନି ଗୋ । ୧୪ ।

ଅପବାଦ ହେଲେ ହେଉ । ଅଲିଅଳ କୃଷ୍ଣ ସଙ୍ଗେ ବନ ଯାଉ ଗୋ ।
କଥା ଯୁଗେ ଯୁଗେ ରହିଥାଉ
ସଜନି ଗୋ । ୧୫ ।

ତାହାଙ୍କୁ କହିବୁ ବୁଝି । ତ୍ରୈଲୋକ୍ୟନାଥ ସେ କି ନ ଜାଣନ୍ତି ଗୋ ।
ନାରିକେଳ ଫଳ ପରି ବୁଦ୍ଧି
ସଜନି ଗୋ । ୧୬ ।

ଥୟ ହେଉ ନାହିଁ ମନ । ଥରେ ଦେବ ଶୁଣି ତା ବଂଶୀସ୍ୱନ ଗୋ ।
ସେ କି ଜାଣେ ତାହାରି ମୋହନ
ସଜନି ଗୋ । ୧୭ ।

ଦିନେ ସେ ଯମୁନାକୂଳେ । ବୃତଭୁଜ ମୋର ଧଇଲେ ବଳେ ଗୋ
ମୋର ଅଧରରେ କର ଦେଲେ
ସଜନି ଗୋ । ୧୮ ।

ଧରି କର ଫିଙ୍ଗି ଦେଲି । ଧର୍ମ ନ ସହିବ ବୋଲି ବୋଇଲି ଗୋ ।
ତାଙ୍କୁ ଧିକ୍କାର ଯେତେ ମୁଁ କଲି
ସଜନି ଗୋ । ୧୯ ।

ନନ୍ଦ ନଉପଣ୍ଡ କଣ୍ଠି । ଗୋଚର ହୋଇଲେ କି ଲୁମ୍ଭ ଠାଣି ହେ ।
ଶୁଣି ହୋଇଲେ ଯେତେ କାରୁଣ୍ୟ
ସଜନି ଗୋ । ୨୦ ।

ପଡ଼ିଲେ ମୋ ପାଦତଳେ । ପାଦଧୂଳି ନେଇ ବୋଳିଲେ ଶିରେ ଗୋ
ଯେତେ ବିନୟ ହୋଇ କହିଲେ
ସଜନି ଗୋ । ୨୧ ।

Digitized by srujanika@gmail.com

ଫାନ୍ଦ ଭଞ୍ଜିଲ ତାହାଙ୍କୁ । ଫଳ ଲୋଡ଼ୁଛୁ କି ଲୋଧବୃଷକୁ ହେ ।
ଅନ୍ନ କହିବ ତୁମ୍ଭ ମାତାଙ୍କୁ
ସଜନି ଗୋ । ୧୨ ।

ବୋଲେ ଶୁଣ ସହଚରୀ । ବୋଇଲା ବୋଲ ନ କଲୁ କିଶୋରି ଗୋ
ଏବେ କିପାଂ ମରୁ ଝୁରି ଝୁରି
ସଜନି ଗୋ । ୧୩ ।

ଭାବବିନୋଦିଆ ହରି । ଭକତଙ୍କ ସଙ୍ଗେ ନିତ୍ୟେ ବିହାରୀ ଗୋ ।
ଭାବ ନ ପାବନ୍ତି ବ୍ରହ୍ମଋଷି
ସଜନି ଗୋ । ୧୪ ।

ମନରେ ଭୋର ବିଗ୍ରହ । ମାଇଲେ ଗୋପରେ ଯେତେ ଅସୁର ଗୋ ।
ବ୍ରହ୍ମା ଇନ୍ଦ୍ର ଗର୍ବ କଲେ ଚୂର
ସଜନି ଗୋ । ୧୫ ।

ଜୀବ ରଖ ଦେଇ ତାଙ୍କୁ । ଯାଅ ଯାଅ ସଖି ! ବୃନ୍ଦାବନକୁ ଗୋ ।
ବେଗ ଆଣ ଯା ପ୍ରାଣଧନକୁ
ସଜନି ଗୋ । ୧୬ ।

ରାଧାର ଏ ବାଣୀ ଶୁଣି । ଉପରେ ଭାଷନ୍ତି ଦୂତୀ କାମିନୀ ଗୋ ।
ବେଶ ହୁଅ ଯା ରମଣୀମଣି !
ମଜନି ଗୋ । ୧୭ ।

ଲାବଣ୍ୟନିଧିକି ନେଇ । ନିକୁଞ୍ଜେ ଚଳିଲେ ଦୂତିକା ସହ ଗୋ ।
ଲକ୍ଷ୍ମୀପତିଙ୍କି ଭେଟିଲେ ଯାଇ
ସଜନି ଗୋ । ୧୮ ।

ବାଳା ଗଳାମାଳ ନେଇ । ବନମାଳୀ କଣ୍ଠେ ଦୂତୀ ଲମ୍ବାଇ ଯେ ।
ରାଧା କହୁଛି ଛୁହାର ହୋଇ
ନାଗର ହେ । ୧୯ ।

Digitized by srujanika@gmail.com

ସହରେ ବନ୍ଦେ ଭଣିବ । ସବୁଦୋଷ ତାର କ୍ଷମା କରିବ ହେ ।
ସେ ତ ନ ଜାଣେ କିସ କହିବ
ନାଗର ହେ । ୩୦ ।

ଶୁଣିଣ ଦୂତୀ ଭାରତୀ । ହେନ୍ଦେ ବନ୍ଦେ ବଳେ ସେ ଲକ୍ଷ୍ମୀପତି ଯେ ।
ରାଧାକୃଷ୍ଣଙ୍କ ଭେଟାଇ ଦୂତୀ
ସୁଜନେ ହେ । ୩୧ ।

ସରସ ହୃଦୟ ହୋଇ । ହରଷେ ରାଧାଙ୍କୁ ବୋଲେ ବଞ୍ଚାଇ ଯେ ।
ରାଧାକୃଷ୍ଣଙ୍କ ମିଳନ ହୋଇ
ସୁଜନେ ହେ । ୩୨ ।

ହରଣୀନେହୀଙ୍କ ଧରି । ହରଷେ ଚୁମ୍ବନ ଦେଲେ ମୁରାରି ଯେ ।
ନାନା ରସେ ପାହିଲା ଶର୍ବରୀ
ସୁଜନେ ହେ । ୩୩ ।

ଉଠିଲେ ରାଧା ପଲଙ୍କ । ଶୁଣ ସୁଦର୍ଶନ ପଟ୍ଟନାୟକ ହେ ।
ହାତଗଣ୍ଡ ସେ ରସଦାୟକ
ସୁଜନେ ହେ । ୩୪ ।

କଟକ ପ୍ରଗତିପ୍ରେସରେ ଶ୍ରୀ ବଳଦେବଚରଣ ପଟ୍ଟନାୟକ ବି.ଏ.ଙ୍କ ଦ୍ୱାରା ମୁଦ୍ରିତ

Digitized by srujanika@gmail.com

ଚଉତିଶା ଚନ୍ଦ୍ରିକା

ଚିଟାଉ ଚଉତିଶା

୧—କନକଶମ୍ଭୁରୁଚ—ସୁନାର ଶିବଲିଙ୍ଗ ପରି ସୁମନୋହର ସ୍ତନ ୨—ଝିଟକହାସୀ—ହସିଲାବେଳେ ଯାହାର ଦାନ୍ତ ସବୁ ମୋତି ପରି ଝିଟି ଝିଟି ଦିଶେ । ଠେକ—ବଡ଼ । ଠିକେ—ନଷ୍ଟେ । ୩—ଢାଳେ—ନଷ୍ଟେ । ଜଳଧର—ମେଘ । ମାନସର—ମାନସ ସରୋବର । ମଧୁକର—ଭ୍ରମର । ଣ୍ଟୁ—ବିନମ୍ର ବଚନ । ୪—ଧନ—ରେ ସଙ୍ଖୋଳି ! ତୁ ଧନ ଅର୍ଥାତ୍ ସମ୍ପଦ ଅଟୁ, ମୁଁ ନିଅଖାଳିଆ ଲୋକ ଥିବାରୁ ତୋ ଉପରେ ମୋର ବଡ଼ ଲୋଭ । କେହ୍ନୁ—କପଟ । ଫୁଲ୍ଲସାରସାକ୍ଷି—ପ୍ରଫୁଲ୍ଲ ପଦ୍ମପରି ଆଖି ଯାହାର ସେ । ଯେନ—ମନୋରଥ । ୫ । ବର୍ତ୍ତୁଳ ଉରଜେ—ଗୋଲାକିଆ ସ୍ତନଉପରେ । ୬ । ବିବେକୀ ସାର—ବିବେକବନ୍ତଙ୍କ ମଧ୍ୟରେ ଶ୍ରେଷ୍ଠ । ଯେମେ—ସର୍ବ ଶୁଭରେ ।

କିଶୋରୀ ଚଉତିଶା

୧—କମଳନେତ୍ର—ପଦ୍ମ-ନୟନ ଶ୍ରୀକୃଷ୍ଣ । କୁଳନେ—କୂଳରେ ୪—ଯେନାଯେନ କର—ସ୍ନେହରେ । ଘାତ୍ରିଆ—ବାଣ ବନ୍ଧାହୋଇଥିବା । ନବାଣ—ବାରଣ କର । ୬—ଛନ୍ଦ କହୁନାହିଁ—କପଟ କର କହୁନାହିଁ କେହ୍ନୁ—କପଟ । ୯—ଝଗଡ଼ା ଦୋଉ—ଭଳ ଦୋଉ । ଅସର—

Digitized by srujanika@gmail.com

ଅବସର, ତଉ । ତନୁ ବକ୍ଷଣ—ଦେହରୂପ ଲତା । ୧୧—ଟାଳଦେଲ
—ଘଉଡେଇଲ । କରଜ—ନଖ । ଜରଗ—ବୁଢ଼ୀ । ୧୨—ଠକୁଥିବେ
—ବୁଝିବେ । ୧୪-ଭ୍ରମ—ବୁଲାଇ କହି । ଦେହୁ-ଦେହ । ୧୯—
ଦୂଷଣ—ନିନ୍ଦା । ୨୨—ଫୁରୁଣା—ଅକନ୍ଦ ।

ସଙ୍ଗିନୀ ଚଉତିଶା

୧ — ରସନିଧି — ରସବନ୍ତ, ରସିକା । କେନ୍ଦୁ—ଢ଼ପର । ୨—
ଝଞ୍ଜଣି ଦାସ—ସେବାଇତ ଲୋକ । ଚମ୍ପକ ଧନ ବର୍ତ୍ତିନ—ଚମ୍ପକ ବା ବୋଲ
ରୂପକ ଦରମା । ଝୁରି ଝୁରିକେ—ଘଣ ଘଣକେ । ୩—ଗୁଣି ହେଉଥାଇ
—ଭାଳଦେଉଥାଏଁ । ଗୁଆଁର—ମୂର୍ଖ । ୪—ଘୂଣିତ—ଘମାଇଲା ପରି
କର । ଘୋଣା—ନାକପୁଡ଼ା । ରଞ୍ଜୁଥାଉ—ମୋହୁ ଥାଉ । ଦେଖିଲେ—
—ଚାହିଁଲେ । ପଡ଼ୁଏ ନରହୁ - - - -କଠିନ—ହୃଦୟ ଫାଟି
ଯାଉଥାଣି, କିନ୍ତୁ ମୋର କଠିନ ସ୍ତନ ବାଜି ବାଜି ତାହା କଠିନ ହୋଇ
ଯାଇଥିବାରୁ ଫାଟୁ ନାହିଁ । ୭—ବ୍ୟାଜେ—କପଟରେ, ମିଛରେ । ୮—
ଜୁଆରୀଙ୍କ—ଜୁଆ ଖେଳାଳ ହାରିଲେ କଣ ଜିଣିଲେ କଣ ଖେଳ ଛାଡ଼ି
ଯାଇପାରେ ନାହିଁ । ୧୦—ନର—ଲୋକେ । ୧୧-ଠାବରେ—ଥଟ୍ଟାରେ
ପ୍ରବଳ କହୁନାହୁଁ—ଉପଟାଙ୍ଗରଥ ହୋଇ କହୁନାହୁଁ । ଦାସବତ୍ସଳା—
ଶ୍ରୀକର ଲୋକ ପ୍ରତି ଦୟାଳୁ । ଟଙ୍କଧରପରଶର—ମହାଦେବଙ୍କ ପର
ଅର୍ଥାତ୍ ଶତ୍ରୁ ଯେ କାମ ତାର ଶର । ୧୨—ହୃଷ୍ଟା—ଉଚ୍ଚ । ୧୩—
କରଜ-ମୂନ—ନଖମୂନ । ଡମ୍ବରୁଧର—ମହାଦେବ । ଭୁରୁ ଶ୍ରୀଭୁଷ—
ଭଲଚାକଣ୍ଟ । ୧୪ । ଉମକଳ—ଗେଲରେ । ୧୫ । ବାସରେ—
ଘରରେ । ରସନା—ଜିଭ । ଦଶନପନ୍ତି—ଦାନ୍ତ । ୧୬ । ଡାହୁଲୁ—
ବାହୁଡ଼ିଗଲୁ । ଖେଦ—ଦୁଃଖ । ୧୮ । ଦୁଇଜଣର ବାସ କଲୁ—ଦୁଇ

Digitized by srujanika@gmail.com

ଦାତକୁ ନୁଗାଢ଼ଗ ଘୋଡ଼ାଇ ପକାଇଲୁ । ୧୯ । ଉତର—ଷର । ୨୧ । ପକାଇଲୁ କାଟି ଦାଗ—ନଜର ଐକାନ୍ତିକ ପ୍ରେମର ପ୍ରମାଣ ରୂପେ ୨୪ । ଭୂଷଣ—ଅଲଙ୍କାର । ୨୨ । ଗ୍ରୀଷ୍ମ—ଚନ୍ଦ୍ର । ୨୯ । ବିପଶିତ—ଭୁଲଃ ଗଛ । ୩୩ । ସ୍ମର—କନ୍ଦର୍ପ ।

ସୀତା ବିଚ୍ଛେଦ ଚଉତିଶା

୪ । ଘଞ୍ଚସଙ୍କ ଉରଜା—ଲଗାଲଗେ ହୋଇ ସୁନ୍ଦର ସ୍ତନ ଥିବା ସ୍ତ୍ରୀ । କୁଳିଶ—ବଜ୍ର । ୫ । ନୀଳକଣ୍ଠ—ମହାଦେବ । ୬ । କୁନ୍ତଳକେଶୀ—କୁଞ୍ଚିତ କୁନ୍ତଳା । ୭ । ଜାଗିମଣ୍ଡନା—ଯେ ଯାଉଫଳ ମଣ୍ଡନ୍ତ୍ୟ । ଛନାଇ—ଚଣ୍ଡାଳ । ୮ । ଜଇଜମାଳା—ପଦ୍ମହାର । ଜାଡ଼ପଦ୍ମିନୀ—ପଦ୍ମିନୀ ଜାତୀୟା ସ୍ତ୍ରୀ । ୧୦ । ଶୋଭ—ସୁନ୍ଦର । ୧୩ । ଡକା—ବିପଦ ପକାଇଲା । ୧୪ ଛମ—ଅଚ୍ଛା ।

କମଳଦଳ ଚଉତିଶା

୨ । ମନ୍ମଥ—ମଦନ, କନ୍ଦର୍ପ । ୬ । ମଘବା—ଇନ୍ଦ୍ର । ଅଳକା—ଚନ୍ଦ୍ରଚନ୍ଦ୍ରଅ ବାଲ । ୭ । ଘୀରେନ୍ଦ୍ର ସୁତାପନ୍ତ ସୁତ—କନ୍ଦର୍ପ । ଛଛନ—ସ୍ୱଚ୍ଛନ୍ଦ । ୧୦ । ତନୁ—ଷୀଣ । ୧୬ । ତପନ ସୁତ—ଯମ । ୧୭ । ପଥ—ଅକାଙ୍କ୍ଷା ୨୨ । ଫଣୀ କୁଣ୍ଡଳ ରିପୁ—ମହାଦେବଙ୍କ ଶତ୍ରୁ କନ୍ଦର୍ପ ୨୭ । ଯାବକ—ଅଳତା । ୨୮ । କୋନ୍ତ—କୁନ୍ତ । ୨୯ । ଅଶନପାନ—ଖିଆପିଆ । ୩୩ । ଶକ୍ର—ଇନ୍ଦ୍ର ।

ସାରଙ୍ଗଦୃତ ଚଉତିଶା

୧ । ସାରଙ୍ଗ—ହେ ହଂସ ସାରଙ୍ଗ ପୃଥିବୀ) ତହିଁର ସାରଙ୍ଗ (ସିଂହ) ତୁଲ୍ୟ ଯେ ସାରଙ୍ଗ (ପଦ୍ମ) ନୟନ ଶ୍ରୀକୃଷ୍ଣ ତାଙ୍କୁ କହିବ ।

Digitized by srujanika@gmail.com

କୁସୁମକାଣ୍ଡ ଅର୍ଥାତ୍ କନ୍ଦର୍ପ, ତାର କାଣ୍ଡ ଅର୍ଥାତ୍ ଶର, ଶରର କାଣ୍ଡ ଅର୍ଥାତ୍ ଖଣ୍ଡ, ତାର ଦାଣ୍ଡରେ ଅର୍ଥାତ୍ ପଥରେ ଆମକୁ କାହିଁକି ଦେଲେ, ପକାଇଲେ ?

ହର ହର ହରକି ଅର୍ଥାତ୍ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଏହି ତିନି ଦେବତାଙ୍କ ସମବାୟ ଶ୍ରୀକୃଷ୍ଣଙ୍କୁ ପଚାରିବ ।

୨ । ଖେଦ ଅକୂପାର—ଦୁଃଖ ସାଗର ପାରିନ୍ଦ୍ରମଧ୍ୟା—କ୍ଷୀଣକଟୀ । ସାଇଁ—ସ୍ୱାମୀ । ଅଧରରୁ ଅମୃତ ଖୁଆଇ ଆମକୁ ଅମୃତ ଅର୍ଥାତ୍ ଅମର କରାଯାଇଥିବାଟାହିଁ ତାଙ୍କର ମହା ଅପରାଧ ।

୩ । ଗୋପର ଜନ—ଗୋପର ସ୍ତ୍ରୀ, ଗୋପାଙ୍ଗନା । ହବାଙ୍କରବନ୍ଧୁପାଦ--ପଦ୍ମପାଦ । ଗୋକୁଳ ଯେ ଗୋପ, ତାର ପାଳ ଅର୍ଥାତ୍ ପାଳକ । ଗୋ ଅର୍ଥ ତାରକା ତାରକା କୁଳର ପାଳ ବା ପାଳକ ଯେ ଆକାଶ ବା ସ୍ୱର୍ଗ ତାର ପାଳ ବା ପାଳକ ନରେନ୍ଦ୍ର—ରାଜା ଅର୍ଥାତ୍ ଇନ୍ଦ୍ର । ଆମ୍ଭେମାନେ ସେହି ଗୋପପାଳକ ଇନ୍ଦ୍ରଙ୍କପଦକୁ ଭୁଞ୍ଜିଲୁ । ସୁମନା--ଫୁଲ ସୁମନା ଅର୍ଥାତ୍ ପ୍ରସନ୍ନମନା । ସୁମନା—ସ୍ତ୍ରୀ । ସୁମନା-ମଣ୍ଡନା—ଫୁଲରେ ମଣ୍ଡିହୋଇଥିବା ।

୪ । ଘନ ଘନ—ଭୁହାକୁଭୁହା । ଘନ —ନବଡ଼, ନଘନ ।

୫ । ନୟନାନନ୍ଦ—ନୟନର ପ୍ରୀତିକାରୀ, ନୀରଜନୟନ—ପଦ୍ମନୟନ ଶ୍ରୀକୃଷ୍ଣ । ନୟନ ନନ୍ଦନ—ଈଶ୍ୱର ପୁଅ ।

୬ । ନଗରେ—ପୁରରେ । ନଗରେ ନଗରେ—ପର୍ବତ ଉପରେ ଓ ବୃକ୍ଷରେ । ରତ—ରମଣସୁଖ । ରଡ ରଡ—ରଡ ରଡକର ଅର୍ଥାତ୍ ଟକଟକ କର । ଚନ୍ଦ୍ରା କହିବାରୁ ରତକ ପ୍ରମାଣ ସୁଖର ସ୍ମୃତି ମନରେ ଦାରୁଣ କଷ୍ଟ ଉପୁଜାଉଅଛି । ତାଙ୍କର ଚନ୍ଦ, ଚନ୍ଦ୍ର ଅର୍ଥାତ୍ ଆନନ୍ଦଦାୟକ, କାନ୍ତ ଯେ ବସନ୍ତକାଳ ତହିଁର କାନ୍ତ ଅର୍ଥାତ୍ ମନୋହର, କାନ୍ତ ବା ଚନ୍ଦ୍ର ହୋଇ ଆମ୍ଭ ମନକୁ ଚନ୍ଦ୍ରକାନ୍ତ ମଣିରୂପେ ତରଳାଉଅଛି ।

Digitized by srujanika@gmail.com

୭ । ଶ୍ରୀକର—ଶ୍ରୀକୃଷ୍ଣ । ଶ୍ରୀବାସ—ଶ୍ରୀକୃଷ୍ଣ । ବନପ୍ରିୟ—ବନଶବଦାଶ୍ୱ । ବନପ୍ରିୟ ପ୍ରିୟ—କୋକିଳ ପ୍ରେମୀ । ବନପ୍ରିୟ ଭାବ—ବୃକୋଦରର ଭାବକୁ ଖଡ଼ିବାରୂପ ଅବଶ୍ୟାସୀ ଭାବ । ଗରବ ଇନ୍ଦ୍ର—ଗଙ୍ଗରେ ଇନ୍ଦ୍ର ପଦ ହୋଇ ।

୮ । ବନ୍ଧୁଜୀବ—ବନ୍ଧୁଲି । ଜାଡ ଦେଲେଶେଯ ଶେଯାନ୍ତି, ପୁଣି ଜାଡ ଅର୍ଥାତ୍ ଜାଇ ଫୁଲରେ ଶେଯ ଶେଯାନ୍ତି ।

୯ । ପୁଷ୍ପକେତୁ—କନ୍ଦର୍ପ, କେତୁଉଦୟ—ପତାକା ଦଶିବାରୁ । ଉଦୟ—ଅମୃତ ଫୁଲ୍ଲପଣିଆ । ମନୁ—ଯୁଗ ।

୧୧ । ମନସ୍ୱର—କୋକିଳ ।

୧୨ । ବଦ୍ରୁମ—ପୋଦ୍ଦଳା । ଅଧର ଅଧର—ଜଳ ଉପର ଅଧର—ଅଧଃ ଅର୍ଥାତ୍ ଜଳପତ୍ରକୁ ସହନ୍ତେ ।

୧୩ । କାନ୍ତ—ମଧୁର । ପୁଲଲଶିଖ—କନ୍ଦର୍ପ । ଶିଶିଖ—ବିଶେଷଭାବେ ମୃନଥି । ଶିଶିଖ—ବାଣ । ଢୋଳାଇବୁ—ଉଡ଼ିବୁ । ଉଙ୍କାରବର—ଠକଙ୍କ ଶ୍ରେଷ୍ଠ । ବରହଧର—ମୟୂରଚନ୍ଦ୍ରିଆ । ଧର ଧର—ମନ୍ଦର ପର୍ବତ ଠେକା ।

୧୪ । ଜୀବନ—ପ୍ରାଣ, ଜୀବନ—ପାଣି, ଜୀବନବନ୍ଧୁ—ପଦ୍ମବନ୍ଧୁ—ଚନ୍ଦ୍ର ବଧୂ—କର୍ପୂର, ବଧୂ—ହଳଦୀ । ଚତୁର—ଗୃହ, ଚତୁର ଗୃହ, ଚତୁର—ବୁଦ୍ଧିମାନ, ଚତୁର ଆନନ—ବ୍ରହ୍ମା ।

୧୫ । ଅତନୁ—ଅଶରୀରୀ, ଅତନୁ—ମଦନ, ଅତନୁ—ଯାହାର କ୍ଷୀଣ ନ ଥିଲା ଏପରି ତନୁକୁ ଅତନୁ ଅର୍ଥାତ୍ ତନୁପଦବାଚ୍ୟ ହେବାକୁ ଅଯୋଗ୍ୟ କରି ସାରିଲଣି । ହରି—ଶ୍ରୀକୃଷ୍ଣ ହର—ହରଣକର । ଏହୁ ବିପଦ—ଏବିପଦରେ ଅମ୍ଭେ ତାଙ୍କୁ ଶ୍ରୀପଦପଦ ଅର୍ଥାତ୍ ଶ୍ରୀପଦର ଆଧାର ଏ ନାମ ଦେବାକୁ ଅକ୍ଷମ ଅଟୁଁ ।

Digitized by srujanika@gmail.com

୧୬ । ମାଧବ—ଶ୍ରୀକୃଷ୍ଣ, ମାଧବ—ମଧୁମାସ । ଅନଳେ—ଦବାଗ୍ନି । ତାଙ୍କ—ତାଙ୍କର ଉତ୍ତସେ ଅର୍ଥାତ୍ ବଷରେ ଅମ୍ଭେମାନେ ତାର ଅର୍ଥାତ ଉଜ୍ଜ୍ୱଳ ତାରହାର ବା ମୋତିହାରର ଶୋଭା ଧରଥାଉଁ; କିନ୍ତୁ ସେ ଗଳାଦନ୍ ଆହାର, ହାର ଏ ସବୁ ଛାଡ଼ି ହାହା ରବ କେବଳ ମୁଖରୁ ଉଛୁଳାଉଅଛୁଁ ।

୧୭ । ଶୃଙ୍ଗରେ—ପୂର୍ଣ୍ଣମୀରେ । ଶୃଙ୍ଗରେ—ଚନ୍ଦ୍ରରେ । ମୋହନ—ଶ୍ରୀକୃଷ୍ଣ । ମୋହନ—ମଧୁର । ବରଜ ଅର୍ଥାତ୍ ବ୍ରଜପୁର, ବରଜଅନ୍ତରେ—ଗୋଗୋଷ୍ଠ ଅଟେ ବରଜ ଅର୍ଥାତ୍ ପଥ ରହୁଅଛି ।

୧୮ । ଦରଦରହାସ—ସ୍ମିତ । ରାଗେ—ଅନୁରାଗରେ । ଦ୍ୱିଜରାଜ—ଚନ୍ଦ୍ର, ଦ୍ୱିଜରାଜରାଜ—ଗରୁଡ଼ର ପ୍ରଭୁ ଶ୍ରୀକୃଷ୍ଣ । ରମା—ସୁନ୍ଦରୀ, ରମା—ସ୍ତ୍ରୀ, ରମା—ସୁନ୍ଦର, ବନା—ବୃନ୍ଦାବନ, ମୃଗ—କସ୍ତୁରୀ, ମୃଗ—ମିରଗ ।

୧୯ । ଅଣ୍ଣା-ଦର ; ନଅଳୀ ଫୁଲକୁ ଧର ନଥାଳୀ ଅର୍ଥାତ୍ ଯାହାଙ୍କର ସଙ୍ଗେ ଅଳୀ ନ ଥାନ୍ତି ସେହି ଶ୍ରୀକୃଷ୍ଣଙ୍କ ମୁଣ୍ଡରେ ଅଳୀ ଅର୍ଥାତ ସଖୀ ଭାବରେ ଖୋସିଦେଉଥାଉଁ ।

୨୧ । ନୃପତହିକ ଶ୍ରୀକୃଷ୍ଣ ରହି ଯାଉ ନରଶ କଲେ ଏହି ଦୁର୍ବିସହ ଦୁଃଖ ଜୀଇବନ୍ତି ସହିବାକୁ ପଡ଼ୁଅଛି । ସୁରପତି ଇନ୍ଦ୍ର ଇନ୍ଦ୍ରପଦ ଛାଡ଼ି ନାଗେଶ୍ୱର ଯେ ଶେଷ ଦେବ ତାଙ୍କପରି ନୀଚରେ ଅର୍ଥାତ୍ ପାତାଳରେ ନାଗେଶ୍ୱର ଅର୍ଥାତ୍ ପାତାଳେଶ୍ୱର ହୋଇ ପୃଥିବୀକୁ ମୁଣ୍ଡାଇଲେ ତାଙ୍କର ଯେପରି ଅଧୋଗତି ଜନିତ ବେଦନା ହୁଅନ୍ତା ଆମ୍ଭର ସେହିପରି ହୋଇ ଅଛି । ସୁପତି ବିପତ୍ତି—ବିପତ୍ତିର ଯେ ବିପତ୍ତି ଅର୍ଥାତ୍ ଖଣ୍ଡନକାରୀ ।

୨୨ । ରହେ—ନିର୍ଜନେ, ଏକାକୀ । ଫରୁଣା······ରାତିରେ ଅନକାଧ ଏକପକ୍ଷ ହୋଇ ଅମ୍ଭର ଫରୁଣା ଯେ ସୁଖ ତାକୁ ନାଶ କରୁଅଛି ।

Digitized by srujanika@gmail.com

୨୩ । ବିପିନ—ବିଶେଷରୂପେ ପୀନ ଅର୍ଥାତ୍ ପାନ୍ତ । ବିପିନ—ବନ । ବିପିନ ଶବଦେ—ବନଜାତ ଶବ୍ଦରେ । ବନମାଳୀ ମାଳୀ—ଶ୍ରୀକୃଷ୍ଣ ମାଳୀ ହୋଇ ।

୨୫ । ବାରଣ—ହାତୀ, ବାରଣ—ନିବାରଣ କରିବା । କେଶରୀ—ସିଂହ । ମଧୁହାରୀ—ମଧୁସୂଦନ । ମଧୁହାରୀ ଗୁଣ—ଭ୍ରମର ଗୁଣ ।

୨୬ । ଜୀବ—ଜଳଭବନ—ଜୀବନ ରୂପକ ଜଳର ବଣ । ଜୀବନଦ—ମେଘ । ଗଣନାରୁ—ଲେଖାରୁ, ତାଲିକାରୁ ।

୨୭ । ରାମ ଲକ୍ଷଣ—କୃଷ୍ଣ ବଳରାମ । ଲକ୍ଷଣ—ଲକ୍ଷଣବନ୍ତ । ରତୀଶ—କନ୍ଦର୍ପ । ଭିତ୍ତିରେ ଚିତ୍ରିତ— କାନ୍ଥରେ ଲେଖା ହୋଇଥିବା ଚିତ୍ର ପ୍ରତିମା ପରି । ରମଣୀର ଅର୍ଥ ପ୍ରୀତିର ମଣିସ୍ୱରୂପା ରମଣୀ ଅର୍ଥାତ୍ ଅଙ୍ଗନାଙ୍କର ମଣି ଅର୍ଥାତ୍ ଅଗ୍ନିପରି ମନେ କରି ଶ୍ରୀବତ୍ସାଙ୍କ ଚାଲିଗଲେ ଓ ଆମ୍ଭର ସବୁସୁଖ ସଙ୍ଗରେ ନେଇଗଲେ ।

୨୮ । ଭ୍ରମର ଭ୍ରମର ଭ୍ରମର—ଭ୍ରମଣଶୀଳ ଭ୍ରମରରୂପ ନାଗର । ଲସ୍ତ—ଲୀନ ।

୩୨ । ପରେତରାଜନ—ଯମ ।

୩୩ । ଦର—ଭୟ । ବିତ୍ତପଦେ—ଅକାଶରେ ।

ଶ୍ରୀରାଧାବିରହ ଚଉତିଶା

୭—ତଣ୍ଡକର ସୁତାପତି—ଯମୁନା ବିହାରୀ । ୯—ଲୁଗଡ଼େ—ବିବାଦକର । ୧୦—ଜୀବ ବନ୍ଧନମୁକ୍ତ—ଖୋଲଣି ପିନ୍ଧାଇଲେ । ୧୧—ବିଷୋର—ପାସୋର । ୧୨—ଛନ୍ଦନା—କପଟତା । ୧୩—ଭାବକ—ଦାହକ, ଅଗ୍ନି । ୨୩—ବନୋଦ୍ଭ—ବନସ୍ପ । ୨୬—ମୃଗ—ଦୃଗ । ୩୪—କ୍ଷାମ୍ୟ—କ୍ଷମ ।

Digitized by srujanika@gmail.com

ଉଦ୍ଧବ ଚଉତିଶା

୭—ଛଡ଼ାଚନ୍ଦ···ଯୋଗବଷ୍ଯୁକ୍ତକଥା । ୧°—ଝଙ୍କଧର ପର୍ହୀଯାନ ହିଂସ୍ର । ୧୪—ତଙ୍କ—ଛଡ଼ାଚନ୍ଦ୍ରଅଦ···ଯୋଗଙ୍କଥା ୧୯—ଧଗ୍ୱଧର—ପଙ୍କଚ୍ଛେଦ । ୨୦—ମାରନଯୋନବାହନ—ହଂସ ।

ରସକଦମ୍ବ ଚଉତିଶା

୨—ବଷ୍ଟନ୍ତ—ବାହୁସ୍ୱାମାନଙ୍କ । ୩—ଗଜ୍ଞ—ସ୍ୱର ଦେଇ । ଘାଉ—ଘାଉଡ଼ । ୧୫—ଅପଧରେ ତ ପଧ କରଇ—ଯେଉଁଠାରେ ପ୍ରୀତି ନ କରିବାର ସେହିଠାରେ କରୁଅଛି । ୨୨—ଫଉଲାଉଛି—ପ୍ରକଟକର ଦେଖାଉଅଛି । ଫନା—ବେଉସା । ୩୦—ବାଞ୍ଛଥାନ୍ତି—ଦୋଷୁଥାନ୍ତି । ଝାହି—ଥଠା ।

——ଫଳବଉଳବେଣୀ ଚଉତିଶା —

୩—ମୀନା—ପହୁଙ୍କା । ୧୮—କଞ୍ଜ—ପଦ୍ମ । ୩୪—ଷଣକାନ୍ତକାନ୍ତ—ବିଦ୍ୟୁତ୍ବରନା ।

କୋଳାହଳ ଚଉତିଶା

ବଧିର—ବିକଳ । ତନ୍—କ୍ଷୀଣ । ୩—ଗୁରୁନତମ୍ବିନୀ—ଗୁରୁଯୌବନୀ । ୭—ଚଣ୍ଡକର—ସୂର୍ଯ୍ୟ । ଚାମୀକର—ସୁନା । ୧୫—ତା ବନତା···ଅର୍ଥାତ୍ କାମ ଆମ୍ଭ ଦୁହିଙ୍କଠାରୁ ବଡ ହୋଇଅଛି । ୧୯—ଶାରଙ୍ଗ ମଣ୍ଡଇ ମଣ୍ଡନ—ଶ୍ରୀକୃଷ୍ଣ ଅଲଙ୍କାର ଖଞ୍ଜିଦଏ ।

Digitized by srujanika@gmail.com

ପ୍ରୀତିଚିନ୍ତାମଣି ଚଉତିଶା

୧—ବିହ୍ୱପଟପ୍ରେମ—ପରକୀୟାପ୍ରୀତି । ୨—ଖେଦଶାନ୍ତି—ଦୁଃଖର ବନ୍ଦନ । ହୃଦକେଦାରେ—ଚିତ୍ତକ୍ଷେତ୍ରରେ । ୫—ଗୁଣାକଥାକୁ—ନିନ୍ଦାକଥାକୁ । ୬—ଚେଲାଞ୍ଚଳନିଧି—ଅଞ୍ଚଳନିଧି । ୭—ଜରମାଳ—ସୂର୍ଯ୍ୟ । ୮—ଛନ୍ଦକାରୀ—ଚିତ୍ତଚମତ୍କାରବାଳା । ୧୩—ବିଧୁ—କର୍ପୂର । ୨୭—ରସାଣକାଳିଆ—ଚିକ୍କଣ କାଳିଆ । ୩୨—ମୋଦ—ଆନନ୍ଦ । ୩୮—ଦଳୀପ୍ରଫୁଲ୍ଲ—କଦମ୍ବମୂଳ । ହରିତବସନ—ପୀତବସନ । ୩୪—ଗୋକୁଳ କଳାକର—ଗୋପଚନ୍ଦ୍ରମା ।

ରାଧାକୃଷ୍ଣମିଳନ ଚଉତିଶା

୧୬—ନାରିକେଳ ଫଳପରି ବୃନ୍ତ—ଉପର ଠାଣ, ଭିତର ସରସ । ୧୭—କାଉଁରି—କମିଆ ।

Digitized by srujanika@gmail.com